




ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୪ ଅଗଷ୍ଟ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 14 AUGUST 2023
Vol.No. 35 ■ No. 214 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆଦିବାସୀ ହିଁ ଦେଶର ପ୍ରକୃତ ମାଲିକ: ରାହୁଲ ଗାନ୍ଧୀ



ନୂଆଦିଲ୍ଲୀ,୧୩/୦୮ : ଆଦିବାସୀଙ୍କୁ ସୀମିତ ଏବଂ ବର୍ଗୀକୃତ କରାଯିବା ଉଚିତ ନୁହେଁ। ସେମାନଙ୍କୁ ଜଙ୍ଗଲ ଜମିରୁ ବି ବଞ୍ଚିତ କରିବା ଅନୁଚିତ୍, ବରଂ ସମଗ୍ର ଗ୍ରହ ସେମାନଙ୍କ ପାଇଁ ଖୋଲା କରିଦିଆଯିବା ଉଚିତ୍ କହିଲେ କଂଗ୍ରେସ ନେତା ରାହୁଲ ଗାନ୍ଧୀ। ଏଥିସହ ସେ ଆହୁରି କହିଛନ୍ତି, ଆଦିବାସୀ ଭାଇ-ଭଉଣୀ ହିଁ ଆମ ଦେଶର ପ୍ରକୃତ ମାଲିକ। ମଣିପୁରରେ ଆଦିବାସୀ ଜମିକୁ ନେଇ ଦୁଇ ସମ୍ପ୍ରଦାୟ ମଧ୍ୟରେ ଉପୁଜିଥିବା ବିବାଦ ଉପରେ ଉଦବେଗ ପ୍ରକାଶ କରି ସେ ଏପରି କହିଛନ୍ତି। ଆଜି ସଂସଦୀୟ କ୍ଷେତ୍ର କେରଳର ୱାୟନାଡର ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ରାହୁଲ ଗାନ୍ଧୀ କହିଛନ୍ତି ଯେ, ଆଦିବାସୀଙ୍କୁ ଆଦୌ ସୀମିତ କି ବର୍ଗୀକୃତ କରାଯିବା ଉଚିତ୍ ନୁହେଁ। ସେମାନେ ହିଁ ଭାରତର ପୁରାତନ ଆଉ ପ୍ରଥମ ମାନବ, ଯାହାଙ୍କୁ ଆଦିମ ବୋଲି କୁହାଯାଏ। ଆଦିବାସୀର ଅର୍ଥ ହେଉଛି ଏକ ନିର୍ଦ୍ଦିଷ୍ଟ ବିଚାର, ଯେଉଁମାନଙ୍କର ପୃଥିବୀ ସହ ଏକ ନିର୍ଦ୍ଦିଷ୍ଟ ବୁଝାମଣା ରହିଛି। ଆଉ ଆମେ ବାସ କରୁଥିବା ଗ୍ରହ ସହ ସେମାନଙ୍କର ଏକ ନିର୍ଦ୍ଦିଷ୍ଟ ସମ୍ପର୍କ ରହିଛି। ସେମାନଙ୍କ ପାଇଁ ସମଗ୍ର ଗ୍ରହ ଉଦ୍ଦିଷ୍ଟ ହେବା ଉଚିତ୍ ବୋଲି ରାହୁଲ ଗାନ୍ଧୀ କହିଛନ୍ତି। ଏଥିସହ ସେ ଆଦିବାସୀ ଏବଂ ବନବାସୀ ଶବ୍ଦକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ସେ କହିଛନ୍ତି, 'ଆମେ ଗୋଟିଏ ପଟେ ଆଦିବାସୀ ସମ୍ବୋଧିତ କରୁଛୁ, କିନ୍ତୁ ସେମାନଙ୍କୁ ବନବାସୀ କହି ଅନେକ କ୍ଷେତ୍ରରୁ ସୀମିତ କରିଦେଉଛୁ। ବନବାସୀ ଶବ୍ଦରେ ଯେଉଁ ଅର୍ଥ ରହିଛି, ତାହା ଖୁବ୍ ଅଜବ। ବନବାସୀ ଶବ୍ଦ ଭାରତର ମୂଳ ବୋଲି ପ୍ରତ୍ୟାଖାନ କରୁଛି ଏବଂ ସେମାନଙ୍କୁ କେବଳ ଜଙ୍ଗଲ ଜମିରେ ହିଁ ସୀମିତ ରଖି ଦେଉଛି।' ଆମ ଆଦିବାସୀ ଭାଇ-ଭଉଣୀ ହେଉଛନ୍ତି ଦେଶର ପ୍ରକୃତ ମାଲିକ ବୋଲି ରାହୁଲ ଗାନ୍ଧୀ କହିଛନ୍ତି। ଲୋକସଭା ସଦସ୍ୟତା ଫେରି ପାଇବା ପରେ ଏହା ରାହୁଲ ଗାନ୍ଧୀଙ୍କ ପ୍ରଥମ ୱାୟନାଡ ଗସ୍ତ। ଏହି ଅବସରରେ ସେ ଗତକାଲି ରାଜ୍ୟର ଆଦିବାସୀ ସମ୍ପ୍ରଦାୟକୁ ଭେଟିଥିଲେ। ସେମାନଙ୍କ ସହ କିଛି ସମୟ ବିତାଇବା ସହ ଭୋଜନ ମଧ୍ୟ କରିଥିଲେ। ଆଜି ୱାୟନାଡର ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଏପରି କହିଛନ୍ତି ରାହୁଲ ଗାନ୍ଧୀ।

## ଓଡ଼ିଶାରେ ମେଣ୍ଟ ହେଲା ଭଳି କୌଣସି କଥା ନାହିଁ: ଅର୍ଜୁନ ମୁଣ୍ଡା



ଭୁବନେଶ୍ୱର, ୧୩/୦୮ (ନି.ପ୍ର):କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ଓଡ଼ିଶା ଗସ୍ତ ପରେ ବିଜେଡି-ବିଜେପି ମେଣ୍ଟକୁ ନେଇ ଚର୍ଚ୍ଚା ବଢୁଥିବା ବେଳେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ଏହାକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାରେ ମେଣ୍ଟ ହେଲା ଭଳି କୌଣସି କଥା ନାହିଁ। ଶ୍ରୀ ମୁଣ୍ଡା କହିଛନ୍ତି, ସବୁ ରାଜ୍ୟର ବିକାଶ କରିବା ପାଇଁ କେନ୍ଦ୍ର ସରକାର ସବୁବେଳେ ପ୍ରୟାସ କରୁଛନ୍ତି। ସବୁ ରାଜ୍ୟ ସହ ମିଶି କାମ କରିବା ପାଇଁ ମଧ୍ୟ କେନ୍ଦ୍ର ସରକାର ସବୁବେଳେ ପ୍ରୟାସ କରନ୍ତି। ଏହା ସରକାରଙ୍କ କାମ। ସଂଗଠନର କାମ ଅଲଗା। ସଂଗଠନ ନିଜ ଢଙ୍ଗରେ ନିର୍ବାଚନ ଲଢ଼େ ଓ ରଣନୀତି କରେ। ସଂଗଠନ କେବେ ସରକାର ଜରିଆରେ କୌଣସି ରଣନୀତି କରେନି।

## ହୋଟେଲ୍‌ରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଯାଜପୁର ରୋଡ୍, ୧୩/୦୮ (ନି.ପ୍ର): ହୋଟେଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର। ତେବେ ଏହା ହତ୍ୟା ନା ଆତ୍ମହତ୍ୟା, ତାହା ଜଣାପଡ଼ି ନାହିଁ। ଯାଜପୁର ରୋଡ୍ ଥାନା ପୁଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଛି। କେନ୍ଦୁଝର ଜିଲ୍ଲା ନନ୍ଦୀପଦା ଗାଁର ରାଜେନ୍ଦ୍ର ପରିଡା ଆଜକୁ ତିନି ମାସ ହେବ ବ୍ୟାସନଗର ବସଷ୍ଟାଣ୍ଡ ସ୍ଥିତ ଏକ ହୋଟେଲରେ ରହୁଥିଲେ। ପ୍ରତିଦିନ ସେ କାମ କରିବାକୁ ଯାଉଥିଲେ ଓ ସନ୍ଧ୍ୟା ବେଳେ ହୋଟେଲ୍‌କୁ ଫେରିଆସୁଥିଲେ।


▶▶ପୃଷ୍ଠା ୭


## ବଳ ଗୋଟାଉଛି କଂଗ୍ରେସ: ୨୦୨୪ ପୂର୍ବରୁ ଫେରିବେ ବହୁ ପୁରୁଖା ନେତା



ଭୁବନେଶ୍ୱର, ୧୩/୦୮ (ନି.ପ୍ର): ଓଡ଼ିଶା କଂଗ୍ରେସର ନୂଆ ଷ୍ଟ୍ରାଟେଜି। ଘର ଛାଡ଼ି ଚାଲିଯାଇଥିବା ନେତାଙ୍କୁ ଫେରାଇ ଆଣିବା ପାଇଁ ଚାଲିଛି ଉଦ୍ୟମ। ଗମାଙ୍ଗ ପରିବାରଙ୍କ ସମେତ କିଛି ପୂର୍ବତନ ବିଧାୟକ ୨୦୨୪ ସାଧାରଣ ନିର୍ବାଚନରେ କଂଗ୍ରେସ ଟିକେଟରୁ ଲଢିବାକୁ ଆଗ୍ରହୀ ଥିବା ଜଣାପଡ଼ିଛି। ଯେଉଁଥିପାଇଁ ଦଳ ପ୍ରସ୍ତୁତି କରୁଛି ରଣନୀତି। ଦଳ ଫେରନ୍ତା ଆଶାୟୀଙ୍କ ମଧ୍ୟରେ ସବୁଠୁ ଆଗରେ ଅଛନ୍ତି ଗମାଙ୍ଗ ପରିବାର। ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ତାଙ୍କ ସ୍ତ୍ରୀ ହେମା ଗମାଙ୍ଗ ଓ ପୁଅ ଶିଶିର ଗମାଙ୍ଗ ଏଇ ମାସ ଶେଷ ସୁଦ୍ଧା କଂଗ୍ରେସରେ ଯୋଗଦେବେ ବୋଲି ଚର୍ଚ୍ଚା ହେଉଛି। ଶିଶିର କଂଗ୍ରେସ ହାଇକମାଣ୍ଡଙ୍କୁ ଭେଟି ଗ୍ରୀନ ସିଗନାଲ୍ ମଧ୍ୟ ପାଇଥିବା କହିଛନ୍ତି। ଗମାଙ୍ଗ ପରିବାର ପରି ଆଉଜଣେ ଈଜଝ ନେତା ଜୟରାମ ପାଙ୍ଗି କଂଗ୍ରେସରେ ଖୁବ୍ ଶୀଘ୍ର ଯୋଗଦେଇପାରନ୍ତି। ଏନେଇ ସେ ଗଣମାଧ୍ୟମକୁ କହିଛନ୍ତି, ବିଆରଏସ୍ ଓଡ଼ିଶା ଫେଲ୍ ମାରିବା ପରେ ରାଜନୈତିକ କ୍ୟାରିୟର ପାଇଁ କଂଗ୍ରେସକୁ ଯାଇପାରନ୍ତି। କେବଳ ଏହି ନେତାମାନେ ନୁହଁନ୍ତି, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ମଧ୍ୟ ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସକୁ ଫେରୁଥିବା ନେଇ ଚର୍ଚ୍ଚା ହେଉଛି। କଂଗ୍ରେସ ମୁହାଁ ନେତା ଏବେ ଦିଲ୍ଲୀରେ ଡେରା ପକାଇଛନ୍ତି।


▶▶ପୃଷ୍ଠା ୭


## ଛୁଆକୁ ଧରି ନଦୀକୁ ଡେଇଁ ପଡ଼ିଲା ବାପା

କଟକ, ୧୩/୦୮ (ନି.ପ୍ର): ନଅ ମାସର ଝିଅକୁ ଧରି ନଦୀକୁ ଡେଇଁ ପଡ଼ିଲା ବାପା। କଟକ ସଦର ଥାନା ସଇଁନ୍ଦା ନିକଟ ସିଢୁଆ ନଦୀରେ ଘଟିଛି ଏହି ଅଘଟଣ। ଛୁଆଟିକୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିବା ବେଳେ ତାଙ୍କ ବାପାଙ୍କର ପତ୍ତା ମିଳିପାରି ନାହିଁ। ପାରିବାରିକ କଳହରୁ ବ୍ୟକ୍ତି ଜଣଙ୍କ ଏପରି ପଦକ୍ଷେପ ନେଇଥିବା ଜଣାପଡ଼ିଛି। ତାଙ୍କ ଘର କନ୍ଦରପୁର ଅଞ୍ଚଳରେ। ତାଙ୍କ ସ୍ତ୍ରୀଙ୍କ ଘର ସଇଁଦାର ସୁମାଣ୍ଡିରେ। ଏହି ବ୍ୟକ୍ତି ଜଣଙ୍କ ଘର ଜ୍ୱାଇଁ ହୋଇ ସୁମାଣ୍ଡିରେ ରହୁଥିଲେ। ସେମାନଙ୍କର ଆଉ ଗୋଟିଏ ଝିଅ ମଧ୍ୟ ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କୌଣସି କଥାକୁ ମନୋମାଳିନ୍ୟ ଥିଲା। ଆଜି ମନ୍ଦିର ବୁଲାଇ ନେବା ବାହାନରେ ବ୍ୟକ୍ତି ଜଣଙ୍କ ତାଙ୍କ ସ୍ତ୍ରୀ ଓ ୯ ମାସର ଝିଅକୁ ଧରି ଘରୁ ବାହାରିଥିଲେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କ'ଣ ହେଲା ଓ ସେମାନେ କାହିଁକି ନଦୀବନ୍ଧ ନିକଟକୁ ଆସିଲେ ଜଣାପଡ଼ିନାହିଁ। ତେବେ ସ୍ଥାନୀୟ ଲୋକଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ବ୍ୟକ୍ତି ଜଣଙ୍କ ଛୁଆଟିକୁ ଧରି ନଦୀ ଆଡ଼କୁ ଯାଉଥିବା ବେଳେ ତାଙ୍କ ସ୍ତ୍ରୀ ବାଧା ଦେବାକୁ ଚେଷ୍ଟା କରିଥିଲେ। କିନ୍ତୁ ସେ ପଥରରେ ତାଙ୍କ ପତ୍ନୀଙ୍କୁ ଆକ୍ରମଣ କରିବାକୁ ପ୍ରୟାସ କରିବା ସହିତ ନଦୀକୁ ଡେଇଁ ପଡ଼ିଥିଲେ। ସେଠାରେ ଉପସ୍ଥିତ କିଛି ଲୋକ ସଙ୍ଗେ ସଙ୍ଗେ ନଦୀକୁ ଡେଇଁ ୯ ମାସର ଛୁଆକୁ ଉଦ୍ଧାର କରିଥିଲେ। ଛୁଆଟିକୁ ନଦୀରୁ ଉଦ୍ଧାର କରି ସେମାନେ ମା' ସହିତ ଡାକ୍ତରଖାନାକୁ ନେଇଥିଲେ। ଛୁଆଟିର ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ଅଗ୍ନିଶମ ବାହିନୀ ପକ୍ଷରୁ ନିଖୋଜ ବ୍ୟକ୍ତିଙ୍କୁ ଖୋଜା ଯାଉଛି।

## ସ୍ୱାଧୀନତା ଦିବସ ପ୍ରସ୍ତୁତି: ଲାଲକିଲ୍ଲାରେ ଫୁଲଡ୍ରେସ୍ ରିହର୍ସଲ

ନୂଆଦିଲ୍ଲୀ, ୧୩/୦୮ (ନି.ପ୍ର): ଦିନକ ପରେ ସ୍ୱାଧୀନତା ଦିବସ । ଏଥିପାଇଁ ରାଜଧାନୀ ଦିଲ୍ଲୀ ଠାରେ ଜୋରଦାର୍ ଚାଲିଛି ପ୍ରସ୍ତୁତି ପର୍ବ । ୧୫ ଅଗଷ୍ଟ ପାଇଁ ରବିବାର ଦିନ ଫୁଲଡ୍ରେସ୍ ରିହର୍ସଲ କରାଯାଇଛି । ଅନ୍ୟପଟେ ସ୍ୱାଧୀନତା ଦିବସ ପାଇଁ ଦିଲ୍ଲୀରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ରାସ୍ତାଗୁଡିକରେ ସୁରକ୍ଷା କଡାକଡି କରାଯାଇଥିବା ବେଳେ ଆକାଶମାର୍ଗରେ ବି ନଜର ରଖାଯାଇଛି । ସୁରକ୍ଷା ବଳୟ ମଧ୍ୟରେ ରହିଛି ପୂରା ରାଜଧାନୀ ।


▶▶ପୃଷ୍ଠା ୭


## ଉତ୍ତରକାଶୀରେ ଭାସିଗଲା ବ୍ରିଜ: ସୀମାନ୍ତ ସହ ଯବାନଙ୍କ ଯୋଗାଯୋଗ ବିଚ୍ଛିନ୍ନ

ଉତ୍ତରକାଶୀ,୧୩/୦୮ : ନଦୀରେ ଭାସି ଗଲା ବ୍ରିଜ୍, ଅନ୍ତର୍ଜାତୀୟ ସୀମା ସହ ଯବାନଙ୍କ ଯୋଗାଯୋଗ ବିଚ୍ଛିନ୍ନ । । ଉତ୍ତରାଖଣ୍ଡର ନେଲାଙ୍ଗ ଘାଟିକୁ ସଂଯୋଗ କରୁଥିବା ବେଲି ବ୍ରିଜର ପିଲର ଭୁଶୁଡିଯାଇଛି । ଗଙ୍ଗା ନଦୀର ଶାଖା ଚୋରଗାଡ ନଦୀ ଉପରେ ଥିବା ବ୍ରିଜଟି ହିମାଚଳ ପ୍ରଦେଶ ସହିତ ସୀମାନ୍ତକୁ ଯୋଡିଥାଏ । ତେବେ ବ୍ରିଜଟି ଭୁଶୁଡିବା ଯୋଗୁ ଆଇଟିବିପି ଜବାନଙ୍କର ଅନ୍ତର୍ଜାତୀୟ ସୀମା ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ବ୍ରିଜର ଏକ ପିଲର ଭୁଶୁଡିବା କାରଣରୁ ପୂରା ବ୍ରିଜଟି ନଦୀରେ ବୁଡିଯାଇଛି ।


▶▶ପୃଷ୍ଠା ୭


## ୧୫ ଜିଲ୍ଲାର ପାଇଁ ୟେଲୋୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୧୩/୦୮ (ନି.ପ୍ର): ଓଡ଼ିଶା ଉପକୂଳ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଥିବା ବେଳେ ମୌସୁମୀ ନିମ୍ନ ଚାପ-ରେଖା ରବିବାର ତାର ସାଧାରଣ ଅବସ୍ଥାନ ଠାରୁ ଉତ୍ତରରେ ଅବସ୍ଥାନ କରୁଥିବାରୁ ରାଜ୍ୟରେ ମୌସୁମୀ ପ୍ରବାହ ଦୁର୍ବଳ ରହିଛି, ଏବଂ ଏହା ଆଜି ଉତ୍ତରପ୍ରଦେଶର ମୁଜାଫରପୁର, ମଧ୍ୟଦେଇ ପଶ୍ଚିମବଙ୍ଗର ବାଲୁରଘାଟରୁ ପୂର୍ବ ଦିଗରେ ମଣିପୁର ଯାଏଁ ଲମ୍ବିଛି। ଏହାର ପ୍ରଭାବରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ଜନିତ ଝଡ଼ବର୍ଷା ଓ ବଜ୍ରପାତର ସମ୍ଭାବନା ରହିଛି । ଭୁଥିବା ପାଣିପାଗ ବିଭାଗର ଭୁବନେଶ୍ୱରସ୍ଥିତ ଆଂଚଳିକ କେନ୍ଦ୍ର ପକ୍ଷରୁ ଏ ନେଇ ସୂଚନା ଦିଆଯାଇଛି । ଦିଆଯାଇଥିବା ସୂଚନା ଅନୁସାରେ ଆସନ୍ତା ୨୪ ଘଂଟା ମଧ୍ୟରେ ଅର୍ଥାତ୍ ୧୪ ଅଗଷ୍ଟ, ସୋମବାର ଅପରାହ୍ନ ସୁଦ୍ଧା ରାଜ୍ୟର ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଗଜପତି, ଅନୁଗୁଳ, ଢ଼େଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଓ ସୁନ୍ଦରଗଡ଼ ପ୍ରଭୃତି ଉପକୂଳ ଓ ପଶ୍ଚିମ ଓଡ଼ିଶାର ୧୫ଟି ଜିଲ୍ଲାରେ କାଳବୈଶାଖୀ ଜନିତ ଝଡ଼ବର୍ଷା ଓ ବଜ୍ରପାତର ସମ୍ଭାବନା ରହଛି। ଏହାକୁ ଦୃଷ୍ଟିରେ ରଖି ଏହି ସମସ୍ତ ଜିଲ୍ଲାକୁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି ।

## ବିଜେପିରେ ଯୋଗଦେବାକୁ ମନାଉଛନ୍ତି ଶୁଭେଚ୍ଛୁ: ଶରଦ ପାୱାର



ନୂଆଦିଲ୍ଲୀ,୧୩/୦୮ : ବିଜେପିରେ ଯୋଗଦେବାକୁ ଚେଷ୍ଟା କରାଯାଉଛି। କିଛି ଶୁଭେଚ୍ଛୁ ଏଥିପାଇଁ ମୋତେ ମନାଇବାକୁ ଚେଷ୍ଟା କରୁଥିବା କହିଲେ ଏନସିପି ମୁଖ୍ୟ ଶରଦ ପାୱାର। ମହାରାଷ୍ଟ୍ରର ସୋଲାପୁର ଜିଲ୍ଲାର ସାଙ୍ଗୋଲାଠାରେ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ଆଜି ଏପରି କହିଛନ୍ତି ପାୱାର। ସେ କହିଛନ୍ତି ଯେ, ଏନସିପିର ଜାତୀୟ ସଭାପତି ଭାବେ ମୁଁ ସ୍ପଷ୍ଟ କରୁଛି ଯେ ମୋ ଦଳ (ଏନସିପି) ବିଜେପି ସହିତ କଦାପି ମିଶିବ ନାହିଁ। ଭାରତୀୟ ଜନତା ପାର୍ଟିର କୌଣସି ନୀତି ସହ ଏନସିପି ନୀତି ମେଳ ଖାଉ ନାହିଁ ବୋଲି ସେ କହିଛନ୍ତି। ତଥାପି ଶୁଭେଚ୍ଛୁମାନେ ମୋତେ ବିଜେପିରେ ମିଶିବା ପାଇଁ ଚେଷ୍ଟା କରୁଛନ୍ତି। କିନ୍ତୁ ସେ ଭାରତୀୟ ଜନତା ପାର୍ଟି ସହ କଦାପି ସମନ୍ୱୟ ରକ୍ଷା କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। କିଛି ଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶରଦ ପାୱାରଙ୍କୁ ଦେଶର ପ୍ରଧାନମନ୍ତ୍ରୀ ହେବାରୁ ବଞ୍ଚିତ ହେବାର କାରଣ କହିଥିଲେ। ସେ କହିଥିଲେ ଶରଦ ପାୱାର ପ୍ରଧାନମନ୍ତ୍ରୀ ହୋଇପାରିଥାନ୍ତେ। କିନ୍ତୁ ବଂଶଗତ ରାଜନୀତି କାରଣରୁ ସେ ଭାରତର ପ୍ରଧାନମନ୍ତ୍ରୀ ହୋଇପାରିଲେନି ବୋଲି ମୋଦୀ କହିଥିଲେ।

## କେମିକାଲ୍ ଗୋଦାମରେ ଭୟାବହ ଅଗ୍ନିକାଣ୍ଡ: ବିସ୍ଫୋରଣରେ ଭୁଶୁଡିଲା ଛାତ ଓ କାନ୍ଥ



ନୂଆଦିଲ୍ଲୀ,୧୩/୦୮ : ଦିଲ୍ଲୀର ଏକ କେମିକାଲ୍ ଗୋଦାମରେ ଭୟାବହ ଅଗ୍ନିକାଣ୍ଡ। ଆଜି ଅପରାହ୍ନରେ ଉତ୍ତର ଦିଲ୍ଲୀର ଆଲିପୁର ଅଞ୍ଚଳରେ ଥିବା ଏହି ରାସାୟନିକ ଗୋଦାମରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ଦିଲ୍ଲୀ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରୁଛନ୍ତି। ଖବର ଲେଖା ହେବା ସୁଦ୍ଧା କୌଣସି କ୍ଷୟକ୍ଷତିର ସୂଚନା ଦିଆଯାଇ ନାହିଁ। ଅଗ୍ନିଶମ ବାହିନୀଙ୍କ କହିବା ଅନୁସାରେ, ଗୋଦାମରେ ନିଆଁ ଲାଗିଥିବା ନେଇ ୩ଟା ସମୟରେ ସେମାନଙ୍କୁ ସୂଚନା ଦିଆଯାଇଥିଲା। ଖବର ପାଇ ୨୦ଟି ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ରସାୟନ ଭର୍ତ୍ତି ଥିବା ଡ୍ରମରେ ନିଆଁ ଲାଗିଥିବାରୁ ପ୍ରବଳ ବିସ୍ଫୋରଣ ହୋଇଥିଲା। ଏହି କାରଣରୁ ଗୋଦାମର ଛାତ ଓ କାନ୍ଥ ଭୁଶୁଡି ପଡିଛି। କିନ୍ତୁ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡି ନାହିଁ ବୋଲି କର୍ମଚାରୀମାନେ କହିଛନ୍ତି। ଏହାପୂର୍ବରୁ ଜୁନ ୧୫ ରେ ଦିଲ୍ଲୀର ମୁଖାର୍ଜୀ ନଗର


▶▶ପୃଷ୍ଠା ୭


## ଡିସେମ୍ବରରେ ହେବ ବିଧାନସଭା ନିର୍ବାଚନ ?: ପାଗ ଭିଡିଲେଣି ତିନି ଦଳ





ଭୁବନେଶ୍ୱର , ୧୩/୦୮ (ନି.ପ୍ର): ଡିସେମ୍ବରରେ ହେବ କି ଓଡ଼ିଶା ବିଧାନସଭା ନିର୍ବାଚନ ? ଏହାକୁ ନେଇ ଚର୍ଚ୍ଚା ଏବଂ କଳ୍ପନାଜଳ୍ପନା। ବର୍ତ୍ତମାନର ଘଟଣାକ୍ରମକୁ ନେଇ ଲୋକସଭା ନିର୍ବାଚନ ପୂର୍ବରୁ ଓଡ଼ିଶାରେ ବିଧାନସଭା ନିର୍ବାଚନ ହୋଇପାରେ ବୋଲି ଅନୁମାନ କରାଯାଉଛି। ଡିସେମ୍ବର ମାସରେ ବିଧାନସଭା ନିର୍ବାଚନ କରାଇବାକୁ ବିଜେଡି ନେତୃତ୍ୱ ପ୍ରସ୍ତୁତ ହେଉଥିବା ଶୁଣାଯାଉଛି। ବିଧାୟକ ଓ ନେତାମାନଙ୍କୁ ପାଖାପାଖି ଦୁଇ ମାସ ପୂର୍ବରୁ ଏ ସଂପର୍କରେ ଇସାରା ଦିଆଯାଇଛି। କୁହାଯାଇଛି ନିଜ ଗଡ଼ ସଜାଡ଼, ବିକାଶ କାମକୁ ତଦାରଖ କର, ଲୋକଙ୍କ ସହ ଯୋଡ଼ିହୁଅ। ସଂଗଠନ ସ୍ତରରେ ମଧ୍ୟ ବ୍ୟାପକ ଅଦଳବଦଳ କରାଯାଇଛି। କେଉଁ ବିଧାୟକ କିମ୍ବା ନେତାଙ୍କ ଜିତିବା ସମ୍ଭାବନା କମ୍ ତାହାର ଆକଳନ ଚାଲିଛି। ନିର୍ବାଚନମଣ୍ଡଳୀ ସ୍ତରରେ ଥିବା ମତଭେଦ ଏବଂ ଗୋଷ୍ଠୀ ବିବାଦକୁ ସମାଧାନ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ତେବେ ଆସନ୍ତା ଡିସେମ୍ବର ମାସରେ ମଧ୍ୟପ୍ରଦେଶ, ତେଲଙ୍ଗାନା, ରାଜସ୍ଥାନ, ଛତିଶଗଡ଼ ଓ ନାଗାଲାଣ୍ଡ ନିର୍ବାଚନ ହେବ। ଅକ୍ଟୋବର ପ୍ରଥମ ସପ୍ତାହରେ ଏସବୁ ରାଜ୍ୟର ନିର୍ବାଚନ ପାଇଁ ନିର୍ବାଚନ କମିସନ୍ ତାରିଖ ଘୋଷଣା କରିପାରନ୍ତି। ଡିସେମ୍ବର ପ୍ରଥମ ସପ୍ତାହରୁ ହୋଇପାରେ ଭୋଟ୍। ଏହି ୫ ରାଜ୍ୟ ସହ ଓଡ଼ିଶା ଭୋଟ କରାଇବାକୁ ବିଜେଡି ନେତୃତ୍ୱ ଚିନ୍ତା କରିଥିବା କୁହାଯାଉଛି। କିନ୍ତୁ ଏଥିପାଇଁ କେନ୍ଦ୍ର ରାଜି ହେବା ଆବଶ୍ୟକ। ମହାରାଷ୍ଟ୍ରରେ ପୁଣି ହେବ ଖେଳ?


▶▶ପୃଷ୍ଠା ୭

# ସ୍ୱାଧୀନତା ଅନ୍ଦୋଳନରେ ସମ୍ବଲପୁର ମାଟିର ଭୂମିକା ଅନନ୍ୟ

ସମ୍ବଲପୁର, ୧୩/୦୮ (ନି.ପ୍ର): ଦେଶର ସ୍ୱାଧୀନତା ପାଇଁ ଉଭୟ ସଶସ୍ତ୍ର ସଂଗ୍ରାମ ଓ ଅହିଂସା ଆନ୍ଦୋଳନ କ୍ଷେତ୍ରରେ ସମ୍ବଲପୁରର ଅଗ୍ରଣୀ ଭୂମିକା ବହୁ କାରଣରୁ ଦେଶରେ ବିରଳ ଏବଂ ଅନନ୍ୟ। ଜନସାଧାରଣ, ବିଶେଷ କରି ଛାତ୍ର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଏ ବାବଦରେ ସଚେତନତାର ସହ ପ୍ରଚାର କଲେ ଏ ଅଂଚଳ ଯଥାର୍ଥ ଗୌରବ ପ୍ରାପ୍ତି କରିପାରିବ ବୋଲି କହିଛନ୍ତି ଇତିହାସ ଲେଖକ ଦୀପକ କୁମାର ପଣ୍ଡା। ସମ୍ବଲପୁର ସରକାରୀ ମହାବିଦ୍ୟାଳୟରେ ଆୟୋଜିତ 'ମୋ ମାଟି ମୋ ଦେଶ' ଶୀର୍ଷକ ଆଲୋଚନା ଧାରାର ପ୍ରଥମ ଆଲୋଚନାରେ ଭାଗନେଇ ଶ୍ରୀ ପଣ୍ଡା କହିଲେ ଯେ ବ୍ରିଟିଶ ବିରୋଧରେ କେଉଁଠି ଦିନେ, ମାସେ, ବର୍ଷେ ବା ଦୁଇ ବର୍ଷ ଧରି ସଶସ୍ତ୍ର ସଂଗ୍ରାମ ସମ୍ଭବ ହୋଇଥିଲା। ମାତ୍ର ସମ୍ବଲପୁରରେ ଦୁଇଟି ଚରଣରେ ଦୀର୍ଘ ୨୦ ବର୍ଷ ଧରି ସଂଗ୍ରାମ ହୋଇଥିଲା। ପରାଜୟର ଗ୍ଲାନିରେ ବ୍ରିଟିଶ ଶାନ୍ତି ବୁଝାମଣା ପାଇଁ ଆଗେଇ ଆସି ବିଶ୍ୱାସଘାତକତା ଓ ଷଡଯନ୍ତ୍ର କରି ଅଦାଲତରେ ଅଭିଯୋଗ ଗୁଡ଼ିକ ଖାରଜ ହେବା ସତ୍ତ୍ୱେ ସଂଗ୍ରାମୀମାନଙ୍କୁ ଅଟକବନ୍ଦୀ ରଖି ସେମାନଙ୍କୁ ହତ୍ୟା କାରାଯାଇଥିଲା। ସୁରେନ୍ଦ୍ରଙ୍କ ୩୭ ଓ ଉଦନ୍ତଙ୍କ ୪୭ ବର୍ଷର କାରାବରଣ, ଖିଣ୍ଡା, କୁଲାବିରା, ଘେଁସ, ଲଖନପୁର ସମେତ ବହୁ ପରିବାରର ଅନେକ ସଦସ୍ୟଙ୍କ ଆତ୍ମୋତ୍ସର୍ଗ ସମେତ ବହୁ ବିଶେଷତ୍ୱ ଦ୍ୱାରା ଏ ସଂଗ୍ରାମ ପରିପୁଷ୍ଟ। ସେହିଭଳି କଂଗ୍ରେସକୁ ଓଡିଶାକୁ ଆଣିବାରେ ଏବଂ ଓଡିଶା ଗଠନରେ ଚନ୍ଦ୍ରଶେଖର ବେହେରାଙ୍କ ଭୂମିକା, ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ୧୭ ବର୍ଷର କାରାବରଣ, ଭଗିରଥୀ ପଟ୍ଟନାୟକ, ଦୟାନନ୍ଦ ଶତପଥୀ ଓ ବହୁ ସ୍ୱାଧୀନତା ସଂଗ୍ରାମୀଙ୍କ ଅବିସ୍ମରଣୀୟ ତ୍ୟାଗପୂର୍ଣ୍ଣ ଅଂଶଗ୍ରହଣ, ବହୁ ସଂଗ୍ରାମୀଙ୍କ କାରାବରଣ ତଥା ବିଶେଷ ଘଟଣାକ୍ରମର ଉଲ୍ଲେଖ କରି ସେ ଝାରସୁଗୁଡା-ସମ୍ବଲପୁର-ବରଗଡ଼ କୈନ୍ଦ୍ରିକ ସଂଗ୍ରାମର ମହନିୟତା ପ୍ରତିପାଦିତ କରିଥିଲେ। କଲେଜର ଅଧ୍ୟକ୍ଷା ରାଜଶ୍ରୀ ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଅଖିଳ ବିଶ୍ୱାଳ ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ କଲେଜର ପ୍ରଶାସନିକ ମୁଖ୍ୟ, ଅଧ୍ୟାପକ ଡ. ଉମାଶଙ୍କର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନ ପରିଦର୍ଶନ କଲେ ବିଧାୟକ

ଜୟପୁର, ୧୩/୦୮ (ନି.ପ୍ର): ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନକୁ ଜୟପୁର ବିଧାୟକ ତାରା ପ୍ରସାଦ ବାହନିପତି ପରିଦର୍ଶନ କରିଛନ୍ତି । ଡିଆଇଟି ଅନୁଷ୍ଠାନ ପରିସରରେ ଅଡିଟରିୟମ ପାଇଁ ସ୍ଥାନ ଚିହ୍ନଟ କରାଯାଇଥିଲା । ଅଡିଟେରିୟମ ନିର୍ମାଣ ପାଇ ଡିପିଆର ପ୍ରସୁତ କରିବା ପଇ ଅଧିକ୍ଷଣଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପରିଦର୍ଶନ ସମୟରେ ବିଧାୟକ ବାହିନିପତିଙ୍କ ସହ ରାସ୍ତା ଓ ଗୃହ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଗିରିଧର କନ୍ଦପାଣି, ନିବାହୀଯନ୍ତ୍ରୀ ସୋମନାଥ ତ୍ରିପାଠୀ, କନିଷ୍ଠ ଯନ୍ତ୍ରୀ ସୋରଜ ପ୍ରଧାନ ଉପସ୍ଥିତ ଥିଲେ । ଅନୁଷ୍ଠାନର ଅଧକ୍ଷ ରୁପ ଚନ୍ଦ୍ର ସୋରେନ, ପୂର୍ବତନ ଅଧକ୍ଷ ଡ. ନିଳାଂଚଳ ପ୍ରଧାନ, ଅନୁଷ୍ଠାନ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଦିନ ବନ୍ଧୁ ହାଲବା, ମମତା କୁମାରି ଝୋଡିଆ, ସ୍ୱାତି ସୁଚିସ୍ମିତା ପାତ୍ର, ଗାୟତ୍ରି ବୈଠାରୁ, ଉମାକାନ୍ତି ବାଇପାଇ, କୁସୁମ ପାଣ୍ଡେ ଉପସ୍ଥିତ ଥିଲେ। ପରେ ବିଧାୟକ ସମସ୍ତ କର୍ମଚାରିଙ୍କ ସହ ଆଲୋଚନା କରିଥିଲେ । ଏହି ଆଲୋଚନା ସମୟରେ ବିଧାୟକ କର୍ମଚାରିଙ୍କୁ ଅନୁଷ୍ଠାନ ର ସମସ୍ୟା ପଚାରି ବୁଝିଥିଲେ। ଏବଂ କର୍ମଚାରି ମାନେ ଅନୁଷ୍ଠାନରେ ବହୁତ ସମସ୍ୟା ରହିଥିବା ସହ ଶିକ୍ଷକ ପ୍ରଶିକ୍ଷକ ଓ କର୍ମଚାରୀଙ୍କ ପାଇ କ୍ୱାଟର ସାମିୟକ ତାଲିମ ନେଉ ଥିବା ଶିକ୍ଷକ ମାନଙ୍କ ପାଇ ହେଷ୍ଟେଲ, ଡିଆଇଟିର କ୍ୟାଡେର ରୁଲ ନଥିବା ଅସନ୍ତୋଷ ପ୍ରକଟ କରିଥିଲେ କର୍ମଚାରି।

# କେନ୍ଦୁଝରେ ବନଖଣ୍ଡ ପକ୍ଷରୁ ପାଳିତ ହେଲା ବିଶ୍ୱ ହସ୍ତୀ ଦିବସ

କେନ୍ଦୁଝର, ୧୩/୦୮ (ନି.ପ୍ର): କେନ୍ଦୁଝର ବନଖଣ୍ଡ ତରଫରୁ ଆଜି ବିଶ୍ୱ ହସ୍ତୀ ଦିବସ ଅଡିଟୋରିୟମରେ ପାଳିତ ହୋଇଯାଇଛି । ଏସିଏଫ୍ ଅଶୋକ ଦାସ ଙ୍କ ସଭପତିତ୍ୱରେ ମୁଖ୍ୟ ଅତିଥିଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ହାତୀ ମଣିଷର ନିବିଡ ସମ୍ପର୍କ ବିଷୟରେ ଅବତାରଣା କରିଥିଲେ । ଜଙ୍ଗଲରେ ହାତୀ ଅସୁରକ୍ଷିତ ହୋଇପଡିଥିବାରୁ ଗାଁ ମୁହାଁ ହୋଇ ବ୍ୟାପକ ଧନଜୀବନ ହାନୀ କରୁଛି । ହାତୀଙ୍କ ସୁରକ୍ଷା ସମସ୍ତଙ୍କର କର୍ତବ୍ୟ ବୋଲି ସେ କହିଥିଲେ । ସମ୍ମାନୀତ ଅତିଥିଭାବେ ପୌରାଧକ୍ଷା ନିକୁ ସାହୁ ଗଜରାଜ କୁ ଗଣେଶ ଙ୍କ ସହ ତୁଳନା କରି ହାତୀମାନଙ୍କ ସୁରକ୍ଷା ପାଇଁ ଜଙ୍ଗଲରେ ପର୍ଯ୍ୟାପ୍ତ ପରିମାଣର ସେମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରିବାକୁ କହିଥିଲେ । ହାତୀମାନଙ୍କ ସୁରକ୍ଷା ଏବଂ ସେମାନଙ୍କର ବାସସ୍ଥଳୀର ସୁରକ୍ଷା କରିବା ସହ ମଣିଷ ହାତୀ ମଧ୍ୟରେ ବଢୁଥିବା ତିକ୍ତତାକୁ କିପରି ହ୍ରାସ କରିବା ଉପରେ ସେ ମତବ୍ୟକ୍ତ କରିଥିଲେ । ଜଙ୍ଗଲ କ୍ଷୟ ଯୋଗୁଁ ପରିବେଶ ଉପରେ ତାହାର କୁ ପ୍ରଭାବ ପକାଉଛି । ଏଣୁ ବ୍ୟାପକ ବନୀକରଣ ଆବଶ୍ୟକ । ବିଶେଷ କରି ବନ ବିଭାଗ ପକ୍ଷରୁ ହାତୀମାନଙ୍କ ସୁରକ୍ଷା ପାଇଁ ନିଆଯାଉଥିବା ପଦକ୍ଷେପ ଏବଂ ହାତୀ ଉପଦ୍ରବ ଅଂଚଳର ଲୋକଙ୍କୁ ସତର୍କ କରି ସେମାନଙ୍କର ଧନଜୀବନର ସୁରକ୍ଷା କିଭଳି କରାଯାଇପାରିବ ସେ ଉପରେ ଆଲୋଚନା ହୋଇଥିଲା । ଏହି ଅବସରରେ ଆଜି ସକାଳେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା । ଏହାକୁ ପୌରାଧକ୍ଷା ପତାକା ହଲାଇ ଉଦ୍‌ଘାଟନ କରିଥିଲେ । ଆନନ୍ଦପୁର ବନ୍ୟପ୍ରାଣୀ ଡିଭିଜନର ଏସିଏଫ୍ ପ୍ରଫୁଲ୍ଲ କୁମାର ମଲ୍ଲିକ ରାଜ୍ୟରେ ଜଙ୍ଗଲର ଅବକ୍ଷୟ ଯୋଗୁଁ ବନ୍ୟପ୍ରାଣୀ ଅସୁରକ୍ଷିତ ହୋଇପଡିଥିବା କହିଥିଲେ । କେବଳ ଯେ ବନ୍ୟପ୍ରାଣୀ ଅସୁରକ୍ଷତ ହୋଇପଡିଛନ୍ତି ତାହା ନୁହେଁ ଜଳବାୟୁ ଉପରେ ଏହାର ପ୍ରଭାବ ପଡିଛି । ଫଳରେ ଋତୁଚକ୍ରରେ ମଧ ଅନିୟମିତତା ଦେଖିବାକୁ ମିଳୁଛି । ତେଣୁ ଏବ ଠାରୁ ସଚେତନ ନ ହେଲେ ଆଗକୁ ଏହି କାରଣରୁ ବଡ ବିପଦକୁ ସାମ୍ନା କରିବାକୁ ପଡିବ ବୋଲି ସେ କହିଥିଲେ । ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଏକ ଗଣଦୌଡ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ବନ ବିଭାଗର କର୍ମଚାରୀ ଏବଂ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତା ସାମିଲ ହୋଇଥିଲେ । ଏହି ବନ କର୍ମଚାରୀ, ଗଜସାଥି ଏବଂ ବନ ସୁରକ୍ଷା ସମିତି ସ୍ୟ.ସ୍ୟା ମାନେ ଉପସ୍ଥିତ ଥିଲେ । ଆନନ୍ଦପୁର ବନ୍ୟପ୍ରାଣୀ ଡିଭିଜନର ଏସିଏଫ୍ ପ୍ରଫୁଲ୍ଲ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ରୋହିତ ବେହେରା ସଂଯୋଜନା କରିଥିଲେ ।

# ମିଳିତ ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନରେ ସାମିଲ୍ ହେବେନି ପାର୍ଟ ଟାଇମ୍ କଳା ଓ କ୍ରୀଡ଼ା ଶିକ୍ଷକ

ଭୁବନେଶ୍ୱର, ୧୩/୦୮ (ନି.ପ୍ର): ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ୨୦୧୩ ମସିହା ଠାରୁ ନିଯୁକ୍ତିପ୍ରାପ୍ତ ପାର୍ଟ ଟାଇମ କଳା ଓ କ୍ରୀଡ଼ା ଶିକ୍ଷକମାନଙ୍କୁ ନେଇ ଗଠିତ 'ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ' ଦୀର୍ଘ ୧୧ ବର୍ଷ ଧରି ପାର୍ଟ ଟାଇମ କଳା ଓ କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ଦାବି କରି ବିଧାନସଭା ସମ୍ମୁଖରେ ଧାରଣା ଦେବା ସହ ସରକାରଙ୍କ ସହ ଯୋଗାଯାଗରେ ରହିଆସିଛନ୍ତି। ଗତ ଡିସେମ୍ବର ୨୦୨୨, ବିଧାନସଭାର ଶୀତକାଳୀନ ଅଧିବେଶନରେ ଧାରଣାସ୍ଥଳରୁ ମହାସଂଘର ଏକ ପ୍ରତିନିଧି ମଣ୍ଡଳୀ ମୋରଡ଼ା ବିଧାୟକଙ୍କ ତତ୍ତ୍ୱାବଧାନରେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ରାଜ୍ୟ ସଚିବାଳୟର ତୃତୀୟ ମହଲାକୁ ଯାଇ ରୁପାରୋଶନ ସାହୁ (ଆଇଏଏସ୍)ଙ୍କ ସହ ଆଲୋଚନା କରି ଧରଣାକୁ ସ୍ଥଗିତ ରଖିଥିଲେ। ପରେ ୨୦୨୩ ମାର୍ଚ୍ଚ ମାସ ବଜେଟ ଅଧିବେଶନ ସମୟରେ ପାର୍ଟ ଟାଇମ କଳା ଓ କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀମାନେ ଧାରଣାସ୍ଥଳରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଅଭିମୁଖେ ଅଗ୍ରସର ହେଉଥିବା ବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କ ହସ୍ତକ୍ଷେପ ଫଳରେ ମହାସଂଘର ଏକ ପ୍ରତିନିଧି ମଣ୍ଡଳୀ ସଚିବାଳୟ ଯାଇ ବିସ୍ତୃତ ଭାବେ ଦାବି ସମ୍ବନ୍ଧରେ ଆଲୋଚନା କରିବା ପରେ ସମ୍ମାନନୀୟା ସଚିବ ପ୍ରତିଶ୍ରୁତି ଦେଇଥିଲେ ଯେ ଯଥାଶୀଘ୍ର ମହାସଂଘର ଦାବି ପୂରଣ ନିମନ୍ତେ ପ୍ରଚେଷ୍ଟା କରାଯିବ। ସଚିବଙ୍କ ପ୍ରତିଶ୍ରୁତିକୁ ସମ୍ମାନ ଜଣାଇ ମହାସଂଘ ଆନ୍ଦୋଳନକୁ ସ୍ଥଗିତ ରଖିଥିଲା। ମହାସଂଘ ଆଜି ପର୍ଯ୍ୟନ୍ତ ସରକାରଙ୍କ ବିଭିନ୍ନ ପଦାଧିକାରୀଙ୍କ ସହ ଯୋଗାଯୋଗରେ ଅଛି ଏବଂ ଅନୁଭବ କରିଛନ୍ତି ଯେ, ସରକାର ପୂର୍ବାପେକ୍ଷା ପାର୍ଟ ଟାଇମ କଳା ଓ କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦାବି ବିଗ୍ଚର କରି ନିଷ୍ପତି ନେବା ପାଇଁ ସ୍ଥିର କରିଛନ୍ତି। ମହାସଂଘର ଆଶା, ପ୍ରିୟ ମୁଖ୍ୟମନ୍ତ୍ରୀ କଳା ଓ କ୍ରୀଡ଼ାର ବିକାଶଧାରାରେ ଏକ ମାଇଲ୍ ଖୁଂଟ ପାଲଟିବେ ଏବଂ ଯଥାଶୀଘ୍ର ୧୧ ବର୍ଷ ଧରି ନିଷ୍ଠାର ସହ କାର୍ଯ୍ୟ କରି ଆସୁଥିବା ପାର୍ଟ ଟାଇମ କଳା ଓ କ୍ରୀଡ଼ା ଶିକ୍ଷକମାନଙ୍କୁ ନିୟମିତ କରିବେ ବୋଲି ଆମର ପ୍ରଗାଢ ବିଶ୍ୱାସ ରହିଛି।

# କ୍ୟାପଟେନ ରାଜ ନାରାୟଣଙ୍କ ନେତୃତ୍ୱରେ ବଡଚଣା କଂଗ୍ରେସ ସୁଦୃଢ

ଧର୍ମଶାଳା, ୧୩/୦୮ (ନି.ପ୍ର): କେଉଁ ମୁହୂର୍ତରେ ସାଧାରଣ ନିର୍ବାଚନ ତାରିଖ ଘୋଷଣା ହୋଇପାରେ । ଯାହାକୁ ଦୃଷ୍ଟିରେ ରଖି ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ ଶକ୍ତି ସଂଗ୍ରହ କରିବାରେ ଲାଗିଛନ୍ତି । ଯାଜପୁର ଜିଲାରେ କଂଗ୍ରେସ ଦୃବଳ ଥିବା ବଳେ ବଡଚଣା କଂଗ୍ରେସ ଏବେ ତାର ଶକ୍ତି ଦିନକୁ ଦିନ ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି । ବଡଚଣା କଂଗ୍ରେସର ଯୁବ ନେତା କ୍ୟାପଟେନ ରାଜ ନାରାୟଣ ସଂଗଠନକୁ ଦେଖି ବିରୋଧୀ ଶିବିରରେ ଛନକା ପଶିଛି । ଫେବୃଆରୀ ମାସ ୧୫ ତାରିଖରେ ନିଜ ଉଦ୍ୟମରେ ୧୦- ହଜାରରୁ ଉର୍ଦ୍ଧ ଜନସାଧାରଣଙ୍କୁ ଏକତ୍ର କରାଇ ବ୍ଲକ ଘେରାଉ ଓ ବିଶାଳ ଶୋଭାଯାତ୍ରା କରି ବଡଚଣା ରାଜନୀତିକୁ ସରଗରମ କରିଥିଲା । ଗତ ପଂଚାୟତ ନିର୍ବାଚନରେ ଛୋଟବଡ ମିଶ୍ରଣ ପର୍ବ କରିବା ସହ ବିଜେପି ଜିଲା ପରିଷଦ ପ୍ରାର୍ଥୀ କିଶୋର ଚନ୍ଦ୍ର ରାଉତ ଓ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷା ସୁକ୍ରମଣୀ ପୂର୍ତୀଙ୍କ ଦଳରେ ସାମିଲ କରି ରାଜ୍ୟ ନେତୃ ମଣ୍ଡଳୀ ନେତାଙ୍କ ନଜରକୁ ଆସିଯାଇଥିଲେ । ତେବେ ଏହି କାର୍ଯ୍ୟକ୍ରମକୁ ପର୍ଯ୍ୟାୟ କ୍ରମେ ଚାଲୁ ରଖି ପୁଣି ଏକ ମିଶ୍ରଣ ପର୍ବ ସମସ୍ତଙ୍କୁ ଚକିତ କରିଛି। ବାଲିକୁଦା ହାଟ ପଡିଆଠାରେ ମହାମିଶ୍ରଣ ପର୍ବରେ ବହୁ ବିଜେପି ଓ ବିଜେଡି ନେତା କର୍ମୀ ଦଳ ପରିତ୍ୟାଗ କରି କଂଗ୍ରେସରେ ସାମିଲ ହୋଇଛନ୍ତି । କଂଗ୍ରେସ ନେତା ନିରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ମିଶ୍ରଣ ପର୍ବରେ ଉଦୟଗିରିଠାରୁ ଏକ ବିଶାଳ ଶୋଭାଯାତ୍ରା ଦଳୀୟ ନେତାଙ୍କୁ ମଂଚ ନିକଟକୁ ପାଛୋଟି ଆଣିଥିଲେ । କାର୍ଯ୍ୟକ୍ରମରେ କଟକ ଜିଲା ସଭାପତି ମାନସ ରଂଜନ ଚୌଧୁରୀ ମୁଖ୍ୟ ଅତିଥି,ସମ୍ମାନୀତ ଅତିଥିଭାବେ ପ୍ରଦେଶ କଂଗ୍ରେସ ଉପସଭାପତି ରଂଜିତ ଚୌଧୁରୀ,ସାଧାରଣ ସମ୍ପାଦକ ଜ୍ଞାନରଂଜନ ପଟ୍ଟନାୟକ,ପ୍ରଭାରୀ ଅଜୟ କୁମାର ସାହୁ ଓ ଯାଜପୁର ଜିଲା ସଭାପତି ମନୋଜ କୁମାର ରାଉତଙ୍କ ବହୁ କଂଗ୍ରେସ ନେତୃମଣ୍ଡଳୀ ଯୋଗ ଦେଇଥିଲେ । ଏଭଳି ମିଶ୍ରଣ ପର୍ବକୁ ବିଜେଡି ଓ ବିଜେପି ଦଳ ନେତାମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି ।

# ଇଛାପୁରରେ ଭାଗବତ ଟୁଙ୍ଗୀ ସମ୍ମିଳନୀ

କେନ୍ଦ୍ରାପଡ଼ା, ୧୩/୦୮ (ନି.ପ୍ର): ଶ୍ରୀ ଶ୍ରୀ ବଳଦେବଜୀଉ ଙ୍କର ଇଛାପୁର ମାଉସୀ ମା' ମନ୍ଦିରରେ ଭାଗବତ ଟୁଙ୍ଗୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ବ୍ଲକ ଓ ସହରରେ ଥିବା ଭାଗବତ ଟୁଙ୍ଗୀ ପ୍ରଚାର ସମିତିକୁ ରାଜ୍ୟ ସରକାରଙ୍କ ତରଫରୁ ମିଳିଥିବା ଅନୁଦାନ ସଂପର୍କରେ ଆଲୋଚନା କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟ ସଭାପତି ନଗୁଳୀ ବାବା, ଉପ ସଭାପତି ସୁବ୍ରତ କୁମାର ରାଉତ, ଜିଲ୍ଲା ସଭାପତି ସୁରେନ୍ଦ୍ର ଶତପଥୀ, ସଂପାଦକ ପ୍ରଦୀପ ସାହୁ, ଉପଦେଷ୍ଟା କୂଳମଣୀ ନାୟକ ପ୍ରମୁଖ ଯୋଗ ଦେଇ ସରକାରୀ ସହାୟତା କିପରି ଟୁଙ୍ଗୀର ଉନ୍ନତି ପାଇଁ ଖର୍ଚ୍ଚ କରାଯିବ ସେନେଇ ଏକ କମିଟି ଗଠନ କରିବାକୁ ନିଷ୍ପତି ନିଆଯାଇଛି । ଏହି କାର୍ଯ୍ୟକ୍ରମରେ ବହୁ ଭାଗବତ ଟୁଙ୍ଗୀ ପ୍ରେମୀ, ସଭ୍ୟ, ସଭ୍ୟାମାନେ ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଜୟ କୁମାର ଦାସ, ବଳରାମ ସାହୁ, ଭାରତୀ ସାମଲ, ଅଶୋକ ରାଉତ, ଶିବ ପ୍ରସାଦ ଖୁଣ୍ଟିଆ, ନିତ୍ୟାନନ୍ଦ ଦାସ କାର୍ଯ୍ୟକ୍ରମରେ ସହାୟତା କରିଥିଲେ ।

# ବିଶ୍ୱ ହାତୀ ଦିବସରେ ଉନ୍ମୋଚିତ ହେଲା ୨ ପୁସ୍ତକ

ଭୁବନେଶ୍ୱର, ୧୩/୦୮ (ନି.ପ୍ର): ବିଶ୍ୱ ହାତୀ ଦିବସରେ ୨ ପୁସ୍ତକ ଉନ୍ମୋଚିତ ହୋଇଛି । ଏହି ଦୁଇ ପୁସ୍ତକ ହେଲା ଏଲିଫ୍ୟାଣ୍ଟ କରିଡ଼ର୍ସ ଅଫ୍ ଇଣ୍ଡିଆ ,ଏଲିଫ୍ୟାଣ୍ଟ ରିଜର୍ଭ ଅଫ୍ ଇଣ୍ଡିଆ । ବିଶ୍ୱ ହାତୀ ଦିବସ ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୁପେନ୍ଦର ଯାଦବ ଏହି ପୁସ୍ତକ ଗୁଡିକର ଉନ୍ମୋଚନ କରିଛନ୍ତି । ଶ୍ରୀ ଯାଦବ ଏହି ଅବସରରେ କହିଛନ୍ତି., ଦେଶରେ ପ୍ରୋଜେକ୍ଟ ଏଲିଫାଣ୍ଟ ସଫଳ ହୋଇଛି । ହାତୀ କରିଡରରେ ଓଭର ବ୍ରିଜ କରି ବିକାଶ କାର୍ଯ୍ୟ କରାଯାଉଛି ।

# ଚଣ୍ଡିଖୋଲରେ ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ

ଧର୍ମଶାଳା, ୧୩/୦୮ (ନି.ପ୍ର): ଯାଜପୁର ଜିଲା ଚଣ୍ଡିଖୋଲଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗର ମନ୍ତ୍ରୀ ଇଂ ପ୍ରୀତିରଂଜନ ଘଡାଇ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଅକ୍ଷୟ ପ୍ରଧାନ ପମୁଖ ଯୋଗ ଦେଇଥିଲେ । ବିଭାଗ ପକ୍ଷରୁ ୧ କୋଟି ୪୫ ଲକ୍ଷ ବ୍ୟୟରେ ଏହି କାର୍ଯ୍ୟାଳୟ ଗୃହ ନିର୍ମାଣ କରାଯାଇଛି। ପୂର୍ବରୁ ଏହି କାର୍ଯ୍ୟାଳୟ କଟକଠାରେ କାର୍ଯ୍ୟକ୍ଷମ ହେଉଥିଲା। ଏଠାରେ ଏହି କାର୍ଯ୍ୟାଳୟ ଉଦଘାଟିତ ହେବା ପରେ ଯାଜପୁର ଓ କେନ୍ଦ୍ରାପଡା ଉଭୟ ଜିଲାର ଗ୍ରାମ୍ୟ ଉନ୍ନୟନ ବିଭାଗର ସମସ୍ତ କାର୍ଯ୍ୟ ଏହି କାର୍ଯ୍ୟାଳୟରୁ ହିଁ ତଦାରଖ କରାଯିବ । ସାଧାରଣ ଲୋକେ ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ଜନିତ ବିଭିନ୍ନ ସମସ୍ୟା ନେଇ ସିଧାସଳଖ କାର୍ଯ୍ୟାଳୟରେ ଅଭିଯୋଗ କରିପାରିବେ । ଆଗାମୀ ଦିନରେ ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟକୁ ଆହୁରୀ କ୍ରୀୟାଶୀଳ କରିବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗର ମନ୍ତ୍ରୀ ଇଂ ପ୍ରୀତି ରଂଜନ ଘଡାଇ ତାଙ୍କ ପ୍ରତିକ୍ରୀୟାରେ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ବଡଚଣା ବ୍ଲକ ସଭାପତି ଅରବିନ୍ଦ ସାମଲ,ଜିଲା ପରିଷଦ ସଭ୍ୟ ଗଣେଶ୍ୱର ବରାଳ ଜିତେନ୍ଦ୍ର ନାୟକଙ୍କ ସମେତ ସ୍ଥାନୀୟ ଲୋକ ପ୍ରତିନିଧି ଓ ବରିଷ୍ଠ କର୍ମୀ ଉପସ୍ଥିତ ଥିଲେ ।

# କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅର୍ଥ ମନ୍ତ୍ରଣାଳୟର ଆଂଚଳିକ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୧୩/୦୮ (ନି.ପ୍ର): କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଭାଗବତ କେ କରାଡ଼ଙ୍କ ଅଧ୍ୟକ୍ଷତାରେ ଶନିବାର ଭୁବନେଶ୍ୱର ଠାରେ ଅର୍ଥ ମନ୍ତ୍ରଣାଳୟର ଆଂଚଳିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡ଼ିଶା, ବିହାର, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଭଳି ପୂର୍ବ ଭାରତୀୟ ରାଜ୍ୟରେ ପିଏମ ସ୍ୱନିଧି ଯୋଜନାର ପ୍ରଗତି ଓ ରାଜ୍ୟମାନଙ୍କର ପ୍ରଦର୍ଶନ ସମୀକ୍ଷା କରାଯାଇଛି । ବିଶେଷ କରି ବ୍ୟାଙ୍କମାନଙ୍କ ଦ୍ୱାରା ଫେରାଇ ଦିଆଯାଇଥିବା ଆବେଦନଗୁଡ଼ିକର ସଂଖ୍ୟା ହ୍ରାସ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଏହି ବୈଠକରେ ଓଡ଼ିଶା ସରକାରଙ୍କ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ, ରାଜ୍ୟ/କେନ୍ଦ୍ର ଶାସିତ ପ୍ରଦେଶ ସରକାରଙ୍କ ଅନ୍ୟ ଅଧିକାରୀ, ବିଭିନ୍ନ ରାଜ୍ୟର ମହାନଗର ନିଗମ କମିଶନର ଓ ଏସଏଲବିସି ଆବାହକ, ବିଭିନ୍ନ ସରକାରୀ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ବ୍ୟାଙ୍କର ଆଂଚଳିକ ମୁଖ୍ୟ, ଆବାସ ଓ ସହରାଂଚଳ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ, ଅର୍ଥ ସେବା ବିଭାଗର ଯୁଗ୍ମ ସଚିବ, ୟୁକୋ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ପ୍ରମୁଖ ବୈଠକରେ ଅଂଶଗ୍ରହଣ କରିଥିଲେ। ଅର୍ଥ ରାଷ୍ଟ୍ର ମନ୍ତ୍ରୀ ବିହାର, ଝାଡ଼ଖଣ୍ଡ, ଓଡ଼ିଶା ଓ ପଶ୍ଚିମବଙ୍ଗରେ ପିଏମ ସ୍ୱନିଧି ଯୋଜନା ଅଧୀନରେ ଋଣ ବିତରଣ ପାଇଁ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କେତେଦୂର ଅଗ୍ରଗତି କରିପାରିଛି ସେ ସମ୍ପର୍କରେ ଅନୁଧ୍ୟାନ କରିବା ସହିତ ଯୋଜନାର ସମୀକ୍ଷା କରିଥିଲେ। ବ୍ୟାଙ୍କମାନେ ଫେରାଇ ଦେଇଥିବା ଆବେଦନକୁ ସମୀକ୍ଷା କରିବା ନିମନ୍ତେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପୌର ପ୍ରଶାସନଗୁଡ଼ିକୁ ଅନୁରୋଧ କରିବା ସହିତ ଏସବୁ ଆବେଦନକୁ ସଂଶୋଧନ କରି ପୁନର୍ବାର ଋଣ ମଞ୍ଜୁରି ଓ ବିତରଣ ଲାଗି ଦାଖଲ କରିବାକୁ କହିଥିଲେ। ନିର୍ଦ୍ଧାରିତ ସମୟରେ ଋଣ ବିତରଣ ଲକ୍ଷ୍ୟ ହାସଲ ନିମନ୍ତେ ଶିବିର ଆୟୋଜନ କରିବା ଏବଂ ବ୍ୟାଙ୍କଗୁଡ଼ିକୁ ନୂଆ ଆବେଦନ କରିବାରେ ସହାୟତା ଯୋଗାଇ ଦେବା ଲାଗି ସବୁ ପୌର ପ୍ରଶାସନକୁ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରୋଧ କରିଥିଲେ । ପିଏମ ସ୍ୱନିଧି ଯୋଜନାର ଲକ୍ଷ୍ୟ ହାସଲ ନିମନ୍ତେ ପରସ୍ପର ମଧ୍ୟରେ ସମନ୍ୱୟ ସ୍ଥାପନ କରି କାର୍ଯ୍ୟ କରିବା ନିମନ୍ତେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ସବୁ ବ୍ୟାଙ୍କ ଓ ପୌର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଉଠାଦୋକାନୀ ମାନଙ୍କର ଡିଜିଟାଲ ପଞ୍ଜୀକରଣ ବଢ଼ାଇବା ପାଇଁ ଅଭିନବ ରଣନୀତି ଆପଣାଇବାକୁ କେନ୍ଦ୍ର ମନ୍ତ୍ରୀ ପରାମର୍ଶ ଦେଇଥିଲେ। ପିଏମ ସ୍ୱନିଧି ଯୋଜନାର ହିତାଧିକାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ପ୍ରୋଫାଇଲିଂ ବା ପରିଚୟ ତଥ୍ୟରେ ସୁଧାର ଆଣିବା ଉପରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଯାହାଫଳରେ ସେମାନଙ୍କୁ କେନ୍ଦ୍ର ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନାରେ ସାମିଲ କରାଯାଇପାରିବ । ସୂଚନାଯୋଗ୍ୟ ଯେ ରାସ୍ତାକଡ଼ ଉଠା ଦୋକାନୀଙ୍କ ଆର୍ଥିକ ବିକାଶ ପାଇଁ ସେମାନଙ୍କୁ ବାଧାମୁକ୍ତ ଭାବେ ଶସ୍ତା ଋଣ ଯୋଗାଇ ଦେବା ଏବଂ ସେମାନଙ୍କର ଡିଜିଟାଲ ପଞ୍ଜୀକରଣ କରିବା ଉଦ୍ଦେଶ୍ୟରେ ପିଏମ ସ୍ୱନିଧି ଯୋଜନା କାର୍ଯ୍ୟକାରୀ କରାଯାଉଛି ଯଦ୍ଦ୍ୱାରା ସେମାନଙ୍କର ସଶକ୍ତିକରଣ ହୋଇପାରିବ । ଉଠାଦୋକାନୀ ମାନଙ୍କୁ ଋଣ ସହାୟତା ଯୋଗାଇ ଦେବା କ୍ଷେତ୍ରରେ ଏହି ଯୋଜନା ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି । ଆବାସ ଓ ସହରାଂଚଳ ବ୍ୟାପାର ମନ୍ତ୍ରଣାଳୟ ଏବଂ ଅର୍ଥ ମନ୍ତ୍ରଣାଳୟ ଅଧୀନ ଅର୍ଥ ସେବା ବିଭାଗ ଦ୍ୱାରା ମିଳିତ ଭାବେ ଏହି ଯୋଜନାର ପ୍ରଦର୍ଶନକୁ ନିୟମିତ ଅନୁଧ୍ୟାନ କରାଯାଉଛି । ଫଳରେ ସାରା ଦେଶରେ ଯୋଜନାର ପ୍ରଭାବୀ କାର୍ଯ୍ୟକାରିତା ସୁନିଶ୍ଚିତ ହୋଇପାରୁଛି । ୯ ଅଗଷ୍ଟ ୨୦୨୩ ସୁଦ୍ଧା ୫୬ ଲକ୍ଷ ୭୦ ହଜାର ଆବେଦନକୁ ମଞ୍ଜୁରି ମିଳିଥିବା ବେଳେ ୫୩ ଲକ୍ଷ ୧୯ଟି ଆବେଦନ ବାବଦରେ ୬ ହଜାର ୮୮୩ କୋଟି ଟଙ୍କାର ଋଣ ବିତରଣ କରାଯାଇସାରିଛି ।

# ଅନ୍ତର୍ଜାତିକ ଯୁବ ଦିବସରେ ସବୁଜ ବିଶ୍ୱ ଗଠନରେ ଯୁବକମାନଙ୍କର ଭୂମିକା ସମ୍ପର୍କରେ ଆଲୋଚନାଚକ୍ର

ଭୁବନେଶ୍ୱର, ୧୩/୦୮ (ନି.ପ୍ର): ଅନ୍ତର୍ଜାତୀୟ ଯୁବ ଦିବସରେ ସାମାଜିକ ଅନୁଷ୍ଠାନ ୟୁଥ୍ ଫର ଭଲ୍ୟୁ ର ୱାର୍କ ଏବଂ ସଂଗ୍ରାମୀ ଯୁବଛାତ୍ର ସଂଗଠନର ମିଳିତ ସହଯୋଗରେ ଆଜି ଭୁବନେଶ୍ୱରସ୍ଥିତ ଭେଟାରୀନାରୀ କାଉନସିଲ ସମ୍ମିଳନୀ କକ୍ଷରେ ଅନ୍ତର୍ଜାତୀୟ ଯୁବ ଦିବସ ଉପଲକ୍ଷେ 'ସବୁଜ ପୃଥିବୀ ପାଇଁ ଯୁବକମାନଙ୍କର ଭୂମିକା' ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ବିଶିଷ୍ଟ ପରିବେଶବିତ ତଥା ପ୍ରାକ୍ତନ ବିଧାୟକ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ, ଅଡ଼ଶପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଅରୁଣ କୁମାର ନାୟକ, କମଳା ନେହେରୁ ମହାବିଦ୍ୟାଳୟର ଗୃହ ବିଜ୍ଞାନର ଅଧ୍ୟାପିକା ଡ. ମଧୁସ୍ମିତା ଦାସ ପ୍ରମୁଖ ବକ୍ତା ରୂପେ ଯୋଗ ଦେଇଥିଲେ। ଆଲୋଚନାଚକ୍ରର ପ୍ରାରମ୍ଭରେ ଅନୁଷ୍ଠାନର ସଭାପତି ମୀର ଅହମ୍ମଦ ଅଲ୍ଲୀ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରି କହିଲେ ଯେ, ଚଳିତବର୍ଷ ଆନ୍ତର୍ଜାତିକ ଯୁବ ଦିବସରେ ବିଷୟବସ୍ତୁ ରଖାଯାଇଛି ଯୁବଶକ୍ତିର ଭୂମିକା ସବୁଜ ପୃଥିବୀ ଗଠନରେ। ତେଣୁ ଆମେ ଯେଉଁ ପୃଥିବୀ ଭିତରେ ବାସ କରୁଛେ, ତାହାର ସୁରକ୍ଷା ପାଇଁ ସମାଜର ପ୍ରତ୍ୟେକ ବର୍ଗର ବ୍ୟକ୍ତିଙ୍କୁ ଏକତ୍ରିତ କରି ଯୁବକମାନେ ଏକ ସବୁଜ, ସୁନ୍ଦର ଓ ପ୍ରଦୂଷଣମୁକ୍ତ ପୃଥିବୀ ସୃଷ୍ଟିକରି ପାରିଲେ ଆଗାମୀ ବଂଶଧରମାନେ ସୁରକ୍ଷିତ ରହିପାରିବେ। ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରାକ୍ତନ ବିଧାୟକ ତଥା ପ୍ରେରଣା ଆନ୍ତର୍ଜାତିକ ସବୁଜ ବାହିନୀର ସେନାଦକ୍ଷ ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ କହିଲେ, ଚଳିତବର୍ଷର ଜୁଲାଇ ମାସ ସମଗ୍ର ବିଶ୍ୱର ସର୍ବଶ୍ରେଷ୍ଠ ଉତାପ ବୃଦ୍ଧି ମାସ ଭାବରେ ରେକର୍ଡ଼ଭୁକ୍ତ ହୋଇଛି। ତେଣୁ ବିଶ୍ୱ ପରିବେଶ ବିଜ୍ଞାନୀମାନେ କହିଛନ୍ତି ଯେ, ଏଣିକି ଗ୍ଲୋବାଲ ୱାର୍ମିଂ ନୁହେଁ, ଗ୍ଲୋବାଲ ବଏଲିଂର ସମୟ ଆରମ୍ଭ ହୋଇଛି। ଯାହାଦ୍ୱାରା ଜଳବାୟୁ ପରିବର୍ତନ, ପରିବେଶ ପ୍ରଦୂଷଣ ବୃଦ୍ଧି ପାଇ ପୃଥିବୀ ପୃଷ୍ଠର ପ୍ରାଣୀ ଜଗତ ଓ ଉଦ୍ଭିଦ ଜଗତ ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ ପାଇବାର ସମୟ ଆସିଛି। ଏପରି ସ୍ଥଳେ ଯୁବକମାନେ ଏହି ବିରାଟ ସମସ୍ୟାକୁ ସମାଧାନ କରିବାରେ ପ୍ରମୁଖ ଭୂମିକା ତୁଲାଇଛନ୍ତି। କାରଣ ବିଶ୍ୱରେ ଯେତେକ ନୂତନ ଘଟଣା ଘଟିଛି, ତାହା ଯୁବକମାନଙ୍କ ଦ୍ୱାରା ହିଁ ସମ୍ଭବପର ହୋଇପାରିଛି। ଏଥିରେ ଅଡ଼ଶପୁର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଅରୁଣ କୁମାର ନାୟକ ବକ୍ତବ୍ୟ ପ୍ରଦାନ କରି କହିଲେ, ସୋଲାର ଗ୍ୟାସ୍, ଇସ୍କୁଟି, କାର ଆଦି ଯେତେବେଳେ ଆବିଷ୍କାର ହୋଇସାରିଲାଣି, ଆଜିର ଯୁବକମାନେ ସେହି କ୍ଷେତ୍ରରେ କର୍ମନିଯୁକ୍ତି ପାଇବା ପାଇଁ ଜ୍ଞାନକୌଶଳ ଆହରଣ କଲେ ପୃଥିବୀର ଉତାପ ବୃଦ୍ଧି ହ୍ରାସ ହେବା ସହ ଯୁବକମାନେ ରୋଜଗାରକ୍ଷମ ପାଇଁ ଦକ୍ଷତାର ଅଧିକାରୀ ହୋଇପାରିବେ। ଏଥିରେ କମଳା ନେହେରୁ ମହିଳା ମହାବିଦ୍ୟାଳୟର ଗୃହବିଜ୍ଞାନର ଅଧ୍ୟାପିକା ଡ. ମଧୁସ୍ମିତା ଦାସ ବକ୍ତବ୍ୟ ପ୍ରଦାନ କରି କହିଲେ, ଯୁବକମାନେ କେବଳ ନିଜ ପାଇଁ ଚିନ୍ତା ନ କରି ସମାଜ ପାଇଁ ଚିନ୍ତା କରିବା ନିତାନ୍ତ ଆବଶ୍ୟକ। ତେଣୁ ଆଜିର ଯୁବ ଦିବସ ସବୁଜ ପୃଥିବୀ ସୃଷ୍ଟି ପାଇଁ ଏକ ସଂକଳ୍ପ ଦିବସ ହେଉ। ଏହି ଆଲୋଚନାଚକ୍ରରେ ପ୍ରଜ୍ଞାସ୍ମିତା ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ସଂକଳ୍ପ ନେଇଥିଲେ ଯେ, ଆଗାମୀ ଦିନରେ ସବୁଜ ଓଡ଼ିଶା, ସବୁଜ ଭାରତ ଓ ସବୁଜ ବିଶ୍ୱ ଗଠନ ପାଇଁ ଆମେ ସମ୍ପୂର୍ଣ୍ଣ ରୂପେ ନିଜକୁ ଉତ୍ସର୍ଗ କରିବୁ।

# ଦାଦନ ଖଟିବାକୁ ଯାଇ ଆଦିବାସୀ ଯୁବକଙ୍କ ମୃତ୍ୟୁ

ମାଲକାନଗିରି, ୧୩/୦୮ (ନି.ପ୍ର): ଜିଲ୍ଲାରେ ମିଳିଲା ନାହିଁ ଶ୍ରମିକ ପରିଚୟ ପତ୍ର । ଫଳରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିଲେ । ସେହିଠାରେ ହିଁ ପ୍ରାଣ ହରାଇଛନ୍ତି ମାଲକାନଗିରି ଜିଲ୍ଲାର ଜଣେ ଆଦିବାସୀ ଯୁବକ ପ୍ରଶାନ୍ତ । ସୂଚନାଯୋଗ୍ୟ ଯେ, ମାଲକାନଗିରି ସଦର ମହକୁମା ୧୧୯ କଲୋନୀରେ ଦୀର୍ଘ ବର୍ଷ ଧରି ରହୁଥିଲେ ପ୍ରଶାନ୍ତଙ୍କ ପରିବାର । ତାଙ୍କ ବାପା ଏକ ଚା' ଦୋକାନରେ କାମ କରୁଥିଲେ । ଯେତିକି ରୋଜଗାର ହେଉଥିଲା ସେଥିରେ ପରିବାର ପ୍ରତିପୋଷଣ ହେଉନଥିଲା । ତେଣୁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଶ୍ରମିକ ପରିଚୟ ପତ୍ରଟିଏ ପାଇଁ ପ୍ରଶାନ୍ତ ଆବେଦନ କରିଥିଲେ । ହେଲେ ଦୀର୍ଘ ବର୍ଷ ଧରି ତାଙ୍କୁ ଶ୍ରମିକ ପରିଚୟ ପତ୍ରଟିଏ ମିଳିପାରିନଥିଲା । ଫଳରେ ପରିବାର ଚଳାଇବାକୁ ଯାଇ ପ୍ରଶାନ୍ତ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଥିଲେ । ଗତ ଦୁଇ ବର୍ଷ ଧରି ଆନ୍ଧ୍ର ପ୍ରଦେଶରେ ଖୁବ୍ ଅଳ୍ପ ମଜୁରିରେ କାମ କରୁଥିଲେ ପ୍ରଶାନ୍ତ । ଶୁକ୍ରବାର ଏକ ଠିକା କାର୍ଯ୍ୟ ଚାଲିଥିବା ସ୍ଥାନରେ ତାଙ୍କର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଛି । ଆନ୍ଧ୍ର ପ୍ରଦେଶରୁ ମାଲକାନଗିରି ପର୍ଯ୍ୟନ୍ତ ଶବ ଆଣିବା ଲାଗି ପ୍ରଶାନ୍ତଙ୍କ ସ୍ତ୍ରୀଙ୍କ ପାଖରେ ଅର୍ଥ ନଥିବା ବେଳେ ଠିକା କମ୍ପାନୀ ମଧ୍ୟ ଆଗ୍ରହ ପ୍ରକାଶ କରୁନାହାନ୍ତି । ମାଲକାନଗିରି ଜିଲ୍ଲା ଶ୍ରମ ବିଭାଗ ମଧ୍ୟ ପ୍ରଶାନ୍ତଙ୍କ ମୃତଦେହ ଆଣିବା ଲାଗି କୌଣସି ପ୍ରୟାସ କରୁନଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି ।

# ଗ୍ରୀନଟି ପିଇବା ପୂର୍ବରୁ ଜାଣିବା କଥା

**ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ଗ୍ରୀନ ଟି ଏବେ ଅଧିକାଂଶ ଲୋକେ ପିଉଥିବାର ପ୍ରକାଶ । ତେବେ ଏହି ଗ୍ରୀନଟି ପିଇବା ପୂର୍ବରୁ କେତୋଟି କଥା ଜାଣିବା ନିହାତି ଆବଶ୍ୟବ ବୋଲି କାନାଡ଼ାର ଗବେଷକମାନେ ମତ ଦେଇଛନ୍ତି ।**



- ରକ୍ତ ଅଭାବ ଥିବା ରୋଗୀମାନେ ଗ୍ରୀନଟି ପିଇବା ଅନୁଚିତ । କାରଣ ଏହାର ତତ୍ୱ ଶରୀରରେ ଲୌହର ମାତ୍ରା କମାଇ କ୍ଷତି ପହଂଚାଇଥାଏ ।

- ସକାଳେ ଖାଲିପେଟରେ ଏହା ପିଇଲେ ଅମ୍ଳ ରୋଗ ହେବାର ଆଶଙ୍କା ସର୍ବାଧିକ ।

- ରାତିଭୋଜନ ପୂର୍ବରୁ ଗ୍ରୀନ ଟି ପିଇବା ଉପକାରୀ, ହେଲେ ଭୋଜନ ପରେ ପିଇଲେ ଏହା ନିଦ୍ରାହୀନତା ରୋଗ ସୃଷ୍ଟି କରିଥାଏ ବୋଲି ଗବେଷକଙ୍କ ମତ ।

-ଅତି ବେଶୀରେ ଦିନକୁ ୨ ରୁ ୩ଥର ଏହି ପାନୀୟ ପିଇବା ଉଚିତ । ଅଧିକଥର ପିଇଲେ ମୁଣ୍ଡବିନ୍ଧା, ଡାଇରିଆ, ଅବସାଦ ରୋଗ ହେବାର ଆଶଙ୍କାଥାଏ ।

- ଓଜନ ହ୍ରାସ କରିବାକୁ ଚାହୁଁଥିବା ବ୍ୟକ୍ତି ଗ୍ରୀନଟିକୁ ଗରମ ଥିବା ଅବସ୍ଥାରେ ପିଇବା ଲାଭପ୍ରଦ ।

- କେବେହେଲେ ଗ୍ରୀନଟିକୁ ୬ ମାସ ରଖି ପୁନଃ ବ୍ୟବହାର କରିବା ଅନୁଚିତ । ଏପରି କଲେ ଏହାର ପୋଷକ ତତ୍ତ୍ୱ ହ୍ରାସ ପାଇଥାଏ ।

-ଗର୍ଭବତୀ ମହିଳା ଡାକ୍ତରଙ୍କ ପରାମର୍ଶରେ ହିଁ ଏହା ପିଇବା ଉଚିତ । ନଚେତ୍ ପରିସ୍ଥିତି ଜଟିଳ ହୋଇପାରେ ।

# କୀର୍ତ୍ତନରେ କରତାଳି ବଜାନ୍ତି କାହିଁକି



ଧାର୍ମିକ ମତ ଅନୁଯାୟୀ, କୀର୍ତ୍ତନରେ ସବୁ ଲୋକ ଏକାସାଙ୍ଗରେ ମିଶି କରତାଳି ବଜାଇଥାନ୍ତି । ସମସ୍ତେ ମାନ୍ତି, କରତାଳି ବଜାଇ ଭଗବାନଙ୍କର ନାମ ଜପିଲେ ସବୁ ପାପରୁ ମୁକ୍ତି ମିଳିଥାଏ ।

ବୈଜ୍ଞାନିକକାରଣ ଅନୁଯାୟୀ ଡାକ୍ତର କୁହନ୍ତି, ଆମ ହାତରେ ଏକ୍ୟୁପ୍ରେସରପଏଣ୍ଟ୍ ଅଧିକ ରହିଥାଏ । କରତାଳି ବଜାଇବା ଦ୍ୱାରା ହାତ ପାପୁଲିର ଏକ୍ୟୁପ୍ରେସର ପଏଂଟ ଉପରେ ଭଲରେ ପ୍ରେସର ପଡ଼ିଥାଏ । ଏହାଯୋଗୁଁ ହୃଦରୋଗ, ଫୁସ୍‌ଫୁସ୍ ରୋଗ ଭଳି ଅନେକ ରୋଗ ପାଇଁ ଫଳପ୍ରଦ ହୋଇଥାଏ ଏବଂ କରତାଳି ଶରୀରକୁ ନିରୋଗୀ ରଖିଥାଏ । କରତାଳି ଏକ ପ୍ରକାର ବ୍ୟାୟାମ ଅଟେ । ଏହାଯୋଗୁଁ ରକ୍ତ ସଂଚାରରେ ହୋଇଥିବା ପ୍ରତିବନ୍ଧକୁ ଦୂର କରିବା ସହିତ ରକ୍ତକୁ ବିଶୁଦ୍ଧ କରିବାରେ ମଧ୍ୟ ସାହାଯ୍ୟ କରିଥାଏ ।

# ଅନ୍‌ଲାଇନ୍‌ରେ ଶିଶୁ ବିକ୍ରି



ବର୍ତ୍ତମାନ ସମୟରେ ଜିନିଷ କିଣାବିକା ସହଜ ଏବଂ ସରଳ ଉପାୟ ହେଉଛି ଅନଲାଇନ୍ । ଅନଲାଇନରେ ଉଭୟ ନୂଆ ଓ ପୁରୁଣା ଜିନିଷ ବିକ୍ରି କରାଯାଉଥିବା ବେଳେ ଏମିତି ଜଣେ ଦମ୍ପତି ଅଛନ୍ତି, ଯିଏ ତାଙ୍କ ଶିଶୁକୁ ଅନଲାଇନରେ ବିକ୍ରି କରିବାର ପ୍ରୟାସ କରିଛନ୍ତି । ଚୀନର ୟାଙ୍ଗଝୁରେ ରହୁଥିବା ଏକ ଦମ୍ପତି ନିଜ ଶିଶୁକୁ ବିକ୍ରି କରିବା ପାଇଁ ଇନଷ୍ଟାଣ୍ଡ ମେସେଞ୍ଜର 'କ୍ୟୁକ୍ୟୁ'ର ସାହାରା ନେଇଥିଲେ । ନ୍ୟୁଟ୍ରିସନ ଫ୍ରି ନାମରେ ଶିଶୁର ମୂଲ୍ୟ ୩ ଲକ୍ଷ୍ୟ ୮୦ ହଜାର ରଖିଥିଲେ । ଦୁଇଟି ଅଲଗା ଅଲଗା ପରିବାରରୁ ଟଙ୍କା ନେଇ ତୃତୀୟ ପରିବାରକୁ ସାଢ଼େ ୬ଲକ୍ଷ ଟଙ୍କାରେ ବିକ୍ରି କରିଦେଇଥିଲେ ନିଜ ଶିଶୁକୁ । ଏ ସମ୍ପର୍କରେ ସୂଚନା ପାଇବା ପରେ ଏଭଳି ଟଙ୍କା ଲୋଭୀ ମାତାପିତାଙ୍କୁ ପୋଲିସ ଗିରଫ କରିଛି । ପଚରାଉଚୁରା ସମୟରେ ଚତୁର୍ଥ ସନ୍ତାନକୁ ପାଳିବାର କ୍ଷମତା ନଥିବାର ବୟାନ ଦେଇଥିଲେ ମାତାପିତା । କିନ୍ତୁ ନିଜ ସନ୍ତାନକୁ କାହାକୁ ଦେବା ଏବଂ ଟଙ୍କା ପାଇଁ ବିକ୍ରି କରିବା ଦୁଇଟି ଭିନ୍ନ ଭିନ୍ନ କଥା ।

# ବେଙ୍ଗୁଲିରାଣୀର ବିଷଧର ଚେହେରା



ଏପରି ଅନେକ ଜୀବଜନ୍ତୁ ଆମ ଜୀବଜଗତରେ ବାସ କରନ୍ତି ଯେଉଁମାନେ ଆକାରରେ ଛୋଟ ହେଲେ ମଧ୍ୟ ସମ୍ପୂର୍ଣ୍ଣ ରୂପେ ବିଷାକ୍ତ । ବିଷଧର ବଡ଼ ଜନ୍ତୁମାନଙ୍କର ବିଷ ମଧ୍ୟ ଏମାନଙ୍କ ଶରୀରରେ କୌଣସି ପ୍ରଭାବ ପକାଇ ନଥାଏ । ବର୍ଷାଦିନେ ରଙ୍ଗବେରଙ୍ଗର ଏକ ସେଂଟିମିଟରରୁ ବି ଛୋଟ ଆକର୍ଷଣୀୟ ବେଙ୍ଗ ଦେଖିବାକୁ ମିଳେ । ହେଲେ ଏହି ବେଙ୍ଗଗୁଡ଼ିକ ଦେଖିବାକୁ ଯେତିକି ସୁନ୍ଦର ତାଠାରୁ ଏମାନେ ଅଧିକ ବିଷାକ୍ତ ମଧ୍ୟ ହୋଇଥାନ୍ତି । ଏମାନଙ୍କ ଚର୍ମରୁ ସବୁବେଳେ ଏକ ପ୍ରକାର ଲାଳ ନିଗିଡ଼ିଥାଏ । ଏଥିରେ ୨୦୦ ଗୁଣା ଟକସିନ ଭରି ରହିଥାଏ । ଏହି ବିଷାକ୍ତ ଲାଳ ଥରେ କାହା ଦେହରେଲାଗିଲେ ୧ଘଂଟା ମଧ୍ୟରେ ମୃତ୍ୟୁ ହେବାର ସମ୍ଭାବନା ରହିଥାଏ ।

# ସ୍ୱପ୍ନଦୋଷ ଦୂରକରେ ବୀରଭଦ୍ରାସନ



ପ୍ରଥମେ ସିଧା ଛିଡ଼ା ହୋଇ ଦୁଇ ପାଦ, ଆଣ୍ଠୁ ମିଶାଇ ରଖନ୍ତୁ । ଗୋଇଠି ନିତମ୍ବ, ମୁଣ୍ଡ ସିଧା ଭାବରେ ରହିବ । ଡାହାଣ ଗୋଡ଼କୁ ଆଣ୍ଠୁ ଠାରୁ ଭାଙ୍ଗି ଗୋଇଠିକୁ ବାମ ଗୋଡ଼ର ଜଙ୍ଘ ମୂଳରେ ରଖନ୍ତୁ । ଦୁଇ ହାତକୁ ପ୍ରମାଣ ମୁଦ୍ରାରେ ହୃଦୟ ଉପରେ ରଖନ୍ତୁ । ଡାହାଣ ଆଣ୍ଠୁ ଆସି ବାମ ଗୋଇଠିକୁ ଛୁଇଁ ରଖିବେ । ଶ୍ୱାସର ଗତି ସ୍ୱାଭାବିକ ରହିବ । ଯେତେ ସମୟ ସମ୍ଭବ ରହି ବିଶ୍ରାମ କରି ପୁଣି ପାଦ ବଦଳାଇବେ । ଏହି ଆସନ କରିବା ବେଳେ ଧୈର୍ଯ୍ୟର ସହିତ ଧୀରେ ଧୀରେ ଅଭ୍ୟାସ କରନ୍ତୁ ।ବାଳିକା ବା ମହିଳାମାନେ ଏ ଆସନ କରିବା ଅନୁଚିତ । ଏହି ଆସନ କରିବା ଫଳରେ ଶୀଘ୍ର ପତନରୁ ରକ୍ଷା ମିଳେ, ବ୍ରହ୍ମଚର୍ଯ୍ୟ ରକ୍ଷା ପାଇଁ ଏହା ଉତ୍କୃଷ୍ଟ, ବୀର୍ଯ୍ୟ ବିକାର, ଦୂର କରେ, ମଧୁମେହରୁ ଉପଶମ ମିଳିବ, ସାଇଟିକା, ହାର୍ଣ୍ଣିଆ, ଆଣ୍ଠୁ, ଅଂଟା, ମେରୁଦଣ୍ଡ, ବେକର ମସ୍ତ ପ୍ରକାର ରୋଗ ଦୂର କରେ, ସ୍ୱପ୍ନଦୋଷ ଦୂରକରେ ।

# ଶୁଖିଲା କାଶ ପାଇଁ

- ଉଷୁମ ପାଣିରେ ଅଳ୍ପ ଲୁଣ ପକାଇ ଗାର୍ଗିଲିଂ କରନ୍ତୁ ।

- କାଶ ପାଇଁ ମହୁ ଉତ୍ତମ ମହୋଷଧି । ଏହାକୁ ଗରମ ପାଣି କିମ୍ବା କ୍ଷୀରରେ ମିଶାଇ ସେବନ କରନ୍ତୁ । ତେବେ ଦୁଇବର୍ଷ ତଳର ଶିଶୁଙ୍କୁ ଏହା ଦେବା ଅନୁଚିତ ।



- ଅଦାକୁ ଜଳରେ ଜାକି ଟିକେ ଟିକେ ଚୋବେଇଲେ ଏହା ଗଳାରେ ହେଉଥିବା ଖସ୍ ଖସ୍ ଦୂରକରିବ ।

- ଅଦାକୁ ଛେଚି ଗରମ ପାଣିରେ ପକାଇ ଫୁଟାନ୍ତୁ । ଏହା ଥଣ୍ଡା ହେବାପରେ ଦିନରେ ଥରଟିଏ ସେବନ କରନ୍ତୁ ।

# ମାଆ ପାଇଁ ଦୁଇ ଝିଅ ଖୋଳିଲେ କୂଅ

ବହୁ ଚର୍ଚ୍ଚିତ ଫିଲ୍ମ ବାହୁବଳୀରେ ଜଳାଭିଷେକ ପାଇଁ ମାଆ ଦୂରରୁ ପାଣି ଆଣୁଥିବା ଦେଖି ବାହୁବଳୀ ଶିବଲିଙ୍ଗକୁ ଦେଖାଇ ପାଣି ନିକଟକୁ ଆଣିଥିଲେ । ତେବେ ବାସ୍ତବରେ ଛତିଶଗଡ଼ର କୋରିୟା ଜିଲ୍ଲାର ଦୁଇ ଭଉଣୀ ନିଜ ମାଆଙ୍କ ପାଣି ଆଣିବା କଷ୍ଟକୁ ହୃଦବୋଧ କରି କୂଅ ଖୋଳିବା ଘଟଣା ସମସ୍ତଙ୍କୁ ଚକିତ କରିଛି ।

କଛୋଡ଼ର କସିହିୟାପାରାରେ ଅମର ସିଂ ଗୋଡ଼ ପତ୍ନୀ ଜୁକମୁଲ ଏବଂ ଦୁଇଝିଅ ଶାନ୍ତି ଏବଂ ବିଜ୍ଞାପିତ ସହ ରୁହନ୍ତି । ତେବେ ନିଜ ଅଂଚଳରେ ପାନୀୟ ଜଳର ସମସ୍ୟା ଥିବାରୁ ଜୁକମୁଲ ଦୁଇ କିଲୋମିଟର ଦୂରକୁ ଯାଇ ବାଧ୍ୟ ହୁଅନ୍ତି ପାଣି ଆଣିବାକୁ । ଅନେକ ସମୟରେ ଦୁଇ ଝିଅ ମଧ୍ୟ ମାଆଙ୍କୁ ସହଯୋଗ କରନ୍ତି । ତେବେ ସବୁଦିନର ଏହି ସମ୍ୟାକୁ ଦୂରକରିବା ପାଇଁ ଦୁଇ ଭଉଣୀ ଘର ଆଗରେ କୂଅ ଖୋଳିବାରେ ନିଷ୍ପତି ନେଇଥିଲେ । ସେମାନେ ଯେତେବେଳେ ଏ ସମ୍ପର୍କରେ ବାପା, ମାଆ ଏବଂ ଆଖପାଖ ଅଂଚଳର ଲୋକଙ୍କୁ ଜଣାଇଲେ ସମସ୍ତେ ଏହାକୁ ହସରେ ଉଡ଼ାଇ ଦେଇଥିଲେ । ଏହା ସତ୍ୱେ ହାର୍ ମାନିନଥିଲେ ଦୁଇ ଭଉଣୀ । କୋଡ଼ି ଫାଉଡ଼ା ଧଡ଼ରି ଆରମ୍ଭ କରିଥିଲେ କୂଅ ଖୋଳା । ଦୁଇ ଝିଅଙ୍କ ଏହି ଜିଦ୍‌କୁ ଦେଖି ସହଯୋଗର ହାତ ବଢ଼ାଇଥିଲେ ଗ୍ରାମବାସୀ । ଶେଷରେ କୂଅ ଖୋଳା ଶେଷ ହୋଇଥିଲା । ଭଗବାନଙ୍କ ଆଶୀର୍ବାଦ ମାତ୍ର ୨୦ଫୁଟ୍ ଖୋଳିବା ପରେ ବାହାରିଥିଲା ସ୍ୱଚ୍ଛ ପାଣି । ଦୁଇ ଝିଅଙ୍କ ଏହି ଉଦ୍ୟମଫଳରେ ଆଜି ଗ୍ରାମରେ ପାନୀୟ ଜଳ ସମସ୍ୟା ଅନେକାଂଶରେ ଦୂର ହୋଇଛି ।

# ଇନଷ୍ଟାଗ୍ରାମ୍‌ରେ ଚର୍ଚ୍ଚିତା ହେଲିକପ୍ଟର ପାଇଲଟ୍




୨୭ ବର୍ଷୀୟା ଲୋନା ଟୋରେସ ହେଲିକପ୍ଟର ଉଡ଼ାଇ ୨୮ଟି ଦେଶ ବୁଲି ସାରିଲେଣି । ବ୍ରାଜିଲର ରିଓ ଡି ଜେନେରିଓର ଏହି ସୁନ୍ଦରୀ ଜଣକ ଇନଷ୍ଟାଗ୍ରାମରେ ତାଙ୍କର ଫଟୋ ସେୟାର କରିଥାନ୍ତି, ଯାହାକୁ ତାଙ୍କର ୬୦ ହଜାର ଫଲୋୟର ଖୁବ ପସନ୍ଦ କରିଥାନ୍ତି । ପ୍ରଶଂସକ ତାଙ୍କୁ ଦୁନିଆର ସବୁଠୁ ହଟ୍ ହେଲିକପ୍ଟର ପାଇଲଟ ବି କହିଥାନ୍ତି । ଅର୍ଥନୀତିରେ ସ୍ନାତକ କରିବା ପରେ ଲୋନାଙ୍କୁ ହେଲିକପ୍ଟର ଉଡ଼େଇବା ପାଇଁ ଇଚ୍ଛା ଜାଗ୍ରତ ହୋଇଥିଲା । ତାଙ୍କ ବଡ଼ ଭାଇ ଓ ଭାଉଜ ମଧ୍ୟ ପାଇଲଟ । ତେଣୁ ପାଇଲଟ ହେବାର ଇଚ୍ଛା ସ୍ୱତଃ ପ୍ରବୃତ୍ତ ତାଙ୍କ ମନରେ ଜାଗ୍ରତ ହୋଇଥିଲା । ଏହାପରେ ଫ୍ଲାଇଁ ସ୍କୁଲରେ ଆଡ଼ମିଶନ ନେଇଥିଲେ । ମାତ୍ର ବର୍ଷକରେ ସେ ପାଇଲଟ ହେବାର ଯୋଗ୍ୟତା ହାସଲ କରିଥିଲେ । ସେ ସାଧାରଣତଃ ଆର୍ ୨୨ ଓ ଆର ୪୪ପରି ଛୋଟ ଛୋଟ ହେଲିକପ୍ଟର ଉଡ଼ାଇଥାନ୍ତି ।

# କୃତ୍ରିମ ଖାଦ୍ୟ ଖୋଜିଛନ୍ତି ବୈଜ୍ଞାନିକ



ବହୁ ବିକାଶଶୀଳ ଦେଶରେ କୁପୋଷଣ ଓ ଭୋକ ଯୋଗୁ ବିକାଶରେ ବାଧା ପହଞ୍ଚୁଥିବାରୁ ବୈଜ୍ଞାନିକମାନେ ଏହି ସମସ୍ୟାର ସମାଧାନ ପାଇଁ ଜୋରଦାର ଉଦ୍ୟମ କରିଚାଲିଛନ୍ତି । ଫିନଲ୍ୟାଣ୍ଡର ବୈଜ୍ଞାନିକମାନେ ଭୋକ ରାକ୍ଷସକୁ ଶେଷ କରାଯାଇପାରିବ ବୋଲି ଦାବି କରିଛନ୍ତି । ଏକ ରିପୋର୍ଟ ଅନୁଯାୟୀ ଫିନଲ୍ୟାଣ୍ଡର ବୈଜ୍ଞାନିକମାନେ ବିଦ୍ୟୁତ, କାର୍ବନ ଡାଇଅକ୍ସାଇଡ୍ ଓ ରୋଗାଣୁର ବ୍ୟବହାର କରି ଏକ ଖାଦ୍ୟ ବିକଶିତ କରିବାରେ ସଫଳତା ପାଇଛନ୍ତି । ବୈଜ୍ଞାନିକମାନେ ଏହିସବୁ ସାମଗ୍ରୀକୁ କଫି କପ ଆକାରରେ ବାୟୋ ରିଆକ୍ଟରରେ ରଖି ବିଜୁଳିର ଝଟକା ଦେଇଥିଲେ । ଫଳରେ ଏହି ପାଉଡ଼ର ତିଆରି ହୋଇଥିଲା ପାଉଡ଼ରରେ ୫୦ ପ୍ରତିଶତ ପ୍ରୋଟିନ ଓ ୨୫ ପ୍ରତିଶତ କାର୍ବୋହାଇଡ୍ରେଟ ରହିଥିଲା । ବାକି ଚର୍ବି ଓ ନ୍ୟୁକ୍ଲିକ ଏସିଡ଼ ରହିଥିଲା । ଯଦିଓଏହି ଖଦ୍ୟ ଏବେ ମଣିଷଙ୍କ ଖାଦ୍ୟଯୋଗ୍ୟ ହୋଇନାହିଁ, କିନ୍ତୁ ଭବିଷ୍ୟତରେ ପଶୁମାନଙ୍କ ଚାରାର ବୈକଳ୍ପିକ ସ୍ରୋତ ହୋଇପାରିବ । ଏହାଦ୍ୱାରା ମାଂସହାଂର ଖାଦ୍ୟ ପଦାର୍ଥର ମୂଲ୍ୟ ମଧ୍ୟ ନିୟନ୍ତ୍ରଣରେ ରହିବ । ବୈଜ୍ଞାନିକମାନେ ଏହି ଖାଦ୍ୟକୁ ପ୍ରାକୃତିକ ଖାଦ୍ୟରୁ ୧୦ଗୁଣ ଅଧିକ ପୌଷ୍ଟିକ କରିବା ପାଇଁ ଲାଗିପଡ଼ିଛନ୍ତି । କୁହାଯାଉଛି ଏହି ଉଦ୍ଭାବନ ଦ୍ୱାରା ଭବିଷ୍ୟତରେ ଶସ୍ତାରେ ଫସଲବିକଶିତ କରାଯାଇପାରିବ । ଫଳରେ ସମଗ୍ର ବିଶ୍ୱରେ ଭୋକିଲା ଲୋକଙ୍କୁ ଶସ୍ତାରେ ପୌଷ୍ଟିକ ଆହାର ଉପଲବ୍ଧ କରାଯାଇପାରିବ ।

# ବାହା ହେବାପାଇଁ ମାଡ଼ ଖାଆନ୍ତି ମହିଳା

ସମୟ ସହ ବଦଳୁଛି ଲୋକଙ୍କର ଜୀବନଶୈଳୀ । ହେଲେ ଆଜି ବି ବିଶ୍ୱରେ ଅନେକ ଜନଜାତି ଅଛନ୍ତି, ଯେଉଁମାନେ ସେଇ ପୁରୁଣା ପରମ୍ପରାକୁ ଆଜିବି ଗ୍ରହଣ କରୁଛନ୍ତି । ଏହିପରି ଏକ ଜନଜାତି ଇଥୋପିଆରେ ଅଛନ୍ତି । ସେଠାରେ ମହିଳାମାନେ ବିବାହ କରିବା ପୂର୍ବରୁ ପୁରୁଷଙ୍କ ଠାରୁ ମାଡ଼ ଖାଆନ୍ତି । ଇଥୋପିଆର ହେମର ଜନଜାତିର ମହିଳାଙ୍କୁ ବେତରେ ମାଡ଼ ମରାଯାଇଥାଏ । ମହିଳାଙ୍କ ଯୁକ୍ତି ହେଉଛି ମାଡ଼ ଖାଇବା ଦ୍ୱାରା ଶରୀରର ସୃଷ୍ଟି ହେଉଥିବା କ୍ଷତ ସେମାନଙ୍କ ପାଇଁ ଆଶୀର୍ବାଦ ଅଟେ । ଅନ୍ୟପଟେ ପୁରୁଷଙ୍କ ଯୁକ୍ତି ହେଉଛି ବେତ ମାଡ଼ ଦ୍ୱାରା ମହିଳାଙ୍କ ଭିତରେ ପ୍ରେମକ ରିବାର କ୍ଷମତା ବଢ଼ିଥାଏ । ଏହି ମାଡ଼ ଖାଇବା ପାଇଁ ଏକ ସ୍ୱତନ୍ତ୍ର ସମାରୋହରେ ଆୟୋଜନ କରାଯାଇଥାଏ । ଯେଉଁଠାରେ ସବୁ ପୁରୁଷ ମହିଳା ଏକାଠି ହୁଅନ୍ତି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଉଡ଼ନ୍ତା ଚୁମ୍ବନ ମାମଲା...

ମଣିପୁର- ଦେଶର ଉତ୍ତର ପୂର୍ବ ଭାଗରେ ଅବସ୍ଥିତ ଏଇ ପାହାଡ଼ିଆ ରାଜ୍ୟ ସଂରକ୍ଷଣ ବ୍ୟବସ୍ଥାକୁ ନେଇ ତିନି ମାସରୁ ଅଧିକ ସମୟ ହେଲା ହୋଇ ପଡ଼ିଛି ଅଶାନ୍ତ; ସାମ୍ପ୍ରଦାୟିକ ହିଂସାକାଣ୍ଡରେ ଅନେକ ଲୋକ ପ୍ରାଣ ହରାଇଲେଣି, ରାଜ୍ୟର ମହିଳାଙ୍କ ଉପରେ ଅତ୍ୟାଚାରର ବେଶ୍ କିଛି ସଂଖ୍ୟକ ଭିଡିଓ ମଧ୍ୟ ପଦାରେ ପ୍ରକାଶ ପାଇ ମଣିଷପଣିଆର ଅଧୋଗତିକୁ ପ୍ରଦର୍ଶିତ କରି ସାରିଛି ଇତି ମଧ୍ୟରେ । ଆଉ ଏହି ରାଜ୍ୟର ସ୍ଥିତି ଉପରେ ସଂସଦରେ ବିବୃତି ନ ରଖିବାରୁ ବିରୋଧୀ ଦଳମାନଙ୍କ ମେଣ୍ଟ 'ଇଣ୍ଡିଆ' ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ବିରୁଦ୍ଧରେ ସଂସଦରେ ଆଗତ କରିଥିଲେ ଏକ ଅନାସ୍ଥା ପ୍ରସ୍ତାବ। ତେବେ ଏହି ପ୍ରସ୍ତାବ ଉପରେ ବିତର୍କ କାଳରେ ବିଭିନ୍ନ ନେତାମାନଙ୍କ କଥାକୁ- ବିଶେଷକରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ଏବଂ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ କଥାକୁ– ଯେଉଁମାନେ ଶୁଣିଥିବେ, ସେମାନେ ଭଲ ଭାବରେ ଅନୁଭବ କରି ପାରିଥିବେ ଯେ ଏହି ନେତାମାନଙ୍କର ଗୋଇ ଖୋଲାଖୋଲି ସହିତ ପ୍ରାୟ ସମଗ୍ର ସଦନର ମାନସିକତା ଏବଂ କଥାବାର୍ତ୍ତା ମଣିପୁରରେ ସାମ୍ପ୍ରତିକ ସମୟର ଅବସ୍ଥା ନିମନ୍ତେ ଦାୟୀ କର୍ତ୍ତୃପକ୍ଷମାନଙ୍କର ଭୁଲ୍ ପଦକ୍ଷେପଗୁଡ଼ିକ ଉପରେ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରି ତା'ର ସମାଧାନର ପନ୍ଥା ବାହାର କରିବା ପରିବର୍ତ୍ତେ ସମ୍ପୂର୍ଣ୍ଣ ଭାବରେ ଆଗାମୀ ନିର୍ବାଚନଗୁଡ଼ିକ ପାଇଁ ସେମାନଙ୍କ ନିଜ ନିଜର ରାଜନୀତିକ ଦର୍ଶନ ଏବଂ ଦଳର କାର୍ଯ୍ୟକ୍ରମକୁ ଉପସ୍ଥାପିତ କରିବା ଉପରେ କେନ୍ଦ୍ରିତ ଥିଲା । ଶ୍ରୀଯୁକ୍ତ ଅମିତ୍ ଶାହ ମଧ୍ୟ ବିରୋଧୀମାନଙ୍କ ମେଣ୍ଟର ଚରିତ୍ର ଉପରେ ପ୍ରଶ୍ନ ଉଠାଇ ଥିଲେ, ଯେତେବେଳେ ସେ କହିଥିଲେ ଯେ ନିଜର ସରକାରଙ୍କୁ ବଞ୍ଚାଇବାକୁ ଏହା ଦୁର୍ନୀତିରେ ଲିପ୍ତ ହୋଇଥିଲା ବେଳେ ଏହାର ପ୍ରକୃତ ଚେହେରା ଜଣା ପଡ଼ି ଯାଇଥିଲା । ପରନ୍ତୁ, ଏହାର ବିପରୀତ ଚିତ୍ର ଦେଖାଇବାକୁ ଯାଇ ସେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ଉଦାହରଣ ଦେଇଥିଲେ, ଯାହା ନିଜର ସରକାରକୁ ବଞ୍ଚାଇବା ପାଇଁ ଘୋଡ଼ା ବେପାର କି ରାଜନୀତିକ ଦୁର୍ନୀତିକୁ ପସନ୍ଦ କରି ନଥିଲା। ବିରୋଧୀମାନଙ୍କ ମେଣ୍ଟର ନୂଆ ନାମକୁ ନେଇ ତାଚ୍ଛଲ୍ୟ କରିବା ଢଙ୍ଗରେ ବିଜେପି 'ଦୁର୍ନୀତି ଭାରତ ଛାଡ଼, ବଂଶବାଦ ଭାରତ ଛାଡ଼ ଏବଂ ପ୍ରିୟାପ୍ରୀତି ତୋଷଣ ଭାରତ ଛାଡ଼' ଭଳି ନୂଆ ନାରା ଦେଇ ପ୍ରଚାର କରିଥିଲା । ଲୋକମାନଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିବା ଉଦ୍ଦେଶ୍ୟରେ ହିଁ କେବଳ ଅନାସ୍ଥା ପ୍ରସ୍ତାବ ଅଣାଯାଇଛି କହି କେନ୍ଦ୍ର ଗୃହମନ୍ତ୍ରୀ ବିରୋଧୀମାନଙ୍କ ମେଣ୍ଟରେ ସାମିଲ ହୋଇଥବା ଦଳମାନଙ୍କ ଭିତରେ ବଦ୍ଧମୂଳ ଭାବରେ ରହିଥିବା ବିରୋଧ ଭାବଗୁଡ଼ିକୁ ଉଲ୍ଲେଖ କରିବାକୁ ଆଗେଇ ଆସିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ମଧ କଂଗ୍ରେସ ଏବଂ ଏହାର ଅଂଶୀଦାର ଜାତୀୟତାବାଦୀ କଂଗ୍ରେସ ଦଳ ମଧ୍ୟରେ ରହିଥିବା ଫାଟକୁ ଦର୍ଶାଇବାକୁ ଯାଇ ମନେ ପକାଇ ଦେଇଥିଲେ ଯେ କିପରି ରାଜୀବ ଗାନ୍ଧୀଙ୍କ ହତ୍ୟା ପରେ ଆଞ୍ଚଳିକ ଦଳର ଜଣେ ବରିଷ୍ଠ ନେତାଙ୍କୁ ପ୍ରଧାନମନ୍ତ୍ରୀ ହେବାରୁ ବଞ୍ଚିତ କରାଯାଇଥିଲା। ଶ୍ରୀଯୁକ୍ତ ମୋଦୀଙ୍କୁ ଲଙ୍କାର ରାଜା ରାବଣ ସହିତ ତୁଳନା କରି ଶ୍ରୀଯୁକ୍ତ ଗାନ୍ଧୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ କେବଳ ଦୁଇଜଣ ଲୋକଙ୍କ କଥା ଶୁଣିଥାନ୍ତି- ଅମିତ୍ ଶାହ ଏବଂ ଗୌତମ ଆଦାନୀ- ଠିକ୍ ଯେମିତି ରାବଣ ମାତ୍ର ଦୁଇଜଣଙ୍କ ପରାମର୍ଶକୁ ଶୁଣୁଥିଲା- ମେଘନାଦ ଏବଂ କୁମ୍ଭକର୍ଣ୍ଣ । ଅନାସ୍ଥା ପ୍ରସ୍ତାବର ଅନ୍ୟ ଏକ ଉଲ୍ଲେଖନୀୟ ଦିଗ ଥିଲା ଟ୍ରେଜେରୀ ବେଞ୍ଚ୍ ଉଦ୍ଦେଶ୍ୟରେ ରାହୁଲ ଗାନ୍ଧୀଙ୍କ ଫ୍ଲାଇଂ କିସ୍ ବା ଉଡ଼ନ୍ତା ଚୁମ୍ବନ ପ୍ରଦାନ କରିବା, ଯାହା ଲୋକସଭାରେ ଅଶାଳୀନ ବ୍ୟବହାର ପ୍ରଦର୍ଶନଜନିତ ଅଭିଯୋଗକୁ ଆମନ୍ତ୍ରଣ କରିଥିଲା । ସ୍ମରଣ କରାଇ ଦିଆଯାଇପାରେ ଯେ ୨୦୧୮ରେ ଏକ ଅନାସ୍ଥା ପ୍ରସ୍ତାବ ଆଲୋଚନା ସମୟରେ ଶ୍ରୀଯୁକ୍ତ ଗାନ୍ଧୀ ନିଜ ଆସନରୁ ଉଠି ମୋଦୀଙ୍କ ଆସନ ନିକଟକୁ ଯାଇଥିଲେ ଏବଂ ତାଙ୍କୁ ଆଲିଙ୍ଗନବଦ୍ଧ କରିଥିଲେ, ଯାହା ସେ ସମୟରେ ମୋଦୀଙ୍କ ପାଇଁ ଗଣମାଧମମାନଙ୍କରେ ଶିରୋନାମା ପାଲଟିବାକୁ ଅପହରଣ କରି ନେଇଥିଲା । ସମ୍ଭବତଃ ବିଜେପି ଉପରେ ସେ ସମାନ ଧରଣର ଏକ ଘାତକ କାର୍ଯ୍ୟ କରିବାର ଯୋଜନା କରିଥିଲେ, କିନ୍ତୁ ରକ୍ଷଣଶୀଳ ଭାରତୀୟ ସମାଜ ପାଇଁ ଉଡ଼ନ୍ତା ଚୁମ୍ବନ ହଜମ କରିବା ଭଳି ଏକ କଥା ହୋଇ ନଥିଲା ଏବଂ ଶାସକ ଦଳକୁ ଏହା ଏକ ପ୍ରସଙ୍ଗ ବନାଇବାର ସୁଯୋଗ ପ୍ରଦାନ କରିପାରେ । କଂଗ୍ରେସ ଦଳ ଏହି ଅଭିଯୋଗକୁ ଖଣ୍ଡନ କରିବାକୁ ଯାଇ କହିଛି ଯେ ବିଜେପି ସଦସ୍ୟମାନଙ୍କ ଦ୍ୱାରା ଏହି ମିଛକଥାର ପ୍ରଚାର କରାଯାଉଛି । ଲୋକସଭାରେ ଅନାସ୍ଥା ପ୍ରସ୍ତାବ ଉପରେ ହୋଇଥିବା ଏଭଳି ବିତର୍କକୁ ବିବେଚନା କଲେ ଜଣେ ଏହି ଅବସ୍ଥାରେ ବିଜେପି ସରକାର ବିରୁଦ୍ଧରେ ଉପରୋକ୍ତ ପ୍ରସ୍ତାବ ଆଣିବାର ଯଥାର୍ଥତା ଉପରେ ନିଶ୍ଚିତ ଭାବରେ ପ୍ରଶ୍ନ ଉଠାଇବେ, ଆଉ ଯଦି ଏହି ପ୍ରସ୍ତାବର ଉଦ୍ଦେଶ୍ୟ ଥିଲା ମଣିପୁର ପ୍ରସଙ୍ଗ ଉପରେ ଆଲୋଚନା କରିବା, ତା'ହେଲେ ସବୁ ରାଜନୀତିକ ଦଳ ଏହା କରିବାର ଏକ ସୁଯୋଗ ହରାଇଛନ୍ତି କହିବା ଅତ୍ୟୁକ୍ତି ହେବନାହିଁ । ଶ୍ରୀଯୁକ୍ତ ମୋଦୀ ଯେଉଁ ଧରଣର ସୁବକ୍ତା, ସେ ଦୃଷ୍ଟିରୁ ତାଙ୍କୁ କିଛି କୁହାଇବା ନିମନ୍ତେ ବିରୋଧୀ ମେଣ୍ଟ ତାଙ୍କ ଆଗରେ କଥା କହିବା ଭଳି କିଛି ପ୍ରସଙ୍ଗର ବ୍ୟଞ୍ଜନ ଥବା ଥାଳିକୁ ପରଷିବା ବରଂ ଠିକ୍ ହୋଇଥାନ୍ତା। ପରନ୍ତୁ, ସେମାନେ ତାହା କରି ନଥିଲେ। ପରିବର୍ତ୍ତେ ସେମାନେ ୨୦୨୪ ନିର୍ବାଚନ ପାଇଁ ଲୋକସଭାକୁ ପ୍ରଚାର ମଇଦାନରେ ପରିଣତ କରି ଦେଇଥିଲେ, ଯାହାର ଉପଯୋଗ ସରକାରୀ ଦଳ ମଧ କରିଥିଲେ । ଆଉ ଏଇ ପ୍ରଚାର ପାଇଁ ଓ ଲୋକଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଲୋକମାନଙ୍କ ସଦନ ଭାବରେ ବିବେଚିତ ଏଇ ସଦନଠାରୁ ଅଧିକ ପ୍ରକୃଷ୍ଟ ସ୍ଥାନ କ'ଣ ବା ହୋଇପାରେ ?

# ଦାସତ୍ୱର ପ୍ରତୀକରୁ ମୁକ୍ତି ଆଡକୁ ଆଉ ଏକ ପଦକ୍ଷେପ



### ଡ. ସମନ୍ୱୟ ନନ୍ଦ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୨ ମସିହାରେ ଲାଲ କିଲ୍ଲାର ପ୍ରାଚୀରରୁ ଦେଶକୁ ସମ୍ବୋଧିତ କରିଥିବା ବେଳେ କହିଥିଲେ ଯେ ଭାରତ ସ୍ୱାଧୀନତାର ଅମୃତ କାଳରେ ପ୍ରବେଶ କରିଛି । ଏହି ଅମୃତ କାଳରେ ଆମକୁ ବିକଶିତ ଦେଶ ଭାବେ ସ୍ଥାପିତ ହେବାକୁ ପଡିବ । ତେଣୁ ସେ ଲାଲକିଲ୍ଲାରୁ ପଂଚ ପ୍ରଣ ଅର୍ଥାତ ପାଂଚଟି ପ୍ରତିଜ୍ଞା କରିବାକୁ ଦେଶବାସୀଙ୍କୁ ଆହ୍ୱାନ କରିଥିଲେ । ଏହି ପାଂଚଟି ପ୍ରତିଜ୍ଞା ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରତିଜ୍ଞା ହେଉଛି ଔପନିବେଶିକ ମାନସିକତାରୁ ମୁକ୍ତି। ଦେଶ ବିଦେଶୀମାନଙ୍କ ହାତରୁ ସ୍ୱାଧୀନ ହୋଇ ଗଲେ ସୁଦ୍ଧା ଯଦି ତାର ନାଗରିକମାନଙ୍କ ମଧ୍ୟରେ ଔପନିବେଶିକ ବା ଦାସତ୍ୱର ମାନସିକତା ରହିଥିବ ତେବେ ସେହି ଦେଶର ପ୍ରକୃତ ବିକାଶ ହୋଇ ପାରିବ ନାହିଁ । ତେଣୁ ସେ ଔପନିବେଶିକ ମାନସିକତାର ମୁକ୍ତି ପାଇଁ ଆହ୍ୱାନ ଦେଇଥିଲେ । ଔପନିବେଶିକ ମାନସିକତାରୁ ମୁକ୍ତି ପାଇବାକୁ ହେଲେ ପ୍ରଥମ ଔପନିବେଶିକ ପ୍ରତୀକ ଗୁଡିକ ଠାରୁ ମୁକ୍ତି ପାଇବା ଜରୁରୀ ।

ଭାରତ ସ୍ୱାଧୀନ ହେବାର ସାତ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ପରେ ମଧ ଦେଶରେ ଔପନିବେଶିକ ପ୍ରତୀକ ଗୁଡିକ ରହିଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଦୀର୍ଘ ବର୍ଷ ପରେ ମଧ ଦେଶରେ ବ୍ରିଟିଶମାନଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ଏବଂ ବ୍ରିଟିଶ ସଂସଦରେ ଅନୁମୋଦିତ ହୋଇଥିବା ଆଇପିସି, ୧୮୬୦, ସିଆରପିସି, (୧୮୯୮), ୧୯୭୩ ଏବଂ ଇଂଡିଆନ ଏଭିଡେନ୍ସ ଆକ୍ଟ, ୧୮୭୨ ଭାରତରେ ଲାଗୁ ଥିଲା ।

ଇଂରେଜ ମାନେ ଯେତେବେଳେ ଭାରତ ଉପରେ ଶାସନ କରୁଥିଲେ ସେତେବେଳେ ସେମାନେ ଭାରତୀୟମାନଙ୍କୁ ଶାସନ କରିବାକୁ, ଭାରତୀୟ ମାନଙ୍କୁ ନିୟନ୍ତ୍ରଣରେ ରଖିବାକୁ ଶାସକ ମାନେ ଯେପରି ଆଇନ ଦରକାର କରୁଥିଲେ ସେହିପରି ଆଇନ ଭାରତରେ ଲାଗୁ କରିଥିଲେ । ପ୍ରକାରାନ୍ତରରେ କହିବାକୁ ଗଲେ ଭାରତୀୟ ଦମନ କରିବାକୁ ବିଦେଶୀଙ୍କ ଦ୍ୱାରା ପ୍ରଣୀତ ଏହି ଆଇନ ବ୍ୟବସ୍ଥା ଥିଲା । ଭାରତ ସ୍ୱାଧୀନତା ପରେ ଏହି ଇଂରେଜ କାଳୀନ ଆଇନକୁ ସମାପ୍ତ କରି ତା ସ୍ଥାନରେ ନିଜର ଆଇନ ପ୍ରଣୟନ କରିବା ଉଚିତ ଥିଲା । ମାତ୍ର ତାହା ହୋଇନ ଥିଲା । ବିଭିନ୍ନ ସମୟରେ ଏପରି କରିବାକୁ ଦାବି ମଧ ହେଉଥିଲା । ହେଲେ ଏହା ଏକ ଅତ୍ୟନ୍ତ ବଡ କାମ ହୋଇଥିବାରୁ ଏହାକୁ କରିବାକୁ କେହି ସାହସ କରୁ ନ ଥିଲେ । ହେଲେ ମୋଦୀ ସରକାର ଏହି ଦୁରୁହ କାର୍ଯକୁ କରିବାକୁ ପଦକ୍ଷେପ ନେଇଛନ୍ତି ।

ସଂସଦର ଗତ ଅଧିବେଶନର ପ୍ରଥମ ଦିନରେ କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହାଙ୍କ ଲୋକସଭାରେ ଭାରତୀୟ ନ୍ୟାୟ ସଂହିତା ବିଧେୟକ ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା ବିଧେୟକ ୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ ବିଧେୟକ ୨୦୨୩ ଆଗତ କରିଛନ୍ତି । ଏହାର ନାମ ମଧ ଭାରତୀୟ ସଭ୍ୟତା ଓ ସଂସ୍କୃତି ଅନୁରୂପ ରଖା ଯାଇଛି । ଭାରତୀୟ ଦଣ୍ଡବିଧି ସଂହିତା, ୧୮୬୦ ବଦଳରେ ଭାରତୀୟ ନ୍ୟାୟ ସଂହିତା ବିଧେୟକ, ୨୦୨୩, କ୍ରିମିନାଲ ପ୍ରୋସିଜର କୋଡ୍ ୧୮୯୮ ବଦଳରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା ବିଧେୟକ ୨୦୨୩ ଏବଂ ଭାରତୀୟ ପ୍ରମାଣ ଆଇନ ୧୮୭୨ ବଦଳରେ ଭାରତୀୟ ସାକ୍ଷୀ ବିଧେୟକ ୨୦୨୩ ଲାଗୁ ହେବ ।

ଯେପରିକି ଉଲ୍ଲେଖ କରାଯାଇଛି ଇଂରେଜଙ୍କ ଦ୍ୱାରା ତିଆରି କରାଯାଇଥିବା ଏହି ତିନୋଟି ଆଇନର ଉଦ୍ଦେଶ୍ୟ ନ୍ୟାୟ ଦେବା ନ ଥିଲା ବରଂ ବ୍ରିଟିଶ ଶାସନକୁ ସୁଦୃଢ଼ ଓ ସୁରକ୍ଷା ଦେବା ପାଇଁ ଏହି ଉଦ୍ଦିଷ୍ଟ ଥିଲା । ମୋଦୀ ସରକାର ଏହି ନୂତନ ଆଇନ ଜରିଆରେ ଦୁଇଟି ମୌଳିକ ଦିଗରେ ପରିବର୍ତ୍ତନ ଆଣିବାକୁ ଯାଉଛି । ଏହି ତିନୋଟି ନୂଆ ଆଇନର ଆତ୍ମା ହେବ ଭାରତୀୟ ନାଗରିକମାନଙ୍କୁ ସମ୍ବିଧାନ ଦ୍ୱାରା ଦିଆଯାଇଥିବା ସମସ୍ତ ଅଧିକାରର ସୁରକ୍ଷା କରିବା । ଏହାର ଉଦ୍ଦେଶ୍ୟ କାହାକୁ ଦଣ୍ଡ ଦେବା ନୁହେଁ ବରଂ ନ୍ୟାୟ ଦେବା । ଏହି ପ୍ରକ୍ରିୟାରେ ଅପରାଧ ନିବାରଣ ଭାବନା ସୃଷ୍ଟି କରିବା ପାଇଁ ଯେଉଁଠାରେ ଆବଶ୍ୟକ ସେଠାରେ ଦଣ୍ଡ ଦିଆଯିବ ବୋଲି ଗୃହ ମନ୍ତ୍ରୀ ଶ୍ରୀ ଶାହ ସଂସଦରେ ସ୍ପଷ୍ଟ କରିଛନ୍ତି।

ଏହି ତିନୋଟି ପୁରୁଣା ଆଇନ ଗୋଲାମୀର ଚିହ୍ନରେ ପରିପୂର୍ଣ୍ଣ ଥିଲା, ସେଗୁଡ଼ିକ ବ୍ରିଟିଶ ସଂସଦରେ ପାରିତ ହୋଇଥିଲା ଏବଂ ଭାରତ ଏହାକୁ ଗ୍ରହଣ କରିଥିଲା । ଏହି ଆଇନଗୁଡ଼ିକ ବ୍ରିଟେନର ସଂସଦ, ପ୍ରାଦେଶିକ ଆଇନ, କ୍ରାଉନ୍ ପ୍ରତିନିଧିଙ୍କ ବିଜ୍ଞପ୍ତି, ଲଣ୍ଡନ ଗେଜେଟ୍, ଜୁରି ଏବଂ ବ୍ୟାରିଷ୍ଟର, ଲାହୋର ସରକାର, ରାଜ୍ୟଗୋଷ୍ଠୀ ସଂକଳ୍ପ, ବ୍ରିଟେନ ଏବଂ ଆୟର୍ଲାଣ୍ଡ ସଂସଦକୁ ଦର୍ଶାଏ । ଏହି ଆଇନଗୁଡ଼ିକ ମଧ୍ୟରେ ହର୍ ମାଜେଷ୍ଟୀ ଏବଂ ପ୍ରିଭି କାଉନସିଲଙ୍କ ବିଷୟରେ ଉଲ୍ଲେଖ ରହିଛି । ଏହି ଆଇନଗୁଡିକ ଲଣ୍ଡନ ଗେଜେଟରେ କପି ଏବଂ ଏକ୍ସଟ୍ରାକ୍ଟସ୍ ବିଷୟବସ୍ତୁ ଉପରେ ଆଧାରିତ ଥିଲା ଏବଂ ବ୍ରିଟିଶ କ୍ରାଉନର ଅଧିକାର, ଇଂଲଣ୍ଡର ଅଦାଲତ ଏବଂ ମେଜେଷ୍ଟି ଡୋମିନିୟନଗୁଡିକ ମଧ ଏହି ଆଇନଗୁଡିକରେ ଅନେକ ସ୍ଥାନରେ ଉଲ୍ଲେଖ କରାଯାଇଛି । ଗୋଲାମୀର ଏହି ୪୭୫ ଟି ଚିହ୍ନକୁ ଶେଷ କରି ନୂଆ ଆଇନ ପାଇଁ ପ୍ରସ୍ତାବ ଆସିଛି । ସିଆରପିସିର ସ୍ଥାନ ନେଉଥିବା ଭାରତୀୟ ନାଗରିକ ସୁରକ୍ଷା ସଂହିତା ବିଲରେ ଏବେ ୫୩୩ ଧାରା ରହିବ, ୧୬୦ ଧାରା ପରିବର୍ତ୍ତନ କରାଯାଇଛି, ୯ଟି ନୂଆ ଧାରା ଯୋଡ଼ା ଯାଇଛି ଏବଂ ୯ଟି ଧାରାକୁ ଉଚ୍ଛେଦ କରାଯାଇଛି। ଆଇପିସି ବଦଳରେ ଭାରତୀୟ ନ୍ୟାୟ ସଂହିତା ବିଧେୟକ ଲାଗୁ ହେବ । ଏଥିରେ ପୂର୍ବରୁ ଥିବା ୫୧୧ ଧାରା ପରିବର୍ତ୍ତେ ୩୫୬ ଧାରା ରହିବ । ସେହିପରି ୧୭୫ଟି ଧାରାରେ ସଂଶୋଧନ କରାଯାଇଛି, ୮ଟି ନୂଆ ଧାରା ଯୋଡ଼ାଯାଇଛି ଏବଂ ୨୨ଟି ଧାରା ରଦ୍ଦ କରାଯାଇଛି। ପ୍ରମାଣ ଆଇନ ବା ଏଭିଡେନ୍ସ ଆକ୍ଟର ସ୍ଥାନ ନେଉଥିବା ଭାରତୀୟ ସାକ୍ଷ ବିଲରେ ପୂର୍ବରୁ ଥିବା ୧୬୭ଟି ଧାରା ପରିବର୍ତ୍ତେ ଏବେ ୧୭୦ଟି ଧାରା ରହିବ, ୨୩ଟି ଧାରାରେ ପରିବର୍ତ୍ତନ କରାଯାଇଛି, ୧ଟି ନୂଆ ଧାରା ଯୋଡ଼ାଯାଇଛି ଏବଂ ୫ଟି ରଦ୍ଦ କରାଯାଇଛି।


ବ୍ରିଟିଶଙ୍କ ଦ୍ୱାରା ପ୍ରଣୀତ ବର୍ତ୍ତମାନର ଆଇନରେ ହତ୍ୟା କିମ୍ବା ମହିଳାଙ୍କ ବିରୋଧରେ ଅପରାଧ ଭଳି ଜଘନ୍ୟ ଅପରାଧକୁ ବହୁତ କମ୍ ରଖାଯାଇଛି ଏବଂ ସରକାରୀ ଅଧିକାରୀଙ୍କ ଉପରେ ଦେଶଦ୍ରୋହ, ଡକାୟତି ଓ ଆକ୍ରମଣ ଭଳି ଅପରାଧକୁ ଏହାଠାରୁ ଅଧିକ ରଖାଯାଇଛି। ଏହି ଆଭିମୁଖ୍ୟକୁ ବଦଳା ଯାଉଛି । ଏହି ନୂତନ ଆଇନର ପ୍ରଥମ ଅଧ୍ୟାୟ ମହିଳା ଏବଂ ଶିଶୁଙ୍କ ବିରୋଧରେ ଅପରାଧ ଉପରେ ଆଧାରିତ ହେବ । ଦ୍ୱିତୀୟ ଅଧ୍ୟାୟରେ ହତ୍ୟା/ହତ୍ୟା କାଣ୍ଡ ଓ ମାନବ ଶରୀର ସହ ଅପରାଧ ସମ୍ପର୍କରେ ଆଲୋଚନା କରାଯିବ । ଶାସନ ପରିବର୍ତ୍ତେ ନାଗରିକଙ୍କୁ କେନ୍ଦ୍ରରେ ଆଣିବା ପାଇଁ ଅତ୍ୟନ୍ତ ନୀତିଗତ ନିଷ୍ପତ୍ତି ନେଇ ଏହି ଆଇନ ଅଣାଯାଇଛି। ନୂଆ ଯୁଗକୁ ଏହି ଆଇନ ସହ ଯୋଡ଼ିବାକୁ ଚେଷ୍ଟା କରାଯାଇଛି । ଆମ ଅପରାଧିକ ନ୍ୟାୟ ବ୍ୟବସ୍ଥାରେ ଦୀର୍ଘ ସମୟ ଲାଗିଥାଏ, ନ୍ୟାୟ ଏତେ ବିଳମ୍ବରେ ଦିଆଯାଏ ଯେ ନ୍ୟାୟର କୌଣସି ଅର୍ଥ ନାହିଁ, ଲୋକମାନେ ବିଶ୍ୱାସ ହରାଇଛନ୍ତି ଏବଂ ଅଦାଲତର ଦ୍ୱାରସ୍ଥ ହେବାକୁ ଭୟ କରୁଛନ୍ତି ।

ଏହି ଆଇନଗୁଡ଼ିକୁ ତିଆରି କରିବା ପାଇଁ ସବୁଠି ବ୍ୟାପକ ବିଚାର ବିମର୍ଶ କରାଯାଇଛି। ୨୦୧୯ ଅଗଷ୍ଟ ମାସରେ ସୁପ୍ରିମକୋର୍ଟର ସମସ୍ତ ବିଚାରପତି, ଦେଶର ସମସ୍ତ ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ଦେଶର ସମସ୍ତ ଆଇନ ବିଶ୍ୱବିଦ୍ୟାଳୟକୁ ଚିଠି ଲେଖାଯାଇଥିଲା । ୨୦୨୦ରେ ସମସ୍ତ ସାଂସଦ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଓ କେନ୍ଦ୍ରଶାସିତ ଅଂଚଳର ପ୍ରଶାସକଙ୍କୁ ଚିଠି ଲେଖାଯାଇଥିଲା। ବ୍ୟାପକ ବିଚାର ବିମର୍ଶ ପରେ ଆଜି ଏହି ପ୍ରକ୍ରିୟା ଆଇନରେ ପରିଣତ ହେବାକୁ ଯାଉଛି। ୧୮ଟି ରାଜ୍ୟ, ୬ଟି କେନ୍ଦ୍ରଶାସିତ ଅଂଚଳ, ସୁପ୍ରିମ୍ କୋର୍ଟ, ୧୬ଟି ହାଇକୋର୍ଟ, ୫ଟି ନ୍ୟାୟିକ ଏକାଡେମୀ, ୨୨ଟି ଆଇନ ବିଶ୍ୱବିଦ୍ୟାଳୟ, ୧୪୨ ଜଣ ସଂସଦ ସଦସ୍ୟ, ପ୍ରାୟ ୨୭୦ ଜଣ ବିଧାୟକ ଏବଂ ଜନସାଧାରଣ ଏହି ନୂତନ ଆଇନ ସମ୍ପର୍କରେ ସେମାନଙ୍କର ପରାମର୍ଶ ଦେଇଛନ୍ତି।

ଏତେ ଆଲୋଚନା ସତ୍ତ୍ୱେ ମୋଦୀ ସରକାର ଏଗୁଡିକୁ ତରବରିଆ ଭାବେ ପାରିତ କରିବାକୁ ଚାହିଁ ନାହାନ୍ତି । ଏହା ଉପରେ ଅଧିକ ଆଲୋଚନା କରିବାକୁ ସଂସଦୀୟ କମିଟି ନିକଟକୁ ପଠାଇ ଦେଇଛନ୍ତି ।ଏହା ଉପରେ ପର୍ଯ୍ୟାପ୍ତ ଆଲୋଚନା ହେବା ପରେ ବୋଧ ହୁଏ ଆସନ୍ତା ସଂସଦୀୟ ଅଧିବେଶନରେ ଏହାକୁ ପାରିତ କରାଯାଇ ପାରେ ।

ମୋଦୀ ସରକାର ଦ୍ୱାରା କରାଯାଉଥିବା ଏହି ପ୍ରୟାସ ଦାସତ୍ୱର ପ୍ରତୀକରୁ ମୁକ୍ତି ଆଡକୁ ଆଉ ଏକ ପଦକ୍ଷେପ ବୋଲି କୁହାଯାଇ ପାରେ। ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ।

# ବାଲେଶ୍ୱରରେ ୨୧୨ଜଣ ଅତିଥି ଶିକ୍ଷକ ନିଯୁକ୍ତ ପାଇବେ



### ସୁବ୍ରତ କର

ଏଠାରେ ପ୍ରଶ୍ନ ସମସ୍ତଙ୍କର ଏମିତି କେତେଦିନ ଚାଲିବ? ସ୍କୁଲରେ ଅତିଥି ଶିକ୍ଷକ, କଲେଜରେ ଏବଂ ଦରକାର ପଡ଼ିଲେ ଇଉନିଭରସିଟିରେ ମଧ । ସରକାର ହେଉ ବା ବିଭାଗ ହେଉ, କେହି କଣ କିଛି ବୁଝି ପାରୁ ନାହାନ୍ତି ଯେ ହଜାର ହଜାର ଶିକ୍ଷକ, ଶିକ୍ଷୟିତ୍ରୀମାନେ ଯୋଗ୍ୟତା ପାଇଁ ମଧ ବର୍ଷ ବର୍ଷ ଅପେକ୍ଷା କରିଛନ୍ତି ଶିକ୍ଷକ ହେବା ପାଇଁ ବା ପିଲାଙ୍କୁ ପାଠ ପଢ଼ାଇବା ପାଇଁ । ଏହାକୁ ଆଖି ଆଗରେ ରଖି ସରକାର ଅତିଥି ଶିକ୍ଷକଙ୍କ କାର୍ଯ୍ୟକାଳ ୨୦୨୪ ମାର୍ଚ୍ଚ ପର୍ଯ୍ୟନ୍ତ କିମ୍ବା ନୂତନ ଶିକ୍ଷକ ଯୋଗଦେବା ପର୍ଯ୍ୟନ୍ତ ଜାରି ରଖିବେ । ଏହା ପରେ ଆମେ କଣ କହି ପାରିବା ଆମର ଶିକ୍ଷାନିତି ଠିକ୍ ବାଟରେ ଚାଲିଛି । ଗଣଶିକ୍ଷା ବିଭାଗ ଏ ବର୍ଷ ଠିକ୍ କରି ସାରିଛି ୪୪୦୩ ଜଣଙ୍କୁ ଅତିଥି ଶିକ୍ଷକ ଭାବରେ ରଖିବେ । ଆମ ରାଜ୍ୟରେ ମୋଟ ୯୩୦୦ ଉଚ୍ଚ ବିଦ୍ୟାଳୟ ରହିଛି । ଏହା ମଧ୍ୟରୁ ପ୍ରାୟ ସରକାରୀ ଏବଂ ଅନୁଦାନପ୍ରାପ୍ତ ବିଦ୍ୟାଳୟ ସଂଖ୍ୟା ୮୦୦୦ । ଏ ସମସ୍ତ ବିଦ୍ୟାଳୟ ଗୁଡ଼ିକରେ ପାଖାପାଖି ୩୨୦୦୦ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ ପଦ ଖାଲି ପଡ଼ିଛି । ଏହି ସଂଖ୍ୟାକୁ କିଛି ପରିମାଣରେ ପୂରଣ କରିବାକୁ ଅତିଥି ଶିକ୍ଷକଙ୍କ ଦ୍ୱାରା ପୂରଣ କରାଯିବ । ସରକାର ସବୁ ଆଡ଼କୁ ବିଚାକୁ ନେଇ ଚାକିରୀର ବୟସ ସୀମାକୁ ୬୦ ରଖିଛନ୍ତି ଏବଂ ସରକାରଙ୍କ ହିସାବରେ ୬୦ବର୍ଷ ପରେ ସାଧାରଣ ଭାବେ ପୂର୍ବଭଳି କାର୍ଯ୍ୟ କରିବାର ଦକ୍ଷତା କମି ଆସିଥାଏ । ଏ ସବୁ ଜାଣିଲା ପରେ ମଧ ସରକାର ବା ବିଭାଗ ଶିକ୍ଷକ ପାଇଁ ଯୋଗ୍ୟତା ଥାଇ ଅପେକ୍ଷା କରିଥିବା ଶିକ୍ଷକମାନଙ୍କୁ ବହାଲ କାହିଁକି କରୁ ନାହାନ୍ତି? ଠିକ୍ ଅଛି ଦରମା ବିଷୟରେ ଯାହା ଅତିଥି ଶିକ୍ଷକଙ୍କ ପାଇଁ ନିୟମ ଅଛି ତାହାକୁ ବିଚାରକୁ ନିଆଯାଇ ନିଯୁକ୍ତି ଦେଲେ ବେକାର ଦୁନିଆରୁ କିଛି ସଂଖ୍ୟା କମେଇ ଏବଂ ଏଥିରେ ସମାଜ ଉପରୁ ବୋଝ କମିଯିବ । ଏବେ ଆସିବା ଏ ବର୍ଷ ପାଇଁ ଅତିଥି ଶିକ୍ଷକଙ୍କୁ ରଖିବାକୁ ହେଲେ ପ୍ରଥମେ ଜିଲ୍ଲା ଶିକ୍ଷା ବିଭାଗର ଅଧିକାରୀଙ୍କ ଦ୍ୱାରା ସୁପାରିସ ହେବା ପାଇଁ ଏବଂ ପରେ ଜିଲ୍ଲାପାଳଙ୍କ ଅନୁମୋଦନ ମଧ ଦରକାର । ରାଜ୍ୟ ଗଣଶିକ୍ଷା ବିଭାଗ ଅନୁସାରେ ସରକାରୀ ବିଦ୍ୟାଳୟଗୁଡ଼ିକରେ ୧୮୦୬ଜଣ, ଅନୁଦାନ ପ୍ରାପ୍ତ ବିଦ୍ୟାଳୟମାନଙ୍କରେ ୧୧୫୩ ଏବଂ ନୂତନ ଗ୍ରାଜୁଇନ.ଏଡ ବିଦ୍ୟାଳୟଗୁଡ଼ିକରେ ୧୪୪୪ ଜଣ ଅତିଥି ଶିକ୍ଷକଙ୍କୁ ନିଯୁକ୍ତି ମିଳିବାର ଅଛି । ଭାଗ ହିସାବରେ ଆମ ଜିଲ୍ଲାକୁ (ବାଲେଶ୍ୱରକୁ) ୨୧୨ଜଣଙ୍କୁ ନିଯୁକ୍ତି ଦିଆଯିବା କଥା । ଏଇଠି ପୁଣି ପ୍ରଶ୍ନ ଉଠୁଛି ଯଦି କଲେଜ ବା ବିଶ୍ୱବିଦ୍ୟାଳୟ ସ୍ତରରେ ଯୋଗ୍ୟତାକୁ ଦେଖି ଯେ କୌଣସି ବୟସର ଲୋକଙ୍କୁ ଅତିଥି ଶିକ୍ଷକ ହିସାବରେ ନିଆ ହୋଇପାରିବ ତେବେ ସ୍କୁଲ ସ୍ତରରେ କାହିଁକି ସେମିତି କରାହେଉ ନାହିଁ? ମୋର ସରକାର ଏବଂ ବିଭାଗମାନଙ୍କୁ ଅନୁରୋଧ ନିୟମ ବା ଆଇନ କଲେଜ ହେଉ ବା ସ୍କୁଲ ହେଉ ସମସ୍ତଙ୍କ ପାଇଁ ସମାନ ରହିବା ଉଚିତ ଏବଂ ଏହାଦ୍ୱାରା ବହୁତ ବେକାର ଶିକ୍ଷିତ ଯୁବକ ଯୁବତୀ ସେମାନଙ୍କର ଭବିଷ୍ୟତ ବନାଇ ପାରିବେ ।




### ମୋ ଗାଁ ନଇଁ
**ଡିସମ୍ବର ମେହେର**



ହସୁଛି ଆଜି ଖିଲିଖିଲି
ଗାଇ ଗାଇ କୁଳୁକୁଳୁ ସୁରେ
କାହିଁ କେତେ ଦୂରୁ କେତେ ଦୂର
ଲମ୍ବି ଯାଇଛି ଧାରେ ଧାରେ
ସବୁଜିମାର ସୁଷମା କରୁଛି ଶୋଭିତ
ପିନ୍ଧିଛି ଧରଣୀ ମାଁ ସବୁଜ ବସନ
ଖେଳୁଛି ନାଚୁଛି ଧାଉଁଛି ତରଙ୍ଗେ
ଆନନ୍ଦେ ବିଚରଣ କରୁଛି ମିନ
ନିଦାଘର କଷ୍ଟକୁ ପାସୋରି ଦେଇ
ବରଷାକୁ କରୁଛି ସ୍ୱାଗତ
ଦୃଶ୍ୟରାଜି ଦେଖି ମୁଲୁକି ହସୁଛି
ପ୍ରକୃତିର ଗନ୍ତାଘର ଚଉରା ପରବତ
ମୋ ଗାଁ ନଇଁ ହସୁଛି
ହସୁଛି ଧରଣୀ ମାଁ ମୋର
ବୁଣିଦେବ ଖୁସିର ଲହର
ଭରିଦେବ ସ୍ୱର୍ଣ୍ଣକ୍ଷେତ୍ରର ସମ୍ଭାର ।

ଗଣ୍ଡାବାହାଲି, ନୂଆପଡା
ମୋ-୭୮୯୪୭୮୮୧୩୫

### ଇନ୍ଦ୍ରଧନୁ
**ନୀଳମଣି ଚାନ୍ଦ**



ବାଇଗଣ ଫୁଲଟିରୁ
ରଙ୍ଗ ପୋଷେ ଆଣି
ରଙ୍ଗ କରି ନାମ ତା'ର
ଦେଲା ବାଇଗଣି
କେତେ ଘନ ଘନଶ୍ୟାମ
ରଙ୍ଗରେ ଯେ ଭରା
ବାଛିନେଲା ଘନନୀଳ
କହିଲା ସେ ପରା।

ସାଗରର ନୀର ନୀଳ
ଆମେ ସିନା ଜାଣୁ
ନୀଳ ରଙ୍ଗେ ରଙ୍ଗଟିଏ
ନେଲା ବାଛି ତେଣୁ
ସବୁଜ ପତର ହସେ
ସବୁଜିମା ଧରି
ନିଜ ପାଖେ ସବୁଜକୁ
ରଖିଦେଲା ଭରି।

ସୂର୍ଯ୍ୟମୁଖୀ ଯାଚିକରି ଦେଲା ରଙ୍ଗଟିଏ
ସେ ହଳଦି ରଙ୍ଗ
ଦେଖୁଦେଖୁ କହେ କିଏ
ଆଉ ରଙ୍ଗ ନାରଙ୍ଗୀକୁ
କରିଅଛି ସାଥେ
ଲାଲକୁ ବାଛିଲା ଶେଷେ
ନିଜ ରୁଚି ମତେ।

ବାଘନୀସହଲାନାର ଏଇ ସମାହାର
ଇନ୍ଦ୍ରଧନୁ କହୁଥାଏ ରଙ୍ଗ ସାତ ତା'ର
ଧନୁ ନୁହଁ କିଆଁ ଇନ୍ଦ୍ର
ସାଥେ ନାମ ଯୋଡା
ପ୍ରାବୃଟରେ ସେ ଚିତ୍ରଟି
ସତେ ହୁଏ ଲୋଡା।

+ଭୁବନେଶ୍ୱର
ମୋ: ୯୫୮୩୨୦୨୩୫୭

### ବଢ଼ିଆ ସେ କଳାପଟା
**ଧ୍ରୁବ ଚରଣ ଘିବେଲା**

ସବୁ ସ୍କୁଲର ସବୁ ଶ୍ରେଣୀର
କଳାପଟା ରଙ୍ଗ କଳା
କଳା ଦେହରେ ଚକଖଡ଼ିରେ
ଲେଖା ଅକ୍ଷର ଧଳା ।
ଗୁରୁ ଶିକ୍ଷକ ପଢ଼ାନ୍ତି ପାଠ
ବତାଇ ପାଠ ବାଟ
ଧରନ୍ତି ପିଲେ ପାଠର ବାଟ
ହୋଇ ଉତ୍ତମ ଚାଟ ।
ଲୋଡ଼ା ପଡ଼ିଲେ କଳାପଟାରେ
ଲେଖନ୍ତି ପାଠ କଥା
ପୁଣି କହନ୍ତି ଲେଖରେ ପିଲେ
କାମେ ଆସିବ ଯଥା ।
ସାରଙ୍କ କଥା ଶୁଣିକି ଖାତା
ପିଲେ ବାହାର କରି
ଖାତା ଦେହରେ କଲମ ଗାରେ
ଲେଖନ୍ତି ଗୋଲ କରି ।
ନିର୍ଭୁଲ ଭାବେ କଳାପଟାର
ଲେଖା ସବୁ ଉତାରି
ପୁଣି ଚାହାନ୍ତି ସାରଙ୍କ ଆଡ଼େ
ବସି ରହିକି ଥିରି ।
ପାଠ ସହିତ ସାର କଥାକୁ
ଲେଖି ବୁଝାଇଥାନ୍ତି
ଯିଏ ଶୁଣନ୍ତି ଶୁଣି ବୁଝିକି
ପାଠ ଧାରା ଧରନ୍ତି ।
ସାରଙ୍କ କଥା ବୁଝିକି ଯଥା
ଯୋ' ଚାଟ ମନେ ରଖେ
ନିଶ୍ଚୟ ସିଏ ଉତ୍ତମ ଚାଟ
ପାଠର ବାଟ ଦେଖେ ।
ପଢ଼ା ଭିତରେ କାହା କାହାକୁ
ଶିକ୍ଷକ ଡାକିଥାନ୍ତି
ପ୍ରଶ୍ନ ଉତ୍ତର କଳାପଟାରେ
ଲେଖିବାକୁ କହନ୍ତି ।
ସାରଙ୍କ ପ୍ରଶ୍ନ ଠିକ ଯେ ଶୁଣେ
ଉତ୍ତର ଠିକ ରଖେ
ଜାଣେନି ଯିଏ ଠିକ ଉତ୍ତର
ଆଉ କି ସିଏ ଲେଖେ ?
ସାର ଲେଖନ୍ତି ପଢ଼ାଇ ନିତି
କଳାପଟା ଦେହରେ
ନିତିଦିନିଆ ପାଠପଢ଼ାରେ
ପଟା ସାହାଯ୍ୟ କରେ ।

ବଉଦରାଜ, ଜି. ବୌଦ୍ଧ
ମୋ:୯୪୩୭୪୭୮୪୬୬

### ଶ୍ରାବଣୀ
**ସୁହଂସ ଭୋଇ**

ମେଘକୁ କରିଛି ମଥାର ଓଢ଼ଣୀ
ଆସିଛି ପ୍ରିୟା ଶ୍ରାବଣୀ
ପାଦର ଘୁଙ୍ଗୁର ଶୁଭେ ରୁଣୁଝୁଣୁ
ଟୁପୁରୁ ଟୁପୁରୁ ପାଣି ।
ଦେହେ କଳାପାଟ ଯତନେ ଖଞ୍ଜିଛି
ଲାଜବତୀ ସୁକୁମାରୀ
ତା ରୂପ ଲାବଣ୍ୟ ଝଲସି ଉଠୁଛି
ଦିଶୁଛି ଭାରି ସୁନ୍ଦରୀ
ଚମକେ ଚପଳା ଯେସନେ ମେଖଳା
ମନଲୋଭା ତା ଚାହାଣି
ମେଘକୁ କରିଛି ମଥାର ଓଢ଼ଣୀ
ଆସିଛି ପ୍ରିୟା ଶ୍ରାବଣୀ ।
ଘୋର ଗରଜନ ମାଦଳର ସୁରେ
ସମୀର ଗୀତ ଗାଉଛି
ମନ ପ୍ରୀତିଭରେ ନାନାଦି ଭଙ୍ଗୀରେ
ଅବିରତେ ସେ ନାଚୁଛି
ଝରା ଶ୍ରାବଣରେ ଭିଜିବାକୁ ଥରେ
ଡାକୁଛି ଅଭିମାନିନୀ
ମେଘକୁ କରିଛି ମଥାର ଓଢ଼ଣୀ
ଆସିଛି ପ୍ରିୟା ଶ୍ରାବଣୀ ।

ପହଣ୍ଡି, ବରଗଡ



# ଯୌଥ ପରିବାର


ଝରଣା ବାରିକ




ସଞ୍ଜ ବୁଡ଼ିଗଲେ ଭାରି ମଜା ଲାଗେ। ଜେଜେମା ଚୁପଚାପ୍ ସଉପ ଖଣ୍ଡିଏ ପକାଇ ଦେଇ ପାନ ଖଣ୍ଡେ ଚୋବେଇ ଚୋବେଇ ବରାଦ ପରେ ବରାଦ କରିଚାଲେ ତା ବୋହୂ ମାନଙ୍କୁ। ବଡ଼ ବୋହୂଟି ତାର ଭାରି ନିଜର ମନେ ମନେ ସବୁବେଳେ ତାକୁ ଖୋଜୁଥାଏ।କାହା ନାଆଁ ଯଦି ପାଟିରେ ପଶେ କେବଳ ବଡ଼ ବୋହୂ କୁ ହିଁ ଡାକ ଛାଡୁଥାଏ। ସମସ୍ତେ ନିଜ ନିଜ କାମରେ ବ୍ୟସ୍ତ ଥିଲାବେଳେ। ସେ ଆମ ସମସ୍ତଙ୍କୁ ଡାକି ତା ଗପ ପେଡ଼ି ଖୋଲି ବସିପଡେ। କେବେ ରାଜା ପୁଅର ପ୍ରେମ କାହାଣୀ ତ କେବେ ବୁଢ଼ୀ ଅସୁରୁଣୀର କାଣ୍ଡ କାରଖାନା । ତା ପାଖରୁ ଗପ ଶେଷ ହେବାର କେବେ କାହିଁ ମୁଁ ଜାଣିନି। ଗପ କହି କହି ସିଏ କେବେ ଥକି ପଡେନି । ସବୁ କାମ ସରିଲା ପରେ ବଡ଼ ବୋହୂ ଆସି ତା ଗୋଡ଼ ହାତ ମୋଡି ଘଷି ଦିଏ। ତାପରେ ସମସ୍ତଙ୍କୁ ଖାଇବାକୁ ଉଠାଏ। ଖାଇ ସାରିଲା ପରେ ଯିଏ ଯାହା ରୁମକୁ ଯାଆନ୍ତି କିନ୍ତୁ ଆମେ ଜେଜେମା ପଛ କେବେ ଛାଡୁନି । ତା ପାଖରେ ଶୋଇଲେ ଭାରି ଶାନ୍ତି ଲାଗେ । ନିଦ ମାଉସୀ ଉଡି ଉଡି ଆସି ଆମ ଆଖିରେ ନିଦ ଦେଇ ଯାଏ। ନହେଲେ ମୋ ଜେଜେମା ରାଗିଯିବ । ନିଦ ମାଉସୀକୁ ସକାଳେ ତା ଘରକୁ ଯିବାକୁ ଦେବନି। ତା ପିଲାମାନେ ତାକୁ ଖୋଜି ଖୋଜି କେତେ କାନ୍ଦିବେ ହେଲେ ନିଦ ମାଉସୀ ଆମ ଘରେ ବନ୍ଧା ହୋଇଥିବ। ଏମିତି କହି କହି ଆମକୁ ଶୋଇ ଦିଏ।

ବଡ଼ ବୋହୂ ସକାଳର ବାସୀ ପାଇଟି ସାରି ଗୋରୁ ଗାଇଙ୍କ ସେବାରେ ଲାଗିପଡେ। ମଝିଆ ବୋଉ ସକାଳ ଜଳଖିଆ ତିଆରି କରି ଦେଇ ସମସ୍ତଙ୍କୁ ଖୁଆଏ। ସାନ ବୋହୁ ନିତ୍ୟ କର୍ମ ସାରି ଠାକୁର ପୂଜା କରି ଖରାବେଳେ ପାଇଁ ଖାଇବା ପ୍ରସ୍ତୁତ କରେ। ସେଥିରେ ଯାହା ମୋ ଜେଜେମା କହିବ । ହାଣ୍ଡିରେ କେତେ ଚାଉଳ ପଡ଼ିବ , କଣ ରୋଷେଇ ହେବ , କାହାକୁ କ'ଣ ଖାଇବାକୁ ଭଲ ଲାଗିବ ସେଗୁଡ଼ାକ ସବୁ ମୋ ଜେଜେମାକୁ ଭଲ ଭାବେ ଜଣା। ତାକୁ ନ ପଚାରିଲେ ନ ଚଳେ। ବଡ଼ ବୋଉ ସବୁ ଜିନିଷ ଯୋଗେଇ ଦିଏ। ମଝିଆ ବୋଉ କଟା ବଟା କାମ ସାରିଦିଏ କେବଳ ଚୁଲି ମୁଣ୍ଡରେ ବସି ରୋଷେଇ କରିବା କାମ ସାନ ବୋଉର। ମାଛ ମାଂସ ଭଲ ମନ୍ଦ ହେଲେ ବଡ଼ ବୋଉ ବଢା ବଢ଼ି କରି ସମସ୍ତଙ୍କୁ ସମାନ ଭାବରେ ଦିଏ। ଜେଜେ ବାପା, ଜେଜେମାଙ୍କ ପାଇଁ ଭଲ ମାଉଁସିଆ ମାଉଁସିଆ ବାଛି ଦିଏ କାରଣ କଣ୍ଟା ଚୋବେଇ ଖାଇବାକୁ ତାଙ୍କର ଦାନ୍ତ ନାହିଁ।

ସମସ୍ତେ ନିଜ ନିଜ ଭାଗ ର ତରକାରୀ ବେଶ୍ ଶାନ୍ତିରେ ଖାଆନ୍ତି। ଘରର ଅଭାବ ଯମା ଜଣା ପଡେନି କାରଣ ଜେଜେ ସବୁ ଜିନିଷ ଆଣି ଘରକୁ ଯୋଗାଇ ଦିଅନ୍ତି। ମାସ ଶେଷରେ ଯୋଉଠୁ ଯାହା ଆଣି ଥାଆନ୍ତି ସବୁ ପରିଶୋଧ କରି ଦିଅନ୍ତି।

ବାପା, ମଝିଆଁ ବାପା, ସାନ ବାପା ନିଜ ନିଜ କାମରେ ବାହାରି ଯାଆନ୍ତି ଘରର କୌଣସି ଚିନ୍ତା ସେମାନଙ୍କର ନ ଥାଏ। ଯିଏ ଯାହା କହେ ଗୋଟିଏ ଉତ୍ତର ତିନିଜଣ ଯାକ ଦିଅନ୍ତି ବାପାଙ୍କୁ କହିବ ସିଏ ଆଣିଦେବେ। ଆମର ଖାତା ବହି ପେନ୍ ପେନସିଲ୍ ଯାହା ଦରକାର ସବୁ ଜେଜେ ଆଣି ଦିଅନ୍ତି। ପୂଜା ପର୍ବ ହେଲେ ଜାମା ପ୍ୟାଣ୍ଟ ବି ଜେଜେ ଆଣି ଦିଅନ୍ତି। ଆମ ଘରର ଚଳଣି ଦେଖିଲେ ସମସ୍ତେ ଇର୍ଷା କରନ୍ତି । ଗାଆଁରେ କାହା ପରିବାରରେ ଝଗଡ଼ା ହେଲେ ଆମ ଘରର ଉଦାହରଣ ଦିଆ ଯାଏ। ଆମକୁ ଭାରି ଖୁସି ଲାଗେ। ଆମ ଘରେ କେହି କାହା ସହିତ ଝଗଡ଼ା କରିବା ତ ଦୂରର କଥା କେହି କାହା ମୁହଁ ଉପରେ ଜବାବ ବି ଦିଅନ୍ତି ନାହିଁ।

ଏଇ କିଛି ଦିନ ହେବ ଜେଜେଙ୍କ ଦେହ ଖରାପ । ଖାଇବା ପିଇବା ବି କମ୍ କରି ଦେଲେଣି। ଜେଜେମା ସବୁବେଳେ ବସି ଆଖିରୁ ଲୁହ ନିଗାଡୁଛି। ଘରର ସବୁ କାମ ବାପାଙ୍କୁ କରିବାକୁ ପଡୁଛି। ଜେଜେଙ୍କୁ ମେଡିକାଲ ନେବା ଆଣିବାଠୁ ଆରମ୍ଭ କରି ଘରର ସବୁ ଜିନିଷ ବାପାଙ୍କୁ ହିଁ କରିବାକୁ ପଡୁଛି। ସେପଟେ ଅଫିସ କାମ ଏପଟେ ଘର କାମ ଦୁଇ ପଟୁ ବୁଝିଲା ବେଳକୁ ବାପା ଟିକେ ବିରକ୍ତ ହେଇ ଯାଉଛନ୍ତି। ମନେ ମନେ ଠାକୁରଙ୍କୁ ଡାକି କହନ୍ତି ମୋ ବାପାଙ୍କୁ ଭଲ କରିଦେଲ ପ୍ରଭୁ ମୁଁ ଆଉ ଏତେ ଦାୟିତ୍ୱ ନେଇ ପାରିବିନି।

ଆଜି କାହାରି ମନ ଭଲ ନାହିଁ । ଜେଜେ ଆଖି ଖୋଲୁ ନାହାନ୍ତି କଥା କହୁ ନାହାନ୍ତି। ସାହି ପଡିଶା ସବୁ ଲୋକମାନେ ଆସି ଜେଜେଙ୍କୁ ଦେଖି ଯାଉଛନ୍ତି। ସାନ ବୋଉ ଭାଗବତ ପଢୁଛନ୍ତି। ଜେଜେଙ୍କ ଚାରି ପଟେ ଆମ ପୁରା ପରିବାର । ଜେଜେମାର ହାତ ଧରି ଜେଜେ କିଛି କହିବାକୁ ଚେଷ୍ଟା କରୁଥିଲେ କିନ୍ତୁ ତାଙ୍କ କଥା କିଛି ବୁଝି ହେଉ ନ ଥିଲା। କଣ ଭଲ କରି କୁହ ବୋଲି ଜେଜେମା ପାଟି କରି କହୁଥାଏ। ଜେଜେ ଆଉ ଜେଜେମା କଥା ଶୁଣୁ ନାହାନ୍ତି। ଧିରେ ଧିରେ ଜେଜେ ନିସ୍ତେଜ ହୋଇଗଲେ। ସମସ୍ତେ ଭୋ ଭୋ ହୋଇ କାନ୍ଦି ଉଠିଲେ।

ଜେଜେଙ୍କ ସୁଧ କ୍ରିୟା ସରିଲା । କିଛି ଦିନ ପରେ ମଝିଆଁ ବାପା ତାଙ୍କ ପରିବାର ସହିତ ଅନ୍ୟତ୍ର ରହିବା ପାଇଁ ଚାହିଁଲେ। ବାପା କିଛି କହିଲେ ନାହିଁ ଜେଜେମା ମନା କରିଦେଲା। ଆରେ ପୁଅ ବାପା ଯିବାର କେତେଟା ଦିନ ହେଇଛି କହିଲୁ ତୁ ଆମକୁ ଛାଡି ଯିବା ପାଇଁ କହୁଛୁ। ମଝିଆ ବାପା କିଛି ନ କହି କିଛି ଦିନ ଚୁପଚାପ୍ ରହିଲେ ତାପରେ କାହାକୁ କିଛି ନ କହି ତାଙ୍କ ପରିବାରକୁ ନେଇ ଚାଲିଗଲେ, ସେ ଚାକିରୀ କରୁଥିବା ସ୍ଥାନକୁ।

ତା କିଛି ଦିନ ପରେ ସାନ ବାପା ବି ଚାଲିଗଲେ। ଆମ ଘର ପୁରା ଶୁନଶାନ୍ ହେଇଗଲା। ଆଗଭଳି ଥଟା ମଜା ହସ ଖୁସି ସବୁ କମିଗଲା। ବୋଉ ସବୁବେଳେ ଏକୁଟିଆ ଅନୁଭବ କରି ମନେ ମନେ କାନ୍ଦେ। ଜେଜେ ଗଲାଦିନୁ ଜେଜେମା ବି ଆଗଭଳି ଚଳ ଚଞ୍ଚଳ ନାହିଁ। ତା ପାଖରେ ଆମେ ଶୋଉ ହେଲେ ଆଗଭଳି ସେ ଗପ କୁହେ ନାହିଁ ଯଦି ଗପ କୁହେ ତା ନିଜ ଅଙ୍ଗେ ନିଭା କଥା। ଜେଜେଙ୍କ କଥା, ତା ପିଲା ମାନଙ୍କ ପିଲାବେଳ କଥା । ଏସବୁ କହିଲା ବେଳେ ତା ଆଖିରୁ ଧାର ଧାର ଲୁହ ବୋହି ଯାଉଥାଏ।

ଏଇ କିଛି ଦିନ ହେବ ଆମ ପୁରା ପରିବାର ଏକାଠି ହୋଇ ଯାଇଛି। ମୋବାଇଲ ଭିତରେ, ମଝିଆଁ ବୋଉ ସମସ୍ତଙ୍କ ନମ୍ବର ଯୋଡ଼ି ଗୋଟିଏ ରବଙ୍କସକ୍ଷଚ ଏକ୍ସ୍ୱକ୍ଟଙ୍କକ୍ତ କରିଦେଇଛି। ଯାହାର ଯାହା ଭଲମନ୍ଦ ସେଇଥିରେ ସେୟାର ହେଉଛି। ସହଜରେ ସମସ୍ତଙ୍କ କଥା ସମସ୍ତେ ଜାଣି ପାରୁଛନ୍ତି। ଜେଜେମାକୁ ଏ କଥା କହିବାରୁ କହିଲା କି ଯୁଗ ଦେଖିବାକୁ ପଡ଼ିଲା ମତେ ମୁଁ ହେଲେ ତାଙ୍କ ସାଙ୍ଗରେ ଚାଲି ଯାଇଥାନ୍ତି। ସୁନା ଭଳିଆ ଘର ମୋର ଚୁନା ହେଇଗଲା। ଆଉ ଏଇ ଯନ୍ତ୍ର ଭିତରେ ମୋ ପୁରା ପରିବାର ଏକାଠି ହେଇ ରହିଗଲେ ।


+ସମଲ, ତାଳଚେର, ଅନୁଗୋଳ
ମୋବାଇଲ: ୯୫୫୬୮୪୬୯୩୨


# ମାନିନୀ


ବିଷ୍ଣୁ ପ୍ରସାଦ ଦାସ






ମାନିନୀ ଅପରାହ୍ନରେ ଘରର ସବୁ କାମ ସାରି ସୋଫା ଉପରେ ବସି ଟିକେ ବିଶ୍ରାମ ନେଉଥିଲା, ସାରା ଘରର କାମ ଯେତେ କଲେବି ସରୁନାହିଁ । ନିଜକୁ ନିଜେ ଗୁଣୁ ଗୁଣୁ ହୋଇ କ'ଣ ସବୁ କହିଚାଲିଥିଲା, ହାତରେ ସ୍ମାର୍ଟ ଫୋନ, ଟିକେ ସମୟ ମିଳିଲେ ବାସ ଏହି ସ୍ମାର୍ଟଫୋନ ସବୁଠାରୁ ବେଶୀ ନିଜର ପରି ମନେହୁଏ । ପୃଥିବୀର ଅଷ୍ଟମ ଆଶ୍ଚର୍ଯ୍ୟ ବୋଧହୁଏ ଏହି ସ୍ମାର୍ଟଫୋନ, ମଣିଷର ସବୁ ଆବଶ୍ୟକତାକୁ ସ୍ମାର୍ଟଫୋନ ଅନଲାଇନ ଦ୍ୱାରା ପୂରଣ କରିପାରୁଛି, ତେଣୁ ଆଜିକାଲି ପିଲାଠାରୁ ବୟସ୍କ ବ୍ୟକ୍ତି ସମସ୍ତଙ୍କର ପ୍ରିୟ ଏହି ସ୍ମାର୍ଟଫୋନ ଓ ଯୁଗ ବଦଳୁଛି ଆଉ ତାହା ସହିତ ମଣିଷର ଚାହିଦା ମଧ ବଦଳୁଛି । ସ୍ମାର୍ଟଫୋନର ଅପବ୍ୟବହାର ତଥା ଅତ୍ୟଧିକ ବ୍ୟବହାର ଆମପାଇଁ କ୍ଷତିକାରକ , ଅନେକ ଯୁବକ ଯୁବତୀ, କୋମଳମତି ବାଳକ ବାଳିକା ଏହି ସ୍ମାର୍ଟଫୋନ ଦ୍ୱାରା ଅନେକ ଅସୁବିଧାରେ ପଡୁଛନ୍ତି ବେଳେବେଳେ କୁପଥରେ ଯାଇ ନିଜ ଜୀବନ ମଧ ଦେଇ ଦେଉଛନ୍ତି । ସାଇବର ଠକମାନେ ଲୋକଙ୍କ ସରଳତାର ସୁଯୋଗ ନେଇ ତା'ଙ୍କୁ ତଳିତଳାନ୍ତ କରିଦେଉଛନ୍ତି । ତେଣୁ ଏହି ସ୍ମାର୍ଟଫୋନ ଆମପାଇଁ ଯେତିକି ଭଲ ସେତିକି ଖରାପ, ଆମେ ନିଜକୁ ନିଜେ ଯେତେ ନିୟନ୍ତ୍ରଣରେ ରଖିପାରିବା ସେତେ ଉପକୃତ ହେବା, ପରିବାରର ଶାନ୍ତି ଆଗରେ ସ୍ମାର୍ଟ ଫୋନ ତୁଚ୍ଛ । ସ୍ମାର୍ଟଫୋନ ଉପରେ ଏହି କ୍ଷୁଦ୍ର ଗଳ୍ପଟି ଲେଖା।

ମାନିନୀ ସ୍ମାର୍ଟଫୋନ ଖୋଲି କିଛି ଦେଖି ଚାଲିଛି ଆଉ ତା'ର ଆଙ୍ଗୁଳି ଟିପ ଟାଇପ କରିଚାଲିଛି, ହଠାତ ନିର୍ମଳାଦେବୀ ମାନିନୀ ହାତରୁ ସ୍ମାର୍ଟ ଫୋନଟି ଟାଣିନେଲେ, ନିର୍ମଳା ଦେବୀ ମାନିନୀର ଶାଶୁମା' । ମାନିନୀ ହଠାତ କିଛି ବୁଝିପାରିଲାନାହିଁ, ଆଶ୍ଚର୍ଯ୍ୟ ହୋଇ ନିର୍ମଳା ଦେବୀଙ୍କୁ ଚାହିଁ ପଚାରିଲା 'ମା' କ'ଣ ହେଲା ? ମୁଁ ତ' ଘର କାମ ସବୁ ସାରିଦେଇ ଟିକେ ମୋବାଇଲ ଧରି ବସିଛି, ନିର୍ମଳା ଦେବୀ କୌଣସି ଉତ୍ତର ନ'ଦେଇ ମୋବାଇଲଟିକୁ ଧରି ଚାଲିଗଲେ । ମାନିନୀକୁ ଏହା ଖୁବ ଖରାପ ଲାଗିଲା, ସେ' ନିଜକୁ ଅପମାନିତ ବୋଧ କଲା, କାହାକୁ କିଛି ନ'କହି ନିଜ ବେଡ଼ ରୁମକୁ ଯାଇ ଖଟ ଉପରେ ଶୋଇ କାନ୍ଦିବାକୁ ଲାଗିଲା । ସେ ନିଜକୁ ନିଜେ ବିଶ୍ୱାସ କରିପାରୁନଥିଲା ଯେ, ତା'ର ଶାଶୁମା କେମିତି ଏତେ ବଦଳିଗଲେ ? ମାନିନୀ ଭାବୁଥିଲା ସେଇ ପୁରୁଣା କଥା, ସେ ଯେତେବେଳେ ଅଶୋକଙ୍କୁ ବାହାହୋଇ ଆସିଲା ସେତେବେଳେ ଶାଶୁମା' କେତେ ଭଲ ଥିଲେ, ସେ ନିଜକୁ ନେଜେ ଭାବି ପାରୁନଥିଲା ଯେ, ସେ ଏ'ଘରର ବୋହୁ ନା'ଝିଅ ? ପ୍ରତିଟି କଥାରେ ସ୍ନେହ ମମତା ଆଉ ଭଲପାଇବା ଭରି ରହିଥିଲା, ଡାଇନିଂ ଟେବୁଲରେ ସମସ୍ତେ ବସି ଏକାଠି ଖାଉଥିଲୁ, ମଜା ମଜା ଗଳ୍ପ ବି କରୁଥିଲୁ । ସମୟ ସମୟରେ ଶାଶୁମା' କହୁଥିଲେ ମାନିନୀ ତୁ ତ' ମୋ'ର ବୋହୁ ନୁହେଁ ତୁ ମୋର ଝିଅ, ମୋ'ର କେହି ଝିଅ ନାହାନ୍ତି ଅଶୋକ ଗୋଟିଏ ମାତ୍ର ପୁଅ ତେଣୁ ତୁମେ ଦୁଇଜଣ ଆମ ମାନଙ୍କର ସାହା ଭରସା, ଯେତେଦିନ ଆମେ ଅଛୁ ହସଖୁସିରେ ସଂସାରଟା ଏମିତି ଚାଲିଥାଉ । ଏତେ ସ୍ନେହ ଏତେ ସହାନୁଭୂତି, ଏତେ ଭଲପାଇବା, ଏତେ ଆନ୍ତରିକତା ଏସବୁ କ'ଣ ଲୋକଦେଖାଣିଆ ଥିଲା ? ମାନିନୀ ମସ୍ତିଷ୍କରେ କେତେ କ'ଣ ନକାରାତ୍ମକ ଚିନ୍ତାଧାରା ପ୍ରବେଶ କରୁଥିଲା ଆଉ ମନେ ମନେ ନିଜକୁ ଖୁବ ଦୁଃଖୀ ପରି ଅନୁଭବ କରୁଥିଲା । ଦୀର୍ଘ ଦୁଇ ବର୍ଷର ବିବାହିତ ଜୀବନ ଭିତରେ ଶାଶୁମା'ଙ୍କ ଠାରୁ ଏପରି ବ୍ୟବହାର କେବେବି ପାଇ ନ'ଥିଲା, ତେବେ ଆଜି ଶାଶୁମା'ଙ୍କର ହେଲା କଣ ? ସେ ଏତେ କଠୋର କାହିଁକି ହେଲେ ? ମନ ଭିତରେ ଅନେକ ପ୍ରଶ୍ନ ଆଉ ଅନେକ ଉତ୍ତର ଭିତର କିଛି ସମୟ ବିତି ଯାଇଛି, ଟିକେ ଛାଇ ନିଦ ଲାଗିଯାଇଥିଲା ମାନିନୀକୁ। ହଠାତ ଅଶୋକଙ୍କ ପାଟିରେ ମାନିନୀର ଛାଇ ନିଦଟା ଭାଙ୍ଗିଗଲା ଓ ଅଶୋକ ପ୍ରାୟ ସନ୍ଧ୍ୟା ସାତଟା ସୁଦ୍ଧା ଅଫିସରୁ ଘରକୁ ଫେରନ୍ତି । ସନ୍ଧ୍ୟା ବେଳେ ଚା' ଜଳଖିଆ ଖାଇଦେଇ ସେ ତା'ଙ୍କ କାମରେ ବ୍ୟସ୍ତ, ଶାଶୁମା ଏକା, ସେ ପ୍ରାୟ ଟିଭି ଦେଖିବାକୁ ଭଲ ପାଆ'ନ୍ତି ନାହିଁ, ସେ ଟିକେ ଗପୁଡି ତେବେ କାହା ସହିତ ଆଉ ଗପିବେ ? ଶ୍ୱଶୁର ଦୂର ଜାଗାରେ କାମ କରନ୍ତି ତେଣୁ ସେ ପ୍ରତି ଶନିବାର ଦିନ ଆସି ପୁଣି ସୋମବାର ସକାଳେ ନିଜ କାର୍ଯ୍ୟାଳୟକୁ ଫେରି ଯା'ନ୍ତି, ଘରେ ଆମେ ତିନିଜଣ ଓ ଶାଶୁମା' ଚା' ଜଳଖିଆ ଅଶୋକଙ୍କୁ ଦେଇଦେଲେ, ଅଶୋକ ଚା 'ଜଳଖିଆ ଖାଇ ମୋ ପାଖକୁ ଆସି ଉଚ୍ଚ ସ୍ୱରରେ ପଚାରିଲେ 'ମାନିନୀ ତୁମେ ମୋତେ' ଫେସବୁକ'ରେ ବ୍ଲକ କରିଦେଇଛ କାହିଁକି ? ତୁମେ ଖୁବ ଅଭାଦ୍ରାମୀ କରୁଛ, ମୋର ସାଙ୍ଗ ମାନଙ୍କ ସହିତ ତୁମର କ'ଣ ସମ୍ପର୍କ? ଆଉ ତୁମେ ତା'ଙ୍କୁ 'ଲାଇକ' 'ସେଆର' କରୁଛ କିନ୍ତୁ ଆଜି ଦେଖୁଚି ତୁମେ ମୋତେ ବ୍ଲକ କରିଛ, 'ମୁଁ ବି ଚୁପ ରହିବାକୁ ପସନ୍ଦ କରିନଥିଲି, ଏକରେ ମୋବାଇଲ ଫୋନ ଶାଶୁମା' ନେଇ ଯିବାର ଦୁଃଖ ତା' ଉପରେ ଅଶୋକଙ୍କ ନାଲି ଆଖି ମୁଁ ଉତ୍ତର ଦେଇଥିଲି କ'ଣ କହିବାକୁ ଚାହୁଁଛ ? ସବୁ ଦୋଷ ମୋର ? ମୁଁ କ'ଣ ନିଜ ଉପରୁ ନିଜର ନିୟନ୍ତ୍ରଣ ହରାଇ ବସିଛି ନା କ'ଣ ? ମୁଁ ଘରର କୂଳବଧୁ ମୋର ବି ମାନ ସମ୍ମାନ ଅଛି, ମୋର ବି ଆଭିଜାତ୍ୟ ଅଛି , ତୁମେ ଯାହା କହୁଛ ନିଜ ନିୟନ୍ତ୍ରଣରେ ରହି କୁହ, ମୁଁ ଏପରି କିଛି କାର୍ଯ୍ୟ କରିନାହିଁ ଯେ, ଯେଉଁଥିପାଇଁ ନିଜକୁ ଲଜ୍ଜିତ ଅନୁଭବ କରିବି କିଛି ସମୟର ନୀରବତା ପରେ ହଠାତ ଅଶୋକ ଉତ୍କ୍ଷିପ୍ତ ହୋଇ ମୋତେ ଏକ ଶକ୍ତ ଚଟକଣା ଦେଲେ । ମୋର ଧର୍ଯ୍ୟର ସୀମା ଟପିଗଲା ମୁଁ ମଧ ନିଜକୁ ସମ୍ଭାଳିବା ଅବସ୍ଥାରେ ନ'ଥିଲି , ଅଶୋକଙ୍କୁ କହିଥିଲି ' ମୁଁ କାହାରିକୁ ବ୍ଲକ କରିନାହିଁ , ଯଦି ବିଶ୍ୱାସ ନ'ହେଉଛି ଯାଅ ମା'ଙ୍କୁ ପଚାର ସେ ଆଜି ଅପରାହ୍ନରୁ ମୋ ଠାରୁ ମୋବାଇଲ ନେଇ ଯାଇଛନ୍ତି ତେଣୁ ସେ ହିଁ ଏହାର ଉତ୍ତର ଦେବେ । ସମୟ ଅସମୟରେ ଟିକେ ମୋବାଇଲ ଧରି ସମୟ ବିତାଉଥିଲି ,କିନ୍ତୁ ମା' ଆଜି କ'ଣ ଭାବିଲେ କେଜାଣି ମୋଠାରୁ ମୋବାଇଲ ଫୋନ ନେଇଯାଇଛନ୍ତି । ଦୟାକରି ମୋତେ ଆଉ ବିରକ୍ତ ନ'କରି ଯାଇ ମା'ଙ୍କୁ ପଚାର ଆଉ ନିଜ ଉପରେ ନିଜର ନିୟନ୍ତ୍ରଣ ରଖ, ଭୁଲି ଯାଅନାହିଁ ଯେ, ମୁଁ ତୁମର ବିବାହିତା ସ୍ତ୍ରୀ, ଘରର ଚାକରାଣୀ ନୁହେଁ ।

ସେଦିନ ଶନିବାର ଥିଲା କିଛି ସମୟ ପରେ ଶ୍ୱଶୁର ମହାଶୟ ଘରକୁ ପ୍ରବେଶ କଲେ , ଘରେ ବାତାବରଣ ଉଷ୍ମ ଥିଲା, ସେ ସବୁ ବିଷୟ ଶାଶୁମା'ଙ୍କ ଠାରୁ ବୁଝିଲା ପରେ ମୋତେ ଡାକିଲେ, ମୁଁ ଆସି ତା'ଙ୍କ ପାଖରେ ଠିଆ ହେଲି, ଶାଶୁମା' ଶ୍ୱଶୁରଙ୍କ ପାଖରେ ବସିଥା'ନ୍ତି । ମୁଁ କହିଲି 'ବାପା ଆପଣ ମୋତେ ଡାକୁଥିଲେ ? ହଁ, ରେ ମା' ମୋ' ପାଇଁ ଟିକେ ଭଲ ଚା' କରି ଆଣିଲୁ, ଆଜି ଟିକେ ମୋତେ ଥକ୍କା ଲାଗୁଛି, ଶାଶୁମା'ଙ୍କ ବଡ଼ ବଡ଼ ଆଖି ଦେଖି ମୁଁ ଚା' କରିବାକୁ ଚାଲିଯାଇଥିଲି, ସତରେ ଶାଶୁମାଙ୍କ ଉପରେ ମୋ'ର ମନ ଭିତରେ ରାଗ ଆସି ଯାଇଥିଲା । ଚା' ଧରି ଆସିଲାବେଳେ ଶୁଣିଲି ଶାଶୁମା' ଶ୍ୱଶୁରଙ୍କୁ କହୁଛନ୍ତି 'ତୁମେ କି ବୋହୁ ଆଣିଲ ଯେ, ସବୁବେଳେ ଖାଲି ମୋବାଇଲ ଧରି ବସିଛି' ଶ୍ୱଶୁରଙ୍କ ଉତ୍ତର ଥିଲା, 'ନିର୍ମଳା ଶୁଣ, ଅଶୋକ ତ' ମାନିନୀକୁ ପସନ୍ଦ କରିଥିଲା ତୁମେ ବି ଦେଖିଲ ଆଉ ଶେଷରେ ମୋତେ ଦୋଷ ଦେଉଛ କାହିଁକି ? ଆଜିକାଲି ତ' ମୋବାଇଲର ଯୁଗ ମୁଁ କ'ଣ କରିପାରିବି କୁହ ?' ମୁଁ ଚା' ଦେଇ ନିଜ ରୁମକୁ ଚାଲି ଆସିଲି , ଅଶୋକ ମୋବାଇଲ ନେଇ ବ୍ୟସ୍ତ । ଚା' ପିଇସାରି ବାପା ଆମ ରୁମକୁ ପ୍ରବେଶ କରିବା ପୂର୍ବରୁ ଅଶୋକ, ଅଶୋକ ଡାକ ଦେଲେ ଆଉ ଆମେ ଦୁଇଜଣ ଟିକେ ସତର୍କ ହୋଇଗଲୁ, ବାପା ଅଶୋକଙ୍କୁ କହିଲେ 'ଅଶୋକ ତୋ'ର ମୋବାଇଲ ଟିକେ ଦେଲୁ ' ଅଶୋକ ମୋବାଇଲ ଦେବାପରେ ବାପା ତା'ଙ୍କୁ ନିଜ ପକେଟ ଭିତରେ ପୁରାଇ କହିଲେ 'ଏଇଟା କାଲି ସକାଳେ ପାଇବୁ, ହଁ ଆଉ ମନେ ରଖ ଅଫିସରୁ ଆସିଲେ ଏଇ ଫୋନ ତୋ'ର ମା'ଙ୍କୁ ଦେଇ ଦେବୁ ପୁଣି ପରଦିନ ଅଫିସ ଗଲାବେଳେ ମା'ଙ୍କ ଠାରୁ ନେଇନେବୁ , ମୋ' କଥାରୁ ଯଦି ବିଚ୍ୟୁତ ହେବୁ ତେବେ ମୋ'ର ରୂପ ଦେଖିବୁ'ଶାଶୁମା' ପୁଅକୁ ଘଣ୍ଟ ଘୋଡ଼େଇବାକୁ ଚେଷ୍ଟା କରୁଥିବା ବେଳେ ବାପା ନିଜ କଥାରେ ଅଟଳ ଥିଲେ। ଅଶୋକ ଟିକେ ବିରୋଧ କରି ବାପାଙ୍କୁ କହିଥିଲେ 'ବାପା ମୁଁ କ'ଣ ଛୋଟ ପିଲା ଯେ ତୁମେ ମୋର ମୋବାଇଲ ଫୋନ ନେଇ ଯାଉଛ ? ବାପାଙ୍କ ଉତ୍ତର ଥିଲା 'ଆରେ ତୁ ଯେତେ ବଡ଼ ହେଲେବି ମୋ' ଠାରୁ ତ'ଆଉ ବଡ଼ ହୋଇ ପାରିବୁ ନାହିଁ' ଆଉ କିଛି ଉତ୍ତର ନଦେଇ ଅଶୋକ ଚୁପ ରହିଲେ, ବାପା ରୁମରୁ ଯିବା ପରେ ଆମେ ଦୁହେଁ ଦୁଇଜଣକୁ ଚାହିଁ ରହିଲୁ , ଦୁଇଜଣ ନୀରବ ଆଉ ଗମ୍ଭୀର । ରାତ୍ରି ଭୋଜନଟା ବି ଗମ୍ଭୀର ବାତାବରଣ ଭିତରେ କଟିଗଲା ଯିଏ ଯାହା ରୁମକୁ ଚାଲିଗଲେ , ନିଜର ଭୁଲ ନିଜେ ବୁଝିପାରି ଅଶୋକ ସେଦିନ ରାତିରେ ମୋତେ କ୍ଷମା ମାଗିଥିଲେ 'ମାନିନୀ ସତରେ ମୁଁ ରାଗିଯାଇଥିଲି ଆଉ ତୁମକୁ ଆଘାତ ଦେଇଛି, ପ୍ଲିଜ, ପ୍ଲିଜ ଏସବୁ ଭୁଲିଯାଅ, ଭବିଷ୍ୟତରେ ଏପରି ଭୁଲ ଆଉ ହେବନାହିଁ' ମୋର ସବୁ ରାଗ, ସବୁ ଅଭିମାନ ପାଣି ଫୋଟକା ପରି ଚାଲିଯାଇଥିଲା, ଯେତେ ହେଲେ ବି ଆମେ ପତିପତ୍ନୀ ଏବଂ ଆମେ ଅନ୍ତରରୁ ଦୁହେଁ ଦୁହିଁଙ୍କୁ ଖୁବ ଭଲ ପାଉ । କଥାରେ ଅଛି 'ସଂସାର ଭିତରେ ଘର କରିଥିଲେ ପଥର ପଡିଲେ ସହି' ତେଣୁ ଛୋଟ ଛୋଟ କଥାକୁ ଏତେ ଗୁରୁତ୍ୱ ଦେଲେ କ'ଣ ସୁଖୀ ଜୀବନଯାପନ ସମ୍ଭବ? ମୁଁ ନିଜକୁ ଅନେକଟା ହାଲ୍କା ଅନୁଭବ କରୁଥିଲି, ରୋମାଣ୍ଟିକ ରାତ୍ରିର ରୋମାଞ୍ଚକର ଅନୁଭୂତି ପୁଣି ସେଇ ନବବିବାହିତ ଜୀବନର ସ୍ମୃତିକୁ ପୁନର୍ଜୀବିତ କରୁଥିଲା, ଜୀବନଟା ସତରେ ଖୁବ ବିଚିତ୍ର ! କ୍ଷଣ କ୍ଷଣକେ ରଙ୍ଗ ବଦଳାଏ । ଆମେବି ସେଇ ରଙ୍ଗୀନ ଜୀବନର କିଛି ମୁହୂର୍ତ୍ତକୁ ମନଭରି ଉପଭୋଗ କରିଥିଲୁ । ଜୀବନର ସମ୍ପୂର୍ଣ୍ଣ ନିଜସ୍ୱ ବା ପ୍ରାଇଭେଟ ସମୟରେ ମୋବାଇଲର ଉପସ୍ଥିତି ଏବଂ ଅନୁପସ୍ଥିତିର ପାର୍ଥକ୍ୟ ଆମକୁ ବୁଝିବାକୁ ଆଉ ବାକି ରହି ନ'ଥିଲା । ଓଃ ! ଆମର ସେଇ ରାତିଟା କି ଶାନ୍ତିରେ କଟିଛି କେହି କଳ୍ପନା କରିପାରିବେ ନାହିଁ, ନିଦ୍ରାଦେବୀଙ୍କ ଶୀତଳ ଆଲିଙ୍ଗନ ସହିତ କେତେ ଯେ ରଙ୍ଗୀନ ସ୍ୱପ୍ନ ଆମକୁ ଛୁଇଁ ଦେଇ ଯାଇଥିଲା ତାହା ଅବର୍ଣ୍ଣନୀୟ।

ପରଦିନ ସକାଳେ ଜଳଖିଆ ଦେବା ସମୟରେ ଖିରୀ ଦେଖି ଅଶୋକ ଖୁବ ଖୁସିରେ ଖାଇ କହିଥିଲେ ଏଇଟା ନିଶ୍ଚୟ ମା' ତିଆରି କରିଛି, ଖୁବ ସୁସ୍ୱାଦୁ ହୋଇଛି, ମୁଁ କିଛି ନ' କହି ଚୁପ ଥିଲି ଶାଶୁମା' କହିଲେ 'ନାହିଁରେ ବୋକା ଏଇଟା ମାନିନୀ କରିଛି, ଆହୁରି ଭଲ ଭଲ ଜିନିଷ ସେ ଆଜି ତୋ' ପାଇଁ ଆଉ ତୋ' ବାପାଙ୍କ ପାଇଁ ରାନ୍ଧିବ, ଅଶୋକ କହିଥିଲେ 'ଆରେ ବାଃ ! ମାନିନୀ ତୁମେ ଏତେ ଭଲ ରାନ୍ଧିପର ଏହା ମୁଁ ତ' ଜାଣି ନଥିଲି ' ଦିନ ଗୋଟାଏ ସମୟରେ ଡାଇନିଂ ଟେବୁଲରେ ଶ୍ୱଶୁର, ଶାଶୁମା , ଅଶୋକ ବସିଥିଲେ ମୁଁ ଚିକେନ ତରକାରୀ, ବାଇଗଣ ଭଜା, ଦହି ବାଇଗଣ ଡାଲି, ସାଲାଡ଼, ପାମ୍ପଡ଼ ଆଣି ରଖିଦେଲି । ତିନିଜଣ ଯାକ ନ'ଖାଇ ବସିଛନ୍ତି , କାରଣ କ'ଣ ଜାଣିବାକୁ ଚାହିଁଲି । ଶାଶୁମା କହିଲେ 'ମାନିନୀ ତୁ ନ'ବସିଲେ ଆମେ ଖାଇବୁ ନାହିଁ' କ'ଣ କରିବି ଇଚ୍ଛା ନ 'ଥିଲେ ବି ଅଗତ୍ୟା ବସିଲି , ମନ ଭିତରେ ଟିକେ ରାଗ ତ' ରହିଛି ଶାଶୁମା'ଙ୍କ ଉପରେ , ସମସ୍ତେ ଖାଇଲେ ଆଉ ମୋ'ର ରୋଷେଇ ଉପରେ ଭୁରି ଭୁରି ପ୍ରଶଂସା ଉପରେ ପ୍ରଶଂସା, କଥା କ'ଣ ? ମୁଁ କିଛି ବୁଝି ପାରୁନଥିଲି, ସତରେ କ'ଣ ମୋର ରୋଷେଇ ଭଲ ହୋଇଛି ନା' ଅନ୍ୟ କିଛି କାରଣ ? ଶ୍ୱଶୁର ମହାଶୟ କହିବାକୁ ଆରମ୍ଭ କଲେ 'ମା'ରେ ଏହି ସବୁ ଯାହା ନାଟକ ହେଲା ସେ ସବୁର ନିର୍ଦ୍ଦେଶକ ମୁଁ ' ମୋର ଉତ୍ତର ଥିଲା' ବାପା ଏ ସବୁ କ'ଣ କହୁଛନ୍ତି ଯେ ?' ହଁ ରେ ମା', ତୋ' ଶାଶୁ ମା' ଏକୁଟିଆ ହୋଇ ଯାଉଛନ୍ତି, ତୁ ତ' ଜାଣୁ ସେ ଟିଭି ଦେଖିବାକୁ ଭଲ ପାଆନ୍ତି ନାହିଁ , ତାଙ୍କର ମନରକଥା ହାଲ୍କା କରିବାକୁ ତୁ ଆଉ ଅଶୋକ ଛଡା ଘରେ ଆଉ କିଏ ଅଛି ମା' କହିଲୁ ? ପୁଅ ତ' ଅଫିସ ଯିବ, ତୁ ତ' ଘର ଦ୍ୱାର ସବୁ ଦାୟିତ୍ୱ ନେଇ କାମ କରିବୁ, ଆଉ ଯଦି ଟିକେ ସମୟ ମିଳିଲା ତେବେ ମୋବାଇଲ ନେଇ ବସିବୁ, ମା' ତୁ ଟିକେ ଭାବ ତ' ଆମ ସଂସାରରେ ଆମେ ଚାରି ଜଣ ବ୍ୟକ୍ତି ଅଶୋକ ତା'ର ମୋବାଇଲ ନେଇ ବ୍ୟସ୍ତ, ତୁ ତୋ'ର ମୋବାଇଲ ନେଇ ବ୍ୟସ୍ତ ବିଚାର ମା' କ'ଣ କରିବ ? ଆଜି ଯାଏ ଅଶୋକ ଜଣେ ନାହିଁ ଯେ, ତୁ ଏତେ ସୁନ୍ଦର ରୋଷେଇ କରୁଛୁ, ମୁଁ ଆଉ ଏସବୁ ସହି ନ'ପାରି ତୋ'ର ଶାଶୁମାଙ୍କୁ କହିଥିଲି ତୁମେ ଟିକେ କିଛି ଦିନ ପାଇଁ ମାନିନୀର ମା' ରୁ ଶାଶୁମା' ହୋଇ ଯାଅ ଦେଖିବ ସବୁ ଠିକ ହୋଇଯିବ । ତା' ପରେ ମୁଁ ଅଶୋକର ମୋବାଇଲ ନେଇ ଆସିଲି ଆଉ ତୁମ ଭିତରେ ଥିବା ଦୂରତ୍ୱ କମିଗଲା ତୁମେ ଆଜି ସୁଖୀ ଦମ୍ପତ୍ତି ପରି ମୋର ମନେ ହେଉଛି, ଦୁହେଁ ଦୁଇଜଣକୁ ମନଭରି ଦେଖିଲ ଆଉ ନିଜ ମନର ଗୋପନ ମାନ ଅଭିମାନ ନିଜ ଭିତରେ ବାଣ୍ଟିବାର ସୁଯୋଗ ପାଇଲ, ସ୍ୱାମୀ ସ୍ତ୍ରୀଙ୍କ ଭଲପାଇବା ପିତା ମାତା ସବୁବେଳେ ଚାହାନ୍ତି ଓ ମଧ୍ୟାହ୍ନ ଭୋଜନ ସହିତ ବାପାଙ୍କର ଅନେକ ଉପଦେଶ, ହସ ଖୁଶି ତଥା ସୁଖୀ ଜୀବନର ରହସ୍ୟ ଉପରେ ଆଲୋଚନା ହେଉଥିଲା।

ବାପା ପୁଣି କହିଚାଲିଲେ, ''ନିଶ୍ଚିତତାକୁ ହାତପାଖରେ ଛାଡି ଅନିଶ୍ଚିତତା ପଛରେ ଆଜିର ଦୁନିଆ ଧାବମାନ ତୁମେ ବି ସେଥିରୁ ବାଦ ପଡ଼ିନାହଁ । ହଁ, ଆଉ ଗୋଟିଏ କଥା, ନିର୍ଲଜ ପରି ମୋତେ କହିବାକୁ ପଡୁଛି ଆଉ ସେଇ କଥାଟା ହେଲା ମୁଁ ବୁଢା ହେବା ଆଗରୁ ମୋର ଗୋଟିଏ ନାତି କି ନାତୁଣୀ ଦରକାର, ତେଣୁ ତୁମେ ଜାଣ ତୁମ ମୋବାଇଲ ଜଣେ , ହା, ହା ,ହା' । ବାପାଙ୍କ କଥା ଶୁଣି ମୋ'ର ମୁହଁ ଲଜ୍ଜାରେ ନାଲି ପଡି ଯାଇଥିଲା, ଅଶୋକ ମୁରୁକି ହସୁଥିଲେ ଆଉ ଶାଶୁମା' ମୋତେ ଚାହିଁଥିଲେ ତା'ଙ୍କର ନୀରବତା ଆଉ ଲୋତକପୂର୍ଣ୍ଣ ଚକ୍ଷୁ ଦୁଇଟି ବୋଧ ହୁଏ କିଛି କହିବାକୁ ଚାହୁଁଥିଲା --ଆରେ ମା' ମୁଁ ତୋ' ମନରେ ଆଘାତ ଦେଇଛି ପାରିଲେ ଭୁଲିଯିବୁ । ଠିକ ଅଛି ମୋବାଇଲ ଖୁବ ଜରୁରୀ, ଆଜିକାଲି ଯୁଗରେ ମୋବାଇଲ ବିନା ଜୀବନଶୈଳୀ ପଛେଇ ଯିବା ସ୍ୱାଭାବିକ କଥା, ତେବେ ଆମେ ଯେତେ ପାରିବା କମ ବ୍ୟବହାର କରିବା ଆଉ ନିଜର ଅତି ନିଜସ୍ୱ / ପ୍ରାଇଭେଟ ସମୟରେ ମୋବାଇଲକୁ ବାଇ ବାଇ କରିଦେବା ଶ୍ୱଶୁରଙ୍କ କଥା ଶୁଣି ମୋର ଆଖି ଦୁଇଟି ଛଳ ଛଳ ହୋଇଗଲା , ଶାଶୁମାଙ୍କ ଉପରେ ଥିବା ସବୁ ରାଗ ନିମିଷକେ ଉଭେଇ ଗଲା, ମନେ ମନେ ନିଜକୁ ଧିକ୍କାର କଲି ଆହାଃ, କିଛି ନ'ବୁଝି ନ'ସୁଝି ଶାଶୁମା'ଙ୍କ ଉପରେ ମୁଁ କେତେ ରାଗିଛି, ଭଗବାନ ମୋତେ କ୍ଷମା କର ସେ ମୋର ଶାଶୁମା' ନୁହନ୍ତି ମୋ'ର ଜନ୍ମ କଲା ମା' ଠାରୁ ବି ଅଧିକ ଓ ଉଠିପଡ଼ି ହାତ ଧୋଇ ଦୁଇ ଜଣକୁ ସାଷ୍ଟାଙ୍ଗ ପ୍ରଣିପାତ କରି ନିଜର ଦୋଷ ସୁଧାରିବାକୁ ଶପଥ ନେଲି। ଅଶୋକ ଏବଂ ମୁଁ ଏବେ ସନ୍ଧ୍ୟା ସମୟରେ ଗପସପ କରୁ ମା' ମଧ ଆମ ସହିତ ସାମିଲ ହୁଅନ୍ତି ଆମ ପରିବାର ଏବେ ଖୁବ ଖୁଶିରେ ସମୟ ଅତିବାହିତ କରୁଛୁ । ସୁଖୀ ଜୀବନ ପାଇଁ ଆଉ ଅଧିକ କ'ଣ ଲୋଡ଼ା ? ସ୍ନେହ, ପ୍ରେମ, ବିଶ୍ୱାସ, ଧୀଶକ୍ତି, ପରସ୍ପରକୁ ଅନ୍ତରର ସହ ବୁଝିବା, ଛୋଟ ଛୋଟ କଥାକୁ ନିଜ ଭିତରେ ସମାଧାନ କରିଦେବା ହିଁ ସୁଖୀ ଦାମ୍ପତ୍ୟ ଜୀବନର ରହସ୍ୟ ।


+ବରିଷ୍ଠ ନାଗରିକ, ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା, କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭

# ଖାଲଖମାପୂର୍ଣ୍ଣ ରାସ୍ତା : ସମସ୍ୟାରେ କପିଳେଶ୍ୱର ବିହାର ବାସିନ୍ଦା

ନରଣପୁର, ୧୩/୦୮ (ନି.ପ୍ର): କେନ୍ଦୁଝର ଉପକଣ୍ଠ ନରଣପୁର ପଂଚାୟତର କପିଳେଶ୍ୱର ବିହାରରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହି କଲୋନୀ ମଧ୍ୟରେ ପୋଲିସ ବାହିନୀର ବାଟାଲିୟନ, ଶିକ୍ଷାବିକାଶ ସମିତିର ସମ୍ଭାଗ କାର୍ଯ୍ୟାଳୟ, ରାଜ୍ୟ ସାଧାରଣ ବଂଟନ ବିଭାଗର ଗୋଦାମ ଆଦି ରହିଅଛି। ଦୁଃଖ ଓ ପରିତାପର ବିଷୟ କିଛି ଅସାଧୁ ବ୍ୟବସାୟୀ ନିଜର ବ୍ୟକ୍ତିଗତ ସ୍ୱାର୍ଥ ସାଧନ ପାଇଁ ଏକ ଫ୍ଲାଇଆସ ଇଟା କାରଖାନା ଓ ପେଭର ବ୍ଲକ କାରଖାନା ଆଳରେ ବାଲି, ଚିପ୍ସ, ମେଂଟାଲ ଆଦି ଗୋଦାମ କରି ଚଢା ଦରରେ ବିଭିନ୍ନ ସ୍ଥାନରେ ବିକ୍ରି କରୁଛନ୍ତି। ଏହି ସବୁ କଂଚାମାଲ୍ ଆଣିବା ପାଇଁ କଲୋନୀର ମୁଖ୍ୟ ରାସ୍ତାରେ ଅନେକ ଭାରିଯାନ ଚଳପ୍ରଚଳ କରୁଛି। ଯାହା ଫଳରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡିଛି। ଏପରିକି କଲୋନୀ ଭିତରୁ ପିଲାମାନେ ସ୍କୁଲ ଯିବା ଆସିବା ଓ ସ୍ୱାସ୍ଥ୍ୟସେବା ପାଇଁ କୌଣସି ଯାନ ପହଂଚିବା, ଅସମ୍ଭବ ହୋଇପଡିଛି। ଏହି ରାସ୍ତା ବିଷୟରେ କଲୋନୀ ବାସୀ ବ୍ୟବସାୟୀଙ୍କୁ ଅବଗତ କରାଇଥିଲେ ମଧ୍ୟ, ସେ ନିଜର ବାହୁବଳୀ ନୀତି ପ୍ରୟୋଗ କରି କଲୋନୀ ବାସୀଙ୍କୁ ଧମକ ଚମକ ଦେଉଛନ୍ତି। ଏ ବିଷୟରେ କଲୋନୀ ବାସୀ , ସ୍ଥାନୀୟ ତହସିଲଦାର, ବିଡ଼ିଓ, ଓ ଟାଉନ ଥାନାରେ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ସମ୍ପୃକ୍ତ ଅସାଧୁ ବ୍ୟବସାୟୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିବା ଅଭିଯୋଗ ହେଉଛି । ବିପର୍ଯ୍ୟସ୍ତ ରାସ୍ତା ଯୋଗୁଁ ଚାଷ ପାଇଁ ଲୋକଙ୍କ ଚାଷ ଜମିକୁ ଚାରା, ସାର ଓ ଖତ ପହଂଚାଇବା ମଧ୍ୟ ଅସମ୍ଭବ ହୋଇ ପଡିଛି। ଏହି କଲୋନୀ ମଧ୍ୟରେ କଲୋନୀ ଭିତରକୁ ଯିବାପାଇଁ ଥିବା ଏକମାତ୍ର ରାସ୍ତା କଲୋନୀ ବାସୀଙ୍କ ଦ୍ୱାରା ନିଜସ୍ୱ ଉଦ୍ୟମରେ ପାଣ୍ଠି ସଂଗ୍ରହ କରାଯାଇ ତାର ନିର୍ମାଣ ଓ ରକ୍ଷଣାବେକ୍ଷଣ କରାଯାଉଥିବା ବେଳେ ପ୍ରଶାସନର ଏହି କଲୋନୀ ପ୍ରତି ଦୃଷ୍ଟି ପଡୁନଥିବା ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ରାସ୍ତାରେ ବିଛା ଯାଇଥିବା ଚିକିଟା ମାଟି ଯୋଗୁ ରାସ୍ତା ସମ୍ପୂର୍ଣ୍ଣ ଚଳାଚଳ ଅନୁପଯୋଗୀ ହୋଇଯାଇଛି। ଏବେ ରାସ୍ତାରେ ହୋଇଥିବା ଖାଲ ଖମାରେ ବତକ ଖେଳୁଥିବା ଦେଖିବାକୁ ମିଳୁଛି। ଏହାର ସମାଧାନ କରି ଚଳାଚଳ ଉପଯୋଗୀ ନକଲେ ରାସ୍ତାରେ ଧାନ ରୋଇବା ସହ ରାସ୍ତାରୋକର ଚେତାବନୀ ଦେଇଛନ୍ତି ସ୍ଥାନୀୟ ଲୋକେ। ପ୍ରଶାସନ ତ୍ୱରିତ ପଦକ୍ଷେପ ନେଇ ରାସ୍ତାର ଉନ୍ନତିକରଣ କରିବା ସହ ଏହି ରାସ୍ତାରେ ଭାରିଯାନ ଚଳାଚଳକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ପାଇଁ ଦାବି ହେଉଛି।

# ଲାବୋରେଟୋରୀ ଟେକ୍ନୋଲୋଜି ସମ୍ବନ୍ଧୀୟ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ

ପୁରୀ, ୧୩/୦୮ (ନି.ପ୍ର): ଗୋପାଳପୁର ସ୍ଥିତ ଆଇ ଏମ ଟି ଫର୍ମାସି କଲେଜର ମେଡିକାଲ ଲାବୋରେଟୋରୀ ଟେକ୍ନୋଲୋଜି ବିଭାଗ ଦ୍ୱାରା ୫ମ ରାଜ୍ୟ ସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଲାବୋରେଟୋରୀ ଟେକ୍ନୋଲୋଜି ରେ ଗବେଷଣାତ୍ମକ ବିକାଶ ୨୦୪୦ ମସିହାର ଦୃଷ୍ଟିକୋଣ' ଶୀର୍ଷକ ଅଲୋଚନ ଚକ୍ର ଦିନ ୧୦.୩୦ ମିନିଟ ସମୟରେ ଓଡିଶା ର ବିଭିନ୍ନ କଲେଜରୁ ଆସିଥିବା ଶତାଧିକ ଛାତ୍ର ଛାତ୍ରୀ ଓ ବରଣ୍ୟ ଅତିଥି ମାନଙ୍କ ଉପସ୍ଥିତି ରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଶୁଭ ଉଦ୍ଘାଟିତ ହୋଇଥିଲା। ଅନୁଷ୍ଠାନ ର ପ୍ରତିଷ୍ଠାତା ଡ଼ ବିଶ୍ୱନାଥ ରଥଙ୍କ ପ୍ରତ୍ୟକ୍ଷ ମାର୍ଗ ଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ର ଉଦ୍ଘାଟନ ଉତ୍ସବ ରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ର ଅବସରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ ତ୍ରିଲୋଚନ ବରାଳ ମୁଖ୍ୟ ଅତିଥି , ପ୍ରସିଦ୍ଧ ସ୍ତ୍ରୀ ରୋଗ ବିଶେସଂଜ୍ଞ ଡ଼ ଅର୍ଜୁନ ଚରଣ ଦାସ, ହସ୍ପିଟାଲ ର ପରିଚାଳନା ନିର୍ଦ୍ଦେଶକ ରାଜେଶ ମିଶ୍ର, ସଂଜୀବନି ହସ୍ପିଟାଲ ର ପରିଚାଳନା ନିର୍ଦ୍ଦେଶକ ଡ଼ ଦେବେନ୍ଦ୍ରନାଥ ତରେଇ ସଂମାନିତ ଅତିଥି ରୂପେ ଯୋଗ ଦେଇ ଲାବୋରେଟୋରୀ ଟେକ୍ନୋଲୋଜି ଏବଂ ଟେକ୍ନିସିଆନ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ବକ୍ତବ୍ୟ ଦେଇଥିଲେ। ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଅଧକ୍ଷ ଡ଼ ଅଗ୍ନିମିତ୍ର ଦିଣ୍ଡା। ଅତିଥି ପରିଚୟ ପ୍ରଦାନ କରିଥିଲେ ପାଠ୍ୟକ୍ରମ ନିର୍ଦ୍ଦେଶକ ଡ଼ ଅନ୍ନଦା ପ୍ରସଦ ମହାପାତ୍ର। ଅନୁଷ୍ଠାନ ନିର୍ଦ୍ଦେଶକ ମନୋଜ ରଥ ସଭାରେ ପୌରହିତ୍ୟ କରି ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆଇ ଏମ ଟି ସବୁବେଳେ ଗୁଣାତ୍ମକ ଶିକ୍ଷାଦାନ କରି ଉତମ ଲାବୋରେଟୋରୀ ଟେକ୍ନିସିଅନ ସୃଷ୍ଟି କରି ଆସିଛି ଏବଂ ଆଜିର ଆଲୋଚନା ଚକ୍ର ଛାତ୍ର ଛାତ୍ରୀ ମାନଙ୍କୁ ଏହି ବିଜ୍ଞାନ ରେ ଆଗାମୀ ଦୁଇ ଦଶନ୍ଧିରେ ସମ୍ଭାବନା ବିଷୟରେ ଅବଗତ କରାଇବା ପାଇଁ ଉଦ୍ଦିଷ୍ଟ ବୋଲି କହିଥିଲେ। ମଂଚ ପରିଚାଳନା କରିଥିଲେ ଅଧାପକ କମଳାକାନ୍ତ ଅଚାର୍ଯ୍ୟ। ଉଦ୍ଘାଟନ ଉତ୍ସବ ପରେ ପୁରୀ ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ ର ସହକାରୀ ପ୍ରୋଫେସର ଡ଼ ଶର୍ମିଷ୍ଠା ରାଉତ,ସହକାରୀ ପ୍ରଫେସର ଡ଼ଃ ସଂଧାରାଣୀ ସାହୁ,ଭୁବନେଶ୍ୱର ଆମ୍ରି ହସ୍ପିଟାଲ ର ମାଇକ୍ରୋଓଲଜିଷ୍ଟ ଡ଼ଃ ବିଭୁଦତ ରାଉତରାୟ ତିନି ଗୋଟି ବୈଷୟିକ ସତ୍ର ମାଧ୍ୟମରେ ଆଧୁନିକ ଲାବୋରେଟୋରୀ ପରୀକ୍ଷଣ ବିଷୟରେ ବିସ୍ତୃତ ଭାବରେ ବୁଝାଇ କହିଥିଲେ ଏବଂ ଛାତ୍ରଛାତ୍ରୀ ମାନଙ୍କର ବିଭିର୍ଣ୍ଣ ପ୍ରଶ୍ନ ର ଉତର ଦେଇଥିଲେ । ପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସନ୍ଦର୍ଭ ଚିତ୍ର ମାନ ଉପସ୍ଥାପନ କରାଯାଇଥଲା । ସର୍ବଶ୍ରେଷ୍ଠ ଚିତ୍ର ଓ ଉପସ୍ଥାପନ ଗୁଡିକୁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ପରିଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତା କର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ମୂଳାପାଳ ଶିଶୁ ମନ୍ଦିରରେ ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା

କୋରାଇ, ୧୩/୦୮ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ମୂଳାପାଳ ସ୍ଥିତ ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଆଜି ସଙ୍କୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ମେଳାରେ ଶିଶୁ ବର୍ଗ, ବାଲ ବର୍ଗ ଓ କିଶୋର ବର୍ଗ ଆଦି ସ୍ଥାନ ପାଇଥିଲା। ବ୍ୟାସନଗର ସଙ୍କୁଳର ୮ଟି ବିଦ୍ୟାଳୟରୁ ଗଣିତ, ପ୍ରଶ୍ନ ମଂଚ, ବିଜ୍ଞାନ ପ୍ରଶ୍ନ ମଂଚ, ସଂସ୍କୃତି ଜ୍ଞାନ ପ୍ରଶ୍ନ ମଂଚ, ଗଣିତ ପ୍ରକଳ୍ପ, ଗଣିତ ପ୍ରୟୋଗ ଆଦିର ୨୪୫ ଜଣ ଶିଶୁ ବୈଜ୍ଞାନିକମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ଉଦ୍ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋରାଇ ଶିକ୍ଷା ମଣ୍ଡଳ ଅଧିକାରୀ ସୁଦର୍ଶନ ମଲ୍ଲିକ, ମୁଖ୍ୟବକ୍ତା ଭାବେ ପାଣିକୋଇଲି ମା ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ସୁଶାନ୍ତ କୁମାର ପଣ୍ଡା ଓ ସମ୍ମାନୀତ ଅତିଥି ଭାବେ ସିଆରସିସି ଅଖିଳ ମୋହନ ମହାନ୍ତି ଉପସ୍ଥିତ ଥିଲେ। ଏହାର ଉଦ୍‌ଯାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ୟାସନଗର ସଙ୍କୁଳ ପ୍ରମୁଖ ଅଶୋକ କୁମାର ଶତପଥି, ସଙ୍କୁଳ ସଂଯୋଜକ ଅଭିମନ୍ୟୁ ଦାଶ, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ବୃନ୍ଦାବନ ସାହୁ, ଉପସଭାପତି ବାସୁଦେବ ପରିଡ଼ା, ସମ୍ପାଦକ ଦିଲ୍ଲୀପ କୁମାର ଧଳ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ସାହୁ, କୋଷାଧକ୍ଷ ଆନନ୍ଦ ଚନ୍ଦ୍ର ପାଳ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ତ୍ରିପାଠୀ ଓ ସହ ପ୍ରଧାନ ଆଚାର୍ଯ୍ୟ ଜଗନ୍ନାଥ ସ୍ୱାଇଁ ଉପସ୍ଥିତ ଥିଲେ। ଏହି ଜ୍ଞାନ ବିଜ୍ଞାନ ମେଳାରେ ବିଚାରକ ଭାବେ ପାଣିକୋଇଲି ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଦାଶ, ବିଏନବି ଉଚ୍ଚ ବିଦ୍ୟାଳୟ ଧନତ୍ରୀର ବିଜ୍ଞାନ ଶିକ୍ଷକ ଜିତୁ ମୋହନ କର, ରୁଢିଆ ଗ୍ରାମ୍ୟ ମଙ୍ଗଳ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିକାଶ ନାୟକ, ବାଲିପୋଖରୀ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଗଗନ ପ୍ରଧାନ, ମାନସ ରଂଜନ ଶତପଥି, ଗୌରୀ ଶଙ୍କର ମିଶ୍ର, ରବିନ୍ଦ୍ର ମହାରଣା, ରାଜେନ୍ଦ୍ର ଜେନା, ସେକ ମକସୁଦ ଅଲ୍ଲୀ ଖାଁ, ଧନେଶ୍ୱର ସାହୁ ଓ ମାନସ କୁମାର ସାହୁ ପ୍ରମୁଖ ଯୋଗଦେଇ ପ୍ରକଳ୍ପର ମୁଲ୍ୟାଙ୍କନ କରିଥିଲେ। ପରିଶେଷରେ ପରିଚାଳନା ସମିତିର ସମ୍ପାଦକ ଧନ୍ୟବାଦ ଅର୍ପଣ କରିବା ସହ ସଙ୍କୁଳର ବିଜ୍ଞାନ ପ୍ରମୁଖ ସନ୍ତୋଷ ବେହେରାଓ ସ୍ଥାନୀୟ ବିଦ୍ୟାଳୟରୁ ବିଜ୍ଞାନ ପ୍ରମୁଖ ଭାସ୍କର ଚନ୍ଦ୍ର ପଣ୍ଡା ଓ ବିଦ୍ୟାଳୟର ସମସ୍ତ ଗୁରୁଜୀ/ ଗୁରୁମାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପୋଲ ଉପରୁ ଖସି ପଡ଼ିଲା କାର୍: ଚାଳକ ଗୁରୁତର

କୋରେଇ, ୧୩/୦୮ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପଥରପଦା ପୋଲ ଉପରୁ ତଳକୁ ଖସି ଏକ କାର ଦୁର୍ଘଟଣାଗ୍ରସ୍ତ ହେବା ସହ ଚାଳକ ଗୁରୁତର ଆହତ ହୋଇଛନ୍ତି। ସୂଚନାଯୋଗ୍ୟ, ବାଲେଶ୍ୱରରୁ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା ଏକ କାର ନମ୍ବର (ଓଡ଼ି୩୩ଡି-୮୧୦୯) ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି । କାରଟିକୁ ପଥରପଦା ପୋଲ ଉପରେ ପଛରୁ ଆସୁଥିବା ଏକ ଟ୍ରଲର ଧକ୍କା ଦେବାରୁ କାରଟି ପୋଲ ତଳକୁ ଖସି ପଡିଥିବା ସ୍ଥାନୀୟ ଜନସାଧାରଣ ଓ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଫଳରେ ଗାଡିର ଚାଳକ ଗୁରୁତର ଆହତ ହୋଇଥିଲେ । ଖବର ପାଇ ସଙ୍ଗେ ସଙ୍ଗେ ଥାନା ଅଧିକାରୀଣି ଲିଜାରାଣୀ ବିଶ୍ୱାଳ, କନେଷ୍ଟବଳ ମନମୋହନ ବାରିକଙ୍କ ସହ ସ୍ଥାନୀୟ ହେଲପିଙ୍ଗ ଗ୍ରୁପର ସଦସ୍ୟମାନେ ଘଟଣାସ୍ଥଳରେ ପହଂଚି ଗୁରୁତର ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନିକଟସ୍ଥ ମେଡିକାଲକୁ ପଠାଇଥିଲେ। । କାରରେ ଆଉ କେହି ନଥିବା ସୂଚନା ମିଳିଛି । ପଛରୁ ଧକ୍କା ଦେଇଥିବା ଟ୍ରଲର ସେଠାରୁ ତୀବ୍ର ବେଗରେ ପଳାଇଯାଇଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ଥାନା ଅଧିକାରୀଣିଙ୍କ ଏଭଳି ସାହାଯ୍ୟକାରୀ ଉଦ୍ୟମକୁ ସ୍ଥାନୀୟ ଜନସାଧାରଣ ସାଧୁବାଦ ଜଣାଇଛନ୍ତି।

# ଜାତୀୟ ସମ୍ମାନ ହୋଲିଷ୍ଟିକ ଏଜୁକେସନ ସମ୍ମିଳନୀ

ସମ୍ବଲପୁର, ୧୩/୦୮ (ନି.ପ୍ର): ସମ୍ପ୍ରତି ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ଓ ରାମାନୁଜନ କଲେଜ ନୂଆଦିଲ୍ଲୀ ର ମିଳିତ ସହଯୋଗ ରେ ଆଜି ତପସ୍ୱିନୀ ପ୍ରେକ୍ଷାଳୟ ଠାରେ ଏକ ଜାତୀୟ ସମ୍ମାନ ହୋଲିଷ୍ଟିକ ଏଜୁକେସନ(ପୂର୍ଣ୍ଣାଙ୍ଗ ଶିକ୍ଷା ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ ବିଷୟବସ୍ତୁକୁ ନେଇ ଅନୁଷ୍ଠିତ ହୋଇଯାଇଛି ,ସର୍ବପ୍ରଥମେ ଦୁଇ ଦିନିଆ ଜାତୀୟ ସମ୍ମାନ ର ଉଦଘାଟନୀ ଉତ୍ସବ ରେ ମା ସମଲେଶ୍ୱରୀ ଓ ବାଗଦେବୀଙ୍କ ଫୋଟୋ ଚିତ୍ର ଉପରେ ମାଲ୍ୟାର୍ପଣ ଓ ସନ୍ଥ ଯୁଗଳ ଶରଣଜୀଙ୍କ ଆଶିଷ ବଚନ ପରେ ପ୍ରୋ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧକ୍ଷତାରେ ସମାହିତ ହୋଇଥିଲା। ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ଉପଦେଷ୍ଟା ଶ୍ରୀ ଉପେନ୍ଦ୍ର ତ୍ରିପାଠୀ ଅଭାଷୀ ମାଧ୍ୟମରେ ଉଦ୍ଘାଟନ କରି ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ନୈତିକ ଶିକ୍ଷାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେଏ। ବିଶେଷ ଅତିଥି ଭାବେ ଉତରାଂଚଳ ରାଜସ୍ୱ ଆୟୁକ୍ତ ଡ଼ ସୁରେଶ ଚନ୍ଦ୍ର ଦଳାଇ ଯୋଗ ଦେଇ ଶିକ୍ଷକମାନେ ବର୍ତ୍ତମାନ ପିଲାମାନଙ୍କ ଠାରୁ ଅଧିକ ମାତ୍ରାରେ ତତ୍ପରତା ପ୍ରକାଶ କରି ନିଜକୁ ପ୍ରସ୍ତୁତ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ପ୍ରୋ,ହୃଷୀକେଶ ସେନାପତି ସମ୍ମାନ ର ବିଷୟ ବସ୍ତୁକୁ ଗଭୀର ଭାବେ ତର୍ଜମା କରି ଏହା ସମ୍ପ୍ରତି ପରିସ୍ଥିତିର ଆହ୍ୱାନ ବୋଲି କହିଥିଲେ। ପ୍ରୋ,ଭି.ଏନ. ମାଗରେ କୁଳପତି ପ୍ରଭାରୀ ମେଡ଼ିକାଲ ବିଶ୍ୱବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ପରିବର୍ତନ ନିହାତି ଜରୁରୀ ଥିବା ଦର୍ଶାଇ ଆଗାମୀ ଦିନରେ ପିଲାଙ୍କୁ ପରସ୍ଥିତି ସହ ମୁକାବିଲା କରିବା ଶିଖାଇବାକୁ ଲହିଥିଲେ। ଆନ୍ଧ୍ରପ୍ରଦେଶ ବିଶ୍ୱବିଦ୍ୟାଳୟର ପ୍ରୋ. କ୍ରିଷ୍ଣ ପ୍ରସାଦ ଶିକ୍ଷା ପଦ୍ଧତି ରେ ମାନବିକ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ସମ୍ମାନର ଅନ୍ୟତମ ଆୟୋଜକ ରାମନୁଜନ କଲେଜ ଦିଲ୍ଲୀ ର ଅଧକ୍ଷ ତଥା ନିର୍ଦ୍ଦେଶକ ପ୍ରୋ, ସୁମତ ଅଗ୍ରୱାଲ ସମ୍ପ୍ରତି ପରିସ୍ଥିତିରେ ଏପ୍ରକାର ଆଲୋଚନା ଚକ୍ର ର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରି ଶିକ୍ଷକମାନଙ୍କ ତାଲିମ ଓ ପ୍ରଶିକ୍ଷଣ ଉପରେ ନିଜର ମତ ପୋଷଣ କରିଥିଲେ, ପ୍ରୋ ଆଦିତ୍ୟ ପ୍ରସାଦ ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପ୍ରୋ.ଶଙ୍କର ପ୍ରସାଦ ପତି ଅତିଥି ପରିଚୟ ଓ ସଭ୍ୟ ସମ୍ପାଦକ ଶ୍ରୀ ରଘୁନାଥ ମିଶ୍ର ଲାଇବ୍ରେରି ବିଷୟରେ ଏକ ବିବରଣୀ ପାଠ କରିଥିଲେ। ଏହିଅବସରେ ଜୀବନ ବ୍ୟାପି ଶିକ୍ଷା କ୍ଷେତ୍ରରେ ସାଧନା ପାଇଁ ପ୍ରଫେସର ହୃଷିକେଶ ସେନାପତି ଓ ପ୍ରୋ.ପ୍ରଦୀପ୍ତ କୁମାର ମିଶ୍ର ଙ୍କୁ ଲାଇବ୍ରାରୀ ସମ୍ମାନ ତରଫରୁ ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରୋ, ରବିନାରାୟଣ ମିଶ୍ର ସଂଯୋଜନା କରିଥିବାବେଳେ ବରିଷ୍ଠ ସଭ୍ୟ ଅରବିନ୍ଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ,ଏହି ସମାବେଶ ରେ ବହୁ ବିଶିଷ୍ଟ ବ୍ୟକ୍ତି ଯଥା ଡାକ୍ତର ନାରାୟଣୀ ପଣ୍ଡା,ଡାକ୍ତର ବିନୋଦ ଚନ୍ଦ୍ର ନାୟକ,ଆଇନ କଲେଜ ର ଅଧକ୍ଷ ଶ୍ରୀ ବିଜୟନନ୍ଦ ବେହେରା,ଶ୍ରୀ ଗୋପରଂଜନ ଦୁବେ ଶ୍ରୀ ଅର୍ଜୁନରଞ୍ଜନ,ପ୍ରୋ ମୀନକେତନ ପାଠୀ,ଶିବଶଙ୍କର ଷଡ଼ଙ୍ଗୀ, ଅଶୋକ ହୋତା,ଅକ୍ଷୟ ବାରିକ, ପଣ୍ଡା,ପ୍ରଫୁଲ୍ଲ ହୋତା,ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ର ଉପକୂଳସଚି ଉମାଚରଣ ପତି,ପ୍ରୋ.କାମଦେବ ସାହୁ, ଗୋଳକ ବିହାରୀ ମିଶ୍ର, ପୃଥ୍ୱୀରାଜ ମିଶ୍ର,ଅଜିତ କୁମାର ଦାଶ ,ସାମ୍ବାଦିକ ହେମନ୍ତ ମହାପାତ୍ର, ଶ୍ୟାମ ସୁନ୍ଦର ଧର, ତଥା ସହର ଓ ସହର ବାହାରୁ ଅନେକ ଶିକ୍ଷାବିଦ୍, ପ୍ରଧାନଶିକ୍ଷକ,ଶିକ୍ଷୟିତ୍ରୀ, ସମାଜସେବୀ , ସାମ୍ବାଦିକ ତଥା ଅବିଭାବକ ଯୋଗ ଦେଇଥିଲେ ପ୍ରଥମ ଦିବସ ରେ ଦୁଇଟି ଅଧିବେଶନ ରେ ଯଥାକ୍ରମେ ବିଜ୍ଞାନ ଶିକ୍ଷା ଓ ଶିକ୍ଷା ଡିଜିଟାଇଜେସନ ଓ ଗୁରୁ ଶିଶ୍ୟ ପରମ୍ପରା ଉପରେ ଆଧାରିତ ଆଲୋଚନା ପ୍ରୋ.ଶଙ୍କର ପ୍ରସାଦ ପତି, ପ୍ରୋ,ମୁରଲୀଧର ପ୍ରେମନାଥ ନାୟକ,ନିରୂପମା ବଡ଼ପଣ୍ଡା,ପ୍ରୋ ନିଖିଳ ରାଜପୁତ,ପ୍ରୋ.ସାହିଲ ପାଠକ,ପ୍ରୋ.ନିର୍ମଳ ଚନ୍ଦ୍ର ବିଶ୍ୱାଳ,ରୁପଶ୍ରୀ ଗୋସ୍ୱାମୀ,ଡ଼. ଜେ,ଏନ.ଚୌଧୁରୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ପୁରୀରେ ବିଭୁ ତ୍ରିପାଠୀଙ୍କୁ ବିପୁଳ ଶୁଭେଚ୍ଛା

ପୁରୀ, ୧୩/୦୮ (ନି.ପ୍ର): ରାଜ୍ୟ ବାର କାଉନସିଲ ନିର୍ବାଚନରେ ପୁରୀ ମାଟିର ପୁଅ ତଥା ହାଇକୋର୍ଟର ଦକ୍ଷ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ ବିଜୟ ଲାଭ କରିଛନ୍ତି । ଏହା ଶୁଣିବା ପରେ ଆଇନଜୀବୀ ମହଲ, ସାମ୍ବାଦିକ, ବୁଦ୍ଧିଜୀବୀମାନେ ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କ ପିତା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଦିବାକର ତ୍ରିପାଠୀ ପୁରୀ ସହରରେ ସାହି ଗଳିକନ୍ଦିରେ ବେଶ ଜଣାଶୁଣା ବ୍ୟକ୍ତିତ୍ୱ ଥିଲେ । ତାଙ୍କ ସୁପୁତ୍ର ବିଭୁପ୍ରସାଦ ତ୍ରିପାଠୀ ଦିଲ୍ଲୀ ବିଶ୍ୱବିଦ୍ୟାଳୟ,ବାଙ୍ଗାଲୋର ଆଇନ ବିଶ୍ୱବିଦ୍ୟାଳୟ ଓ ସିଙ୍ଗାପୁରରେ ଆଇନ ସମ୍ବନ୍ଧୀୟ ବିଦ୍ୟା ଶିକ୍ଷା ଲାଭ କରିଥିଲେ । ପରେ କଟକ ହାଇକୋର୍ଟରେ ଆଇନଜୀବୀ ଭାବେ କାର୍ଯ୍ୟ ଆରମ୍ଭ କରି ଓଡ଼ିଶାରେ ପରିଚିତ ହୋଇଥିଲେ । ବିଭିନ୍ନ ବୈଦ୍ୟୁତିକ୍ ଗଣମାଧ୍ୟମରେ ଡ଼ିବେଟରେ ଭାଗ ନେଇ ଦର୍ଶକ ମାନଙ୍କ ମଧ୍ୟରେ ବେଶ ଆଦରଣୀୟ ହୋଇପାରିଛନ୍ତି । ଏହା ସହ ବିଭିନ୍ନ ଓଡ଼ିଆ ଓ ଇଂରାଜୀ ଖବର କାଗଜରେ ଆଇନ ସମ୍ବନ୍ଧୟୀ ସ୍ତମ୍ଭ ଲେଖି ଚର୍ଚ୍ଚିତ ହୋଇଛନ୍ତି। ସେ ଦ୍ୱିତୀୟ ଥର ପାଇଁ ରାଜ୍ୟ ବାର କାଉନସିଲକୁ ନିର୍ବାଚିତ ହୋଇଛନ୍ତି । ୱାନ ବାର ୱାନ ଭୋଟ ପ୍ରସଙ୍ଗ ପ୍ରଥମେ ଉପସ୍ଥାପନା କରିଥିଲେ ।

# କୁକୁଡ଼ା ଗାଡ଼ି ଚୋରି ମାମଲାରେ ପୁଣି ୩ ଅଦାଲତ ଚାଲାଣ

କୋରାଇ, ୧୩/୦୮ (ନି.ପ୍ର): ବାରମ୍ବାର କୁକୁଡ଼ା ଗାଡ଼ି ଚୋରି ହେବାନେଇ ପୁଲିସ କିଛି ଟେର ପାଉନଥିବାବେଳେ ପାଣିକୋଇଲି ପୁଲିସ ଏହାର ପର୍ଦ୍ଦାଫାଶ କରିବା ସହ ୬ ଜଣଙ୍କୁ ଅଦାଲତ ଚାଲାଣ କରିଥିବାବେଳେ ପୁଣି ୩ଜଣଙ୍କୁ ଗିରଫ ଆଜି ଜଣଙ୍କୁ ଅଦାଲତ ଚାଲାଣ କରିଛି। ଗିରଫ ବ୍ୟକ୍ତି ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ପଂଚାୟତ ଜହ୍ନାକଣା ଗ୍ରାମର ମାଗୁଣି ମଲିକଙ୍କ ପୁଅ ମଣିଆ ଓରଫ କୁଳମଣି ମଲ୍ଲିକ(୩୮), ତାଲୁଙ୍ଗା ଗ୍ରାମର ଲକ୍ଷ୍ମୀଧର ରାଉତଙ୍କ ପୁଅ ଅକୁ ଓରଫ ଅଜୟ କୁମାର ରାଉତ(୩୦) ଓ କେଉଁଝର ସୋସୋ ଥାନା ଅନ୍ତର୍ଗତ ଯେ ଏବେ ଯାଜପୁର ରୋଡରେ ରହୁଛି ୭ଲକ୍ଷ୍ମୀଧର ପ୍ରଧାନଙ୍କ ପୁଅ ବାବୁ ଓରଫ ବୈକୁଣ୍ଠ ପ୍ରଧାନ(୨୮) ବୋଲି ଜଣାପଡ଼ିଛି। ପ୍ରକାଶ ଯେ ପାଣିକୋଇଲି ଓ କୋରାଇ ଥାନା ଅଂଚଳରୁ ବାରମ୍ବାର କୁକୁଡ଼ା ଗାଡ଼ି ଚୋରି କରିବାର ଅଭିଯୋଗ ହୋଇଆସୁଥିଲା। ପାଣିକୋଇଲି ଥାନାଧିକାରୀ ଭାବେ ଲିଜାରାଣୀ ବିଶ୍ୱାଳ ଯୋଗଦେବା ପରେ ଅଭିଯୋଗ ପାଇ ଘଟଣାକୁ ଗୁରୁତ୍ୱ ସହକାରେ ନେଇ ପର୍ଦ୍ଦାଫାଶ କରିବାରେ ସକ୍ଷମ ହୋଇଛନ୍ତି। ଜାତୀୟ ରାଜପଥରୁ କୁକୁଡ଼ା ଗାଡ଼ିକୁ ଦୃବୃର୍ତମାନେ ହମ୍ପସ ନିକଟରେ ଅଟକାଇ ଚାଳକକୁ କାବୁକରି ଗାଡ଼ିରୁ କୁକୁଡ଼ାକୁ ଖଲାସ କରି ପୁଣି ଗାଡ଼ିକୁ ରାଜପଥରେ ଛାଡ଼ିଦେବାର ଅଭିଯୋଗ ହୋଇ ଅସୁଥିଲା। ଗତ ୨୫ ତାରିଖ ପର୍ଶ୍ଚିମବଙ୍ଗ ପୂର୍ବ ମିଦିନାପୁର ପୁଣ ଅଂଚଳର ସୋମେଶ୍ୱର ପାଲ ତାଙ୍କ କୁକୁଡ଼ା ଗାଡ଼ି(ଡବ୍ଲ୍ୟୁବି ୩୯୫୬୭୮) ରାଜପଥରେ ଯାଉଥିବା ବେଳେ ପାଣିକୋଇଲି ଥାନା ଅନ୍ତର୍ଗତ ହାଟସାହି ଛକ ନିକଟରୁ ଏକ ବଲେରେ କିଛି ଦୃବର୍ତ ଆସି ଲୁଟ କରିଥିବାର ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ଏକ ମାମଲା ୧୯୪/୨୩ ରୁଜ୍ଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୁଲିସ ମୋଟ ୯ ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି।

# ଗଞ୍ଜେଇ ଅଭିଯାନ ନାଁରେ ନୀରିହ ଆଦିବାସୀଙ୍କୁ ହଇରାଣ କରୁଛି ପୋଲିସ : କୁଇସମାଜ

କନ୍ଧମାଳ, ୧୩/୦୮ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ପୋଡ଼ି ଘଟଣାରେ ନିରୀହ ଲୋକଙ୍କୁ ହଇରାଣ କରାଯାଇଥିବା ଅଭିଯୋଗ କରିଛି କୁଇ ସମାଜ ସେବା ସମିତି। ଏନେଇ କୁଇ ସାମାଜ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ। ଏକ ସାମ୍ବାଦିକ ସମ୍ମିଳନୀରେ କର୍ମକର୍ତାମାନେ ନିଜର ବକ୍ତବ୍ୟ ରଖିଥିଲେ ଯେ ପୁଲିସ ଗଞ୍ଜେଇ ବିରୋଧୀ ଅଭିଯାନ ନାଁରେ ଆଦିବାସୀଙ୍କୁ ହଇରାଣ କରୁଛି ବୋଲି ଅଭିଯୋଗ ଆଣିଛନ୍ତି। ଅପରପକ୍ଷରେ ଘଟଣାରେ ସମ୍ପୃକ୍ତ ପ୍ରକୃତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଫିରିଙ୍ଗିଆରେ ବ୍ୟାପକ ଗେଞ୍ଜାଇ ଚାଷକୁ ଏକ ଚିନ୍ତାର ବିଷୟ ସମସ୍ୟାର ବୋଲି ପ୍ରକାଶ କରି ଆଗାମୀ ଦିନରେ କୁଇ ସମାଜ ପକ୍ଷରୁ ଏ ନେଇ ଲୋକଙ୍କ ଭିତରେ ସଚେତନତା ସୃଷ୍ଟି ପାଇଁ କୁଇ ସମାଜ ପ୍ରୟାସ କରିବ ବୋଲି କୁହାଯାଇଛି।

# ସିମେଂଟ ଗୋଳା ମିକ୍ସଚର ମେସିନ ଚୋରି ମାମଲାରେ ଜଣେ ଅଦାଲତ ଚାଲାଣ

କୋରେଇ, ୧୩/୦୮ (ନି.ପ୍ର): ପାଣିକୋଇଲି ପୁଲିସ ଆଜି ଏକ ମାମଲାରେ ଜଣଙ୍କୁ ଗିରଫ କରି ସେମାନଙ୍କ ଡାକ୍ତରୀ ପରୀକ୍ଷା ପରେ ଅଦାଲତ ଚାଲାଣ କରିଛି । ପ୍ରକାଶଯେ ଗତ ୨୦୨୨ ଅକ୍ଟୋବର ୨୬ ତାରିଖ ପାଣିକୋଇଲି ଦୁର୍ଗା ମାର୍କେଟରେ ଥିବା ଗୋବିନ୍ଦ ସାହୁଙ୍କ ପୁଅ ସୁକାନ୍ତ ସାହୁଙ୍କ ଘର ପାଖରୁ କେହି ଦୁର୍ବୃତ ଏକ ପିକଅପ ଗାଡି ଯୋଗେ ତାଙ୍କ ସିମେଂଟ ଗୋଳା ମିକ୍ସଚର ମେସିନ ଟିକୁ ଚୋରାଇ କରି ନେଇଥିଲା। ଏନେଇ ସୁକାନ୍ତ ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା ୨୬୩/୨୨ରୁଜୁ ହୋଇ ତଦନ୍ତ ଚାଲିଥିଲା। ଉକ୍ତ ମେସିନ ଟିକୁ ଟୋଲଗେଟ ଦେଇ ମିକ୍ସଚର ମେସିନ ନେଇ ଯାଇଥିବା ଏକ ପିକଅପକୁ (ଓଡି୦୫ ଏପି୩୯୩୭) ପୁଲିସ ତଦନ୍ତ ଭୁକ୍ତ କରିବା ପରେ ଘଟଣାର ଗୁମର ଖୋଲିଥିଲା। ଗତ ଜୁନ ୨୬ ପାରଖ କେନ୍ଦ୍ରାପଡା ଜିଲ୍ଲା ତଦନଗରି ଥାନା ଅନ୍ତର୍ଗତ ଖନ୍ତାପଡା ଗ୍ରାମର ଅନାମ ଚରଣ ମହାନ୍ତିଙ୍କ ପୁଅ ଦୀପ୍ତିରଞ୍ଜନ ଓରଫ ସୀତାଂଶୁ ମହାନ୍ତି (୨୬) ଏହି ଚୋରିର ମୁଖ୍ୟ ବୋଲି ଜଣାପଡିଥିଲା। ସେ ନିଜକୁ ଏକ ଚଳଚିତ୍ର ପ୍ରଯୋଜକ କହୁଥିବା ବେଳେ ରାସ୍ତା ପାର୍ଶ୍ୱରେ ମିକ୍ସଚର ମେସିନଟି ଦେଖି ଚୋରି ବାଟ ଖୋଜିଥିଲା। ପିକଅପକୁ ଫୋନ ଯୋଗେ ଡ଼କାଇ ମେସିନଟିକୁ ରାତ୍ରୀରେ ନେଇ ପଳାଇଥିଲା । ବାଟରେ କେହିବି ଏହାକୁ ସନ୍ଦେହ କରିନଥିଲେ। ପୁଲିସ ପିକଅପଙ୍କୁ ଧରିବା ପରେ ସମସ୍ତ ଘଟଣା ଜଣାପଡ଼ିଥିଲା। ଏନେଇ ପୁଲିସ ଦୀପ୍ତିରଞ୍ଜନକୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଆଜି ତାକୁ ଦଫା ୩୭୯ରେ ଅଦାଲତ ଚାଲାଣ କରିଥିଲା। ଏହି ମାମଲାରେ ଭୁବନେଶ୍ୱର ଖଣ୍ଡଗିରି ଥାନା ଅନ୍ତର୍ଗତ ମିର ଉମର ଅଲ୍ଲୀଙ୍କ ପୁଅ ରାଜା ଓରଫ ରଜ୍ୱା ଅଲ୍ଲୀଙ୍କୁ ଦଫା ୩୭୯,୪୧୧ ବୋଲି ପୁଲିସ ସୂତ୍ରରୁ ପ୍ରକାଶ।

# କୁଡୁମୁଲୁଗୁମ୍ମାରେ ଜଙ୍ଗଲ ଜମି ଓ ଘରଡିହ ପଟ୍ଟା ବଂଟନ

ମାଲକାନଗିରି, ୧୩/୦୮ (ନି.ପ୍ର): କୁଡୁମୁଲୁଗୁମ୍ମା ଗ୍ରାମପଂଚାୟତ କାର୍ଯ୍ୟାଳୟ ପରିସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ଆଜି ଜଙ୍ଗଲ ଜମି ଓ ଘରଡିହ ପଟ୍ଟା ପ୍ରଦାନ ସରକାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ କାଉନସିଲର ଉପଦେଷ୍ଟା ପ୍ରଦୀପ କୁମାର ମାଝୀ ଯୋଗ ଦେଇଥିଲା ବେଳେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ବିଧାୟକ ପୂର୍ଣ୍ଣ ଚନ୍ଦ୍ର ବାକା, ମାଲକାନଗିରି ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଆଡମା ରାବା, ଖଇରପୁଟ ବ୍ଲକ ଅଧକ୍ଷ ବିଘ୍ନ କିର୍ଷାନୀ, ବରିଷ୍ଠ ପର୍ଯ୍ୟବେକ୍ଷକ ସାମୁଏଲ ନାୟକ, ଖଇରପୁଟ ଜୋନ୍ ଜିଲ୍ଲାପରିଷଦ ସଭ୍ୟ ବଳି ମାଝୀ, ଲକ୍ଷ୍ମୀପ୍ରିୟା ନାୟକ, ହିରଣ୍ୟ ମୁଦୁଲି, ସାଂସଦ ପ୍ରତିନିଧି ଜଗନ୍ନାଥ ମାଝୀ, ବିଧାୟକ ପ୍ରତିନିଧି ସାଧୁ ହନ୍ତାଳ, ସରପଂଚ ମଙ୍ଗଳା ମାଢୀ, ଲ୍ୟାମ୍ପ ସଭାପତି ଗୋପୀ ପାଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମର ଆବାହକ କୁଡୁମୁଲୁଗୁମ୍ମା ତହସିଲଦାର ଅଶୋକ କୁମାର ମୁଦୁଲି ବୈଠକର ସଭାପତିତ୍ୱ କରିଥିଲା ବେଳେ, ଭଗବାନ ସାହୁ ମଂଚ ପରିଚାଳନା କରିଥିଲେ । ବୈଠକରେ ମୁଖ୍ୟ ଅତିଥି ଶ୍ରୀ ମାଝୀ ଆଦିବାସୀ ଅଧ୍ୟୁଷିତ ଅଂଚଳର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଣିତ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଅବଗତ କରାଇବା ସହ ପାହାଡ଼ ପର୍ବତରେ ବାସ କରୁଥିବା ସମସ୍ତ ଆଦିବାସୀ ଭାଇ ଭଉଣୀ ମାନଙ୍କୁ ସେମାନଙ୍କ ବାସସ୍ଥାନ ଓ ଜମିଜମାର ପ୍ରମାଣପତ୍ର କେମିତି ଅତି ସୁବିଧାରେ ମିଳିପାରୁଛି ସେ ବିଷୟରେ ଉଲ୍ଲେଖ କରିଥିଲେ । ବିଧାୟକ ଶ୍ରୀ ବାକା କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଏହି ଅଭିନବ ପଦକ୍ଷେପ ଫଳରେ ଲକ୍ଷ ଲକ୍ଷ ଗରୀବ ଆଦିବାସୀ ଭାଇ ଭଉଣୀ ମାନେ ଲାଭ ପାଇପାରିବେ । ମାଲକାନଗିରି ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶ୍ରୀ ରାବା କହିଛନ୍ତି ଯେ, ପୂର୍ବରୁ ଜଙ୍ଗଲ ଓ ଘାଟି ଅଂଚଳରେ ବାସ କରୁଥିବା ଆଦିବାସୀ ମାନଙ୍କ ନାମରେ ଜମିଜମାର କୌଣସି ସରକାରୀ ପ୍ରମାଣ ପତ୍ର ନଥିଲା, କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟା ବଳରେ ଆଜି ଲକ୍ଷ ଲକ୍ଷ ଆଦିବାସୀ ଭାଇ ଭଉଣୀ ଏହି ଯୋଜନାରେ ଉପକୃତ ହେଉଛନ୍ତି । ଶେଷରେ ସମସ୍ତ ନିମନ୍ତ୍ରିତ ଅତିଥି ମାନଙ୍କୁ ଧନ୍ୟବାଦ୍ ଅର୍ପଣ କରିବା ସହ ଆଜିର ଏହି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ସମୁଦାୟ ୩୫୨ ଜଣ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରାଯାଇଥିବା ବିଷୟରେ ତହସିଲଦାର ଶ୍ରୀ ମୁଦୁଲି ସୂଚନା ଦେଇଛନ୍ତି ।

# ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭି. ଲୋକନାଥ ରାଜୁ ସୋନପୁରରେ ସମ୍ବର୍ଦ୍ଧିତ

କନ୍ଧମାଳ, ୧୩/୦୮ (ନି.ପ୍ର): ରକ୍ତଦାନ ଜୀବନଦାନକୁ ପ୍ରାଧାନ୍ୟ ଦେଇ ଦୀର୍ଘ ୧୫-୧୬ ବର୍ଷ ହେବ ଫୁଲବାଣୀ ସହରର ଭି.ଲୋକନାଥ ରାଜୁ ସମାଜ ପାଇଁ ନିଜର କର୍ତବ୍ୟ ଅତି ନିଷ୍ଠାର ସହ ପାଳନ କରି ଚାଲିଛନ୍ତି। କନ୍ଧମାଳ ଜିଲ୍ଲାର କୋଣ ଅନୁକୋଣରୁ ଆସୁଥିବା ଅନେକ ରୋଗୀଙ୍କର ରକ୍ତ ଅଭାବ ଓ ଏହି ସମସ୍ୟାକୁ ଏଡାଇବା ପାଇଁ ଅଣ୍ଟା ଭିଡିଛନ୍ତି ସେ। ଯେତେବେଳେ ଯୋଉ ସମୟରେ ମଧ୍ୟ ଯଦି କାହାର ରକ୍ତ ର ଆବଶ୍ୟକତା ପଡ଼େ ସେ ତୁରନ୍ତ ଯୋଗାଡ଼ ପାଇଁ ଲାଗି ପଡ଼ନ୍ତି। ଜିଲ୍ଲା ତଥା ଜିଲ୍ଲା ବାହାରେ ମଧ୍ୟ ସେ ଏହି ଅମୂଲ୍ୟ ସେବା ଜାରି ରଖିଛନ୍ତି। ଏଥିପାଇଁ ଜିଲ୍ଲାସ୍ତରରେ ଏବଂ ରାଜ୍ୟ ବାହାରେ ତାଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। ନିଜେ ଜଣେ ରକ୍ତ ଦାତା ହେବା ସଙ୍ଗେ ସଙ୍ଗେ ଅନ୍ୟ ନୀରିହ ଲୋକଙ୍କ ମୁହଁରେ ହସ ଫୁଟାଇବା ପାଇଁ ସଦା ସର୍ବଦା ଚେଷ୍ଟା କରୁଥିବା ଭି.ଲୋକନାଥ ରାଜୁଙ୍କୁ ଗତ ବୁଧବାର ଦିନ ସୋନପୁରରେ ଅନୁଷ୍ଠିତ କ୍ରାନ୍ତି ଦିବସ ଅବସରରେ ଆୟୋଜିତ ହୋଇଥିବା ରକ୍ତ ଦାନ ଶିବିର ରେ ରକ୍ତବନ୍ଧୁ ସମ୍ମାନ ରେ ସମ୍ମାନିତ କରାଯାଇଛି। ନୂତନ ଭାବେ ସୋନପୁର ରିଜର୍ଭ ପୋଲିସର ଆର ଆଇ ଦାଇତ୍ୱ ଗ୍ରହଣ କରିଥିବା ସରୋଜ କୁମାର ବେହେରା ଙ୍କ ପ୍ରସ୍ତାବ କ୍ରମେ ଆଜି ସୋନପୁର ଠାରେ ଏହି ସମ୍ମାନ ଗ୍ରହଣ କରିଛନ୍ତି ଲୋକନାଥ ରାଜୁ। ଆୟୋଜିତ ହେଇଥିବା ଏହି ଶିବିରରେ ଜିଲ୍ଲାର ସମସ୍ତ ଉଚ୍ଚ ପଦସ୍ଥ ଅଧିକାରୀ ତଥା ଜିଲ୍ଲାପାଳ , ଆରକ୍ଷୀ ଅଧିକ୍ଷକ, ପୋଲିସ ଏସଡିପିଓ, ରିଜର୍ଭ ଆର ଆଇ, ଆଇ ଆଇ ସିଇ ପ୍ରମୁଖ ପୋଲିସ ଅଧିକାରୀ ଙ୍କ ସହ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ନୂତନ ଭାବେ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ଅମରେଶ କୁମାର ପଣ୍ଡା ଯୋଗ ଦେଇ ରକ୍ତଦାନକୁ ଏକ ଆନ୍ଦୋଳନର ରୁପ ଦେବାକୁ ଚେଷ୍ଟା କରିଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏହି ରକ୍ତଦାନ ଶିବିରରେ ସର୍ବାଧିକ ୬୦୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

# କେବେ ଖୋଲିବ ମୟୂରଭଂଜ ଆୟୁର୍ବେଦିକ କଲେଜ ?

■ସରକାରୀ ଉଦାସୀନତା କାରଣରୁ ୧୪ ବର୍ଷ ହେଲାଣି ବନ୍ଦ ପଡିଛି କଲେଜ
■ମୁଖ୍ୟମନ୍ତ୍ରୀଙ୍କ ବାରମ୍ବାର ଘୋଷଣା ପରେବି ଖୋଲୁନି କଲେଜ
■୧୦ ବର୍ଷ ହେଲା ଦରମା ବନ୍ଦ ଥିବାରୁ ଦୁର୍ଦ୍ଦଶାରେ ଅଧ୍ୟାପକ ଓ କର୍ମଚାରୀ
■ଖତ ଖାଉଛି କୋଟିକୋଟି ଟଙ୍କାର ମେସିନ, କୋଠା ଓ ଆସବାବ ପତ୍ର



ବାରିପଦା , ୧୩/୦୮ (ନି.ପ୍ର): ସାରା ବିଶ୍ୱ ଧିରେଧିରେ ପୁଣି ଭାରତୀୟ ଆୟୁର୍ବେଦ ଚିକିତ୍ସାକୁ ପ୍ରାଧାନ୍ୟ ଦେଉଥିବା ବେଳେ, ୧୯୮୩ ମସିହାରୁ ବାରିପଦାରେ ପ୍ରତିଷ୍ଠିତ ହୋଇଥିବା ଉତର ଓଡିଶାର ଏକମାତ୍ର ଆୟୁର୍ବେଦିକ କଲେଜ ଓ ଚିକିତ୍ସାଳୟ ସରକାରୀ ପ୍ରଶାହନ ଓ ଇଚ୍ଛାଶକ୍ତି ଅଭାବରୁ ୨୦୦୮ ମସିହା ଠାରୁ ବନ୍ଦ ହୋଇ ରହିଛି । ବିଭିନ୍ନ ସମୟରେ ନିର୍ବାଚନ ବେଳେ ମୟୂରଭଂଜ ଆୟୁର୍ବେଦିକିକ କଲେଜ ଖୋଲାଯିବା ନେଇ କେବଳ ପ୍ରତିଶୃତି ମିଳୁଥିବା ବେଳେ ଏହା କେବଳ ଏକ ନିର୍ବାଚନୀ ପ୍ରତିଶୃତି ହୋଇ ରହି ଆସିଛି । ଏପରିକି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଗତ ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ବାରିପଦା ଛଉପଡିଆ ଠାରେ ଅନୁଷ୍ଠିତ ସାଧାରଣ ସଭାରେ ମୟୂରଭଂଜ ଆୟୁରର୍ବେଦିକ କଲେଜ ତୁରନ୍ତ ସରକାରୀ ଭାବରେ ଖୋଲାଯିବା ନେଇ ଘୋଷଣା କରିଥିଲେ ମଧ୍ୟ ଅଦ୍ୟାବଧି ଖୋଲା ଯାଇପାରୁନି । ସେହିପରି ନିକଟ ଅତୀତରେ ବିଜେଡିର ଜିଲ୍ଲା ପର୍ଯ୍ୟବେକ୍ଷକ ବିଧାୟକ ବବି ଦାସ ବାରିପଦାରେ ଅନୁଷ୍ଠିତ ବିଜେଡିର ସାଂଗଠନିକ ବୈଠକରେ ଖୁବଶୀଘ୍ର ମୟୂରଭଂଜ ଆୟୂରବେଦିକ କଲେଜ ଖୋଲାଯିବ ବୋଲି କହିଥିଲେ । ଏହି କଲେଜରେ ପୂର୍ବରୁ ଅଧ୍ୟାପକ ଓ କର୍ମଚାରୀ ମିଶି ୨୯ ଜଣ ଥିବା ବେଳେ, ଇତି ମଧରେ କିଛି ଅବସର ନେଇଗଲେଣି ଏବଂ କିଛିଜଣ ମରିହଜି ଗଲେଣି । ଏବେ କଲେଜରେ ମୋଟ ୨୧ ଜଣ ଥିବା ବେଳେ, ସେଥିରୁ ୬ଜଣ ଅଧ୍ୟାପକ ଥିବା ଜଣାଯାଇଛି । ତେବେ କଲେଜ ୨୦୦୮ରୁ ବନ୍ଦ ହେବା ପରେ ୨୦୧୨ରୁ ସମସ୍ତଙ୍କର ଦରମା ମଧ ବନ୍ଦ ହୋଇଯାଇଥିବାରୁ ଏମାନେ ବିନା ଦରମାରେ ଦୁଃଖ ଦୈନ୍ୟତାରେ କାଳାତିପାତ କରୁଛନ୍ତି । ଜିଲ୍ଲାବାସୀ ତଥା କଲେଜର ଅଧାପକ ଏବଂ କର୍ମଚାରୀଙ୍କ ପକ୍ଷରୁ ବିଭିନ୍ନ ସମୟରେ କଲେଜ ଖୋଲିବା ନେଇ ସରକାରଙ୍କ ଠାରେ ଦାବୀ ହୋଇ ଆସୁଥିଲେ ମଧ କୌଣଷି ସୁଫଳ ମିଳୁନାହିଁ । ଦୀର୍ଘ ୧୪ ବର୍ଷ ଧରି କଲେଜ ବନ୍ଦ ରହିବା ଫଳରେ କୋଟିକୋଟି ଟଙ୍କାର ମେସିନ ସହ କଲେଜ ବିଲ୍ଡିଂ ଓ ଆସଭାବ ପତ୍ର ଖତ ଖାଉଛି । ତଥ୍ୟ ଅନୁସାରେ ଏହି ଆୟୂର୍ବେଦିକ କଲେଜ ଓ ହସପିଟାଲ ୧୯୮୩ ମସିହାରେ ଉତର ଓଡିଶାର ଏକମାତ୍ର ଆୟୁର୍ବେଦିକ କଲେଜ ଭାବରେ ବାରିପଦା ଠାରେ ସ୍ଥାପିତ ହୋଇ ୨୦୦୭ ମସିହା ପର୍ଯ୍ୟନ୍ତ ଠିକଭାବରେ ଚାଲି ଆସୁଥିଲା । ଏହି କଲେଜରୁ ବହୁ ଅଭିଜ୍ଞ ଡାକ୍ତର ମଧ ସୃଷ୍ଟି ହେଉଥିଲେ । ଏହି କଲେଜର ପରିଚାଳନା କମିଟିର ସଭାପତି ଜିଲ୍ଲାପାଳ ରହିଥିବା ବେଳେ, ମୟୂରଭଂଜ ଲୋକସଭା ସାଂସଦ, ବାରିପଦା ବିଧାୟକ ପ୍ରମୁଖ ଗଣ୍ୟମାନ୍ୟ ବ୍ୟକ୍ତିମାନେ ପରିଚାଳନା କମିଟିରେ ରହିଛନ୍ତି । କଲେଜର ପ୍ରିନସିପାଲ ସମ୍ପାଦକ ଭାବରେ କାର୍ଯ୍ୟ ତୁଲାଇଥାନ୍ତି । ତେବେ ୨୦୦୦ ମସିହାରୁ କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ସର୍ବଭାରତୀୟ ସ୍ତରରେ ସମସ୍ତ ଆୟୁର୍ବେଦିକ କଲେଜ ଗୁଡିକରେ ଶିକ୍ଷାର ମାନବୃଦ୍ଧି ପାଇଁ ଯୋଗ୍ୟତା ସମ୍ପର୍ଣ୍ଣ ଅଧ୍ୟାପକ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ନିର୍ଦ୍ଦେଶ ମୁତାବକ ମୟୂରଭଂଜ ଆୟୁର୍ବେଦିକ କଲେଜର ତତ୍କାଳୀନ ପରିଚାଳନା କମିଟି ଦୀର୍ଘ ଦିନଧରି ଯୋଗ୍ୟ ଅଧ୍ୟାପକ ନିଯୁକ୍ତ ନକରିବା ଫଳରେ ୨୦୦୮ ମସିହା ଠାରୁ ଛାତ୍ରଛାତ୍ରୀଙ୍କ ନାମଲେଖା କେନ୍ଦ୍ର ସରକାର ବନ୍ଦ କରିଦେଇଛନ୍ତି । ଫଳରେ ସେବେଠାରୁ କଲେଜ ବନ୍ଦ ହୋଇ ପଡିଛି । ୨୦୦୯ ମସିହାରେ ତତ୍କାଳିନ ମୟୂରଭଂଜ ଜିଲ୍ଲାପାଳ ସୁରେଶ କୁମାର ବଶିଷ୍ଠ କଲେଜ ପରିଚାଳନା କମିଟୀର ସଭାପତି ଭାବରେ ମୟୂରଭଂଜ ଆୟୁର୍ବେଦିକ କଲେଜକୁ ସରକାରୀ ମାନ୍ୟତା ଯୋଗାଇ ଦେବାପାଇଁ ରାଜ୍ୟ ସରକାରଙ୍କୁ ଚିଠି ଲେଖି କଲେଜକୁ ସରକାରୀ ମାନ୍ୟତା ଯୋଗାଇ ଦେବାପାଇଁ ସ୍ୱାସ୍ଥ୍ୟ ବିଭାଗ ଓ ଅର୍ଥ ବିଭାଗର ସ୍ୱୀକୃତୀ ମାଗିଥିଲେ । ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଏକ ପ୍ରତିନିଧି ଦଳ କଲେଜ ପରିଦର୍ଶନ କରି ୨୦୧୯ ରେ ରିପର୍ଟ ଦାଖଲ କରିଥିଲେ। ରାଜ୍ୟ ସରକାରଙ୍କ ଉନ୍ନୟନ କମିଶନରଙ୍କ ଅଧକ୍ଷତାରେ ଉଚ୍ଚ ସଚୀବ ସ୍ତରୀୟ ବୈଠକରେ ମଧ ମୟୂରଭଂଜ ଆୟୁର୍ବେଦିକ କଲେଜକୁ ସରକାର ହାତକୁ ନେବେ ବୋଲି ନିଷ୍ପତି ହୋଇଥିଲେ ସୁଦ୍ଧା ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇ ପାରୁନାହିଁ । ତେବେ ରାଜନିତିର ଛକାପଂଝା ଖେଳ ଭିତରେ ସରକାରୀ ଉଦାସୀନତାରୁ ନଷ୍ଟ ହେବାକୁ ବସିଲାଣି ଏହି ଆୟୁର୍ବେଦିକ କଲେଜ ଓ ହସପିଟାଲର ବିଲଡିଂ ସହିତ ଲକ୍ଷଲକ୍ଷ ଟଙ୍କାର ମେସିନ ଏବଂ ଆସବାବ ପତ୍ର ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ବଳ ଗୋଟାଉଛି .....

କେବଳ ଯେ ପୁରୁଣା ନେତାଙ୍କୁ ଫେରାଯିବ ତା'ନୁହେଁ ସସ୍‌ପେଣ୍ଡ ହୋଇଥିବା କଂଗ୍ରେସ ବିଧାୟକ ମହମ୍ମଦ ମୋକିମ ଓ ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳଙ୍କ ଉପରୁ ଖୁବ ଶୀଘ୍ର ନିଲମ୍ବନ ହଟିପାରେ। ଏନେଇ କିଛି ନେତା ଦିଲ୍ଲୀ ଯାଇ ହାଇକମାଣ୍ଡଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, କେବଳ ଦକ୍ଷିଣ ଓଡ଼ିଶା ନୁହେଁ, ସାରା ରାଜ୍ୟରେ କିପରି ଦଳ ମଜବୁତ ହେବ ସେଥିଲାଗି ପ୍ରୟାସ ଚାଲିଛି।

## ଓଡ଼ିଶାରେ ମେଣ୍ଟ....

ମୋତେ ଲାଗୁଛି, ଓଡ଼ିଶାରେ ମେଣ୍ଟ ହେଲା ଭଳି କୌଣସି କଥା ନାହିଁ। ଏବେ ନାହିଁ କି ଆଗକୁ ବି ହେବନି ବୋଲି ଲାଗୁଛି। ସେ କହିଛନ୍ତି, ରାଜ୍ୟରେ ବିଜେପିର ସ୍ଥିତି ବହୁତ ଭଲ ଅଛି। ୨୦୨୪ ନିର୍ବାଚନରେ ଓଡ଼ିଶାରେ ଭଲ ପ୍ରଦର୍ଶନ କରିବ ଦଳ। ଶନିବାର ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରୀ ଭୂପିନ୍ଦର ଯାଦବ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ମଧ କହିଥିଲେ ଯେ ରାଜ୍ୟରେ ବିଜେଡି ସହିତ ମେଣ୍ଟ ହେବ ନାହିଁ। କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରୀ ଭୂପିନ୍ଦର ଯାଦବ କହିଥିଲେ, ଆଗାମୀ ସାଧାରଣ ନିର୍ବାଚନରେ ବିଜେପି ଓଡ଼ିଶାରେ କୌଣସି ମେଣ୍ଟ କରିବ ନାହିଁ। ଦଳ ଏକାକୀ ଲଢ଼ିବ। ଆମେ ନିଜ ଦମ୍‌ରେ ରାଜ୍ୟରେ ସରକାର ଗଢ଼ିବାରେ ସକ୍ଷମ ହେବୁ। ସେହିପରି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଥିଲେ, ଓଡ଼ିଶାରେ କୌଣସି ମେଣ୍ଟ ହେବନି। ବିଜେପି ଏକାକୀ ୧୪୭ଟି ବିଧାନସଭା ଓ ୨୧ଟି ଲୋକସଭା ଆସନରେ ଲଢ଼ିବ । ବିଜେପି ଏକ ଅନ୍ତରୀଣ ସର୍ଭେ କରିଥିଲା । ଏହି ଅନ୍ତରୀଣ ସର୍ଭେରେ ଜୁଲାଇ ମାସରେ ବିଜେପି ରାଜ୍ୟରେ ଆଗରେ ଥିଲା । ଅଗଷ୍ଟରେ ବି ଆଗରେ ରହିବୁ । ରାଜ୍ୟବାସୀଙ୍କ ମତ ଆମ ସପକ୍ଷରେ ଅଛି ।

## ହୋଟେଲ୍‌ରୁ ଯୁବକଙ୍କ ....

ଶନିବାର ସନ୍ଧ୍ୟାରେ ରାଜେନ୍ଦ୍ର କାମରୁ ଆସି ହୋଟେଲ ରୁମକୁ ବାହାରିନଥିଲେ। ହେଲେ ଆଜି ରୁମ୍‌ରୁ ନବାହାରିବାରୁ ହୋଟେଲ କର୍ମଚାରୀମାନେ ଡାକିଥିଲେ। ମାତ୍ର ରୁମ୍ ଭିତରୁ କୌଣସି ଶବ୍ଦ ଶୁଭିନଥିଲା। ହୋଟେଲ୍ କର୍ମଚାରୀମାନେ ଏନେଇ ଯାଜପୁର ରୋଡ୍ ଥାନା ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ୍ ହୋଟେଲ୍‌ରେ ପହଞ୍ଚି ରୁମ୍ ଖୋଲିବାରୁ ରାଜେନ୍ଦ୍ର ପଙ୍ଖାରେ ରଶି ଲଗାଇ ଝୁଲି ପଡ଼ିଥିବା ଦେଖିବାକୁ ମିଳିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗାଦି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦେଇଛି। ଏଥିସହ ଘଟଣାର ତଦନ୍ତ ଚଳାଇଛି। ହେଲେ କେଉଁ କାରଣରୁ ରାଜେନ୍ଦ୍ର ଆତ୍ମହତ୍ୟା କଲେ, ତାହା ଜଣାପଡ଼ି ନାହିଁ।

## ସ୍ୱାଧୀନତା ଦିବସ ....

ରାଜଘାଟ ଓ ଲାଲକିଲ୍ଲା ସହିତ ପ୍ରମୁଖ ଅଂଚଳ ଉପରେ ପୋଲିସ ତୀକ୍ଷ୍ଣ ନଜର ରଖିଛି । ସ୍ୱାଧୀନତା ଦିବସ ଓ ଆସନ୍ତାମାସରେ ହେବାକୁ ଥିବା ଜି-୨୦ ନେତାଙ୍କ ଶିଖର ସମ୍ମିଳନୀ ପାଇଁ ସୁରକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ଗତ କିଛି ସପ୍ତାହ ହେବ ଏନଏସଜିର ବ୍ୟାକ କ୍ୟାଟ କମାଣ୍ଡୋମାନେ ସୁରକ୍ଷା ଅଭ୍ୟାସ କରିଛନ୍ତି । ଦିଲ୍ଲୀରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳର ୫ଶହ କମାଣ୍ଡୋ, ସ୍ନାଇପର୍ସ ଓ ଭିଆଇପି ସୁରକ୍ଷା କର୍ମୀଙ୍କୁ ଦିଲ୍ଲୀରେ ମୁତୟନ କରାଯାଇଛି ।

## ଡିସେମ୍ବରରେ ହେବ....

ଶରଦ ପାୱାର ଏବଂ ଅଜିତ୍‌ଙ୍କ ମଧ୍ୟରେ ସିକ୍ରେଟ୍ ମିଟିଂ, ବ୍ୟବସାୟୀଙ୍କ ବଙ୍ଗଳାରେ କଲେ ବୈଠକ ସୂଚନା ଅନୁସାରେ, ସେପଟ୍ମେର ପ୍ରଥମ ସପ୍ତାହରେ ବିଧାନସଭାର ମୌସୁମୀ ଅଧିବେଶନ ବସିବ । ସଂକ୍ଷିପ୍ତ ଅଧବେଶନର ମୁଖ୍ୟ କାମ ହେବ ଅତିରିକ୍ତ ବଜେଟକୁ ମଞ୍ଜୁରି କରାଇବା। ସ୍ୱାଭାବିକ ଭାବେ ଶୀତ ଅଧିବେଶନରେ ଆଗତ ହୁଏ ଅତିରିକ୍ତ ବଜେଟ। ଏଥର କିନ୍ତୁ ମୌସୁମୀ ଅଧିବେଧିଶନ ପାଇଁ ବଜେଟ ପ୍ରସ୍ତୁତି କାମ ପ୍ରାୟ ସରିଗଲାଣି ବୋଲି ସୂଚନା ମିଳିଛି। ଅଧିବେଶନ ପରେ ବିଧାନସଭା ଭଙ୍ଗ କରିବାକୁ ପ୍ରସ୍ତାବ ଆସିପାରେ। କେନ୍ଦ୍ର ସରକାର ସହମତ ହେଲେ ୫ ରାଜ୍ୟର ନିର୍ବାଚନ ସହ ଓଡ଼ିଶାର ବି ତାରିଖ ଘୋଷଣା ହେବ । ତେବେ ଓଡ଼ିଶାରେ ଆଗୁଆ ନିର୍ବାଚନ ପାଇଁ କେନ୍ଦ୍ର ଅରାଜି ହୋଇନପାରେ ବୋଲି କୁହାଯାଉଛି। ଆଗୁଆ ନିର୍ବାଚନ ପାଇଁ ନିର୍ବାଚନ କମିସନଙ୍କ ଗାଇଡଲାଇନ୍ ମୁତାବକ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ। କୌଣସି ସ୍ଥାନରେ ୩ ବର୍ଷରୁ ଅଧିକ ସମୟ ଧରି କାମ କରୁଥିବା କ୍ଷେତ୍ରୀୟ ଅଧିକାରୀମାନଙ୍କୁ ବଦଳି କରାଯାଇଛି। ଜିଲ୍ଲାପାଳ, ଏସ୍ ପି, ଥାନା ଅଧିକାରୀମାନଙ୍କୁ ଗତ ଦୁଇ ମାସ ଭିତରେ ନୂଆ ପୋଷ୍ଟିଂ ମିଳିଛି।

## କେମିକାଲ୍ ଗୋଦାମରେ ଭୟାବହ...

ଅଞ୍ଚଳରେ ଥିବା ଏକ କୋଚିଂ ସେଣ୍ଟରରେ ମଧ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଥିଲା। ଛାତ୍ରଛାତ୍ରୀମାନେ ଝରକା ଡେଇଁ ନିଜକୁ ରକ୍ଷା କରିଥିଲେ। ପରେ ପୁଲିସ୍ ଯାଞ୍ଚ କରିବା ପରେ ସେଠାରେ ଅଗ୍ନି ନିରାପତ୍ତା ସୁବିଧା ନଥିବା ଜଣାପଡିଥିଲା।

## ଉତ୍ତରକାଶୀରେ ଭାସିଗଲା....

ସାମରିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଏହି ବ୍ରିଜଟି ଭାରତ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ଏହି ନେଲାଙ୍ଗ ଘାଟି ଭାରତ-ଚୀନ ସୀମାନ୍ତରେ ରହିଛି । ବ୍ରିଜ ଭୁଶୁଡିବା ନେଇ ପୂରା ରିପୋର୍ଟ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଇଥିବା କହିଛନ୍ତି ଗଙ୍ଗୋତ୍ରୀ ନ୍ୟାସନାଲ ପାର୍କର ଉପନିର୍ଦ୍ଦେଶକ ରଙ୍ଗନାଥ ପାଣ୍ଡେ । ବ୍ରିଜ ନିର୍ମାଣ ପାଇଁ ପ୍ରଶାସନ ନିକଟରୁ ଅନୁମତି ମଗାଯାଇଛି । ଚୋରଗାଡ ନଦୀ ଉପରେ ଥିବା ଏହି ବ୍ରିଜ ଦେଇ ସାଧାରଣତଃ ସେନା, ଆଇଟିବିପିର ଯବାନ ଓ ମେଣ୍ଡାପାଳକ ଯାଆସ କରିଥାନ୍ତି । ତେବେ ବ୍ରିଜ ଭୁଶୁଡିବା କାରଣରୁ ସେମାନଙ୍କୁ ଯିବାଆସିବାରେ ସମସ୍ୟା ହୋଇଛି ।

# ଗର୍ଭବତୀଙ୍କୁ ପିଟିପିଟି ହତ୍ୟା ଅଭିଯୋଗ : ଜ୍ୱାଇଁ ଅଟକ, ପରିବାର ଲୋକେ ଫେରାର୍

ଖୋର୍ଦ୍ଧା, ୧୩/୦୮ (ନି.ପ୍ର): ଖୋର୍ଦ୍ଧା ସଦର ଥାନା ଅଂଚଳରେ ଜଣେ ଗର୍ଭବତୀଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏଭଳି ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି ନିଜିଗଡ଼ ତାପଙ୍ଗ ଗଡ ସାହିରେ । ମୃତକ ଗର୍ଭବତୀ ମହିଳା ହେଲେ ନିରାକାରପୁର ଥାନା ଯାଜପୁର ଗ୍ରାମର କଣ୍ଟୁରୀ ମହତରାୟଙ୍କ ଝିଅ ଅହଲ୍ୟା (୨୪ ବର୍ଷ)। ତେବେ ଶ୍ୱଶୁର ଘର ଲୋକଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣିଛନ୍ତି ମୃତକଙ୍କ ମାଆ ଭାନୁମତି ଦେଇ। ଖବର ପାଇ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ସ୍ୱାମୀଙ୍କୁ ଅଟକ ରଖିଛି। ଅଭିଯୋଗ ଅନୁଯାୟୀ, ନିରାକାରପୁର ଥାନା ଅନ୍ତର୍ଗତ ଯାଜପୁର ଗ୍ରାମର କଣ୍ଟୁରୀ ମହତରାୟଙ୍କ ଝିଅ ଅହଲ୍ୟା(୨୪ ବର୍ଷ) ନିଜିଗଡ ତାପଙ୍ଗର ରଘୁନାଥ ପାହାନ୍ତାସିଙ୍ଗ ପୁଅ ସର୍ବେଶ୍ୱରଙ୍କୁ ଗତ ଫେବୃୟାରୀ ମାସ ୧୦ ତାରିଖରେ ବିବାହ କରିଥିଲେ। ସେ ୬ ମାସର ଗର୍ଭବତୀ ଥିଲେ। ବାହାଘର ସମୟରେ ସମସ୍ତ ଯାନୀ ଯୌତୁକ ଦିଆଯାଇଥିଲା। ପରବର୍ତୀ ସମୟରେ ଅଧିକ ଯୌତୁକ ଦାବି କରି ଅହଲ୍ୟାଙ୍କ ଶ୍ୱଶୁର ଘର ଲୋକ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ତେବେ ଶନିବାର ସନ୍ଧ୍ୟା ୫ଟାରେ ଝିଅର ଦେହ ଖରାପ ଅଛି, ମେଡିକାଲରେ ଭର୍ତି କରାଯାଇଛି ବୋଲି ଜ୍ୱାଇଁ ଫୋନ କରି କହିଥିଲେ । ସେଠାରେ ଡାକ୍ତର ଅହଲ୍ୟାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ଶ୍ୱଶୁର ଘର ପରିବାର ଲୋକେ ଫେରାର ହୋଇଯାଇଛନ୍ତି । ଏନେଇ ଝିଅକୁ ହତ୍ୟା କରାଯାଇଥିବା ମୃତକ ଅହଲ୍ୟାଙ୍କ ବାପଘର ପକ୍ଷରୁ ସଦର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏଥିରେ ଶ୍ୱଶୁର, ଜ୍ୱାଇଁ, ଶାଶୁ, ନଣଦ, ନଣଦେଇ, ଦିଅରଙ୍କ ନାଁରେ ଅଭିଯୋଗ ହୋଇଛି। ପୋଲିସ ମୃତକଙ୍କ ସ୍ୱାମୀକୁ ଅଟକ ରଖି ତଦନ୍ତ କରୁଥିବା ଜଣାପଡିଛି।

# ଇଫକୋ ପକ୍ଷରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ



ପାରାଦୀପ, ୧୩/୦୮ (ନି.ପ୍ର): ରବିବାର ଦିନ ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ହର ଘର ତ୍ରିରଙ୍ଗା ସମାରୋହ ଉଦ୍‌ଘାଟିତ ହୋଇଯାଇଛି । ଇଫକୋ ଡିଏଭି ସ୍କୁଲ ପରିସରରେ ଇଫକୋର ନିର୍ଦ୍ଦେଶକ ତଥା ୟୁନିଟ୍ ହେଡ୍ କେ.ଜେ.ପଟେଲ୍ ଏହି ସମାରୋହକୁ ଉଦଘାଟନ କରିଥିଲେ । ଗାରିମାମୟ ଏହି ସମାରୋହରେ ଇଫକୋର ଯୁଗ୍ମ ସାଧାରଣ ପ୍ରବନ୍ଧକ କେ.ମୋହନ ରାଓ, ଇଫକୋ ଅଧିକାରୀ ସଂଘର ସଭାପତି ଦେବାଶିଷ ମହାନ୍ତି, ସାଧାରଣ ସମ୍ପାଦକ ସୁବାସିସ ମିଶ୍ର, କର୍ମଚାରୀ ସଂଘର ସଭାପତି ତୁଷାର ରଂଜନ ସାମନ୍ତରାୟ, ସାଧାରଣ ସମ୍ପାଦକ ରାକେଶ କୁମାର ଓଝା, ଇଫକୋ ଡିଏଭି ସ୍କୁଲ ଅଧ୍ୟକ୍ଷ ବଳରାମ ମହାପାତ୍ରଙ୍କ ସମେତ ଇଫକୋ ଟାଉନସିପର ଅନ୍ତେବାସୀ ସାମିଲ ହୋଇଥିଲେ । ଭାରତର ସ୍ୱାଧିନତାର ଗୌରବମୟ ଇତିହାସର ସ୍ମୃତିଚାରଣ କରିବା ନିମନ୍ତେ ଇଫକୋର ଏହି ପ୍ରୟାସ ବୋଲି ଇଫକୋର ପ୍ରଶାସନିକ ଅଧିକାରୀ ତଥା ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ସୂଚନା ଦେଇଛନ୍ତି ।

# ଇପିଏଫ୍ ପେନସନର୍ସ ଆସୋସିଏସନ୍ କୋରାପୁଟ ଜିଲ୍ଲା କମିଟି ବୈଠକ

ଜୟପୁର, ୧୩/୦୮ (ନି.ପ୍ର): ଜୟପୁର ଯାଦବ ଭବନ ଠାରେ ଇପିଏଫ ପେନସନର୍ସ ଆସୋସିଏସନ୍ କୋରାପୁଟ ଜିଲ୍ଲା ଶାଖାର ଏକ ବୈଠକ ସଭାପତି ନଳିନୀ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭାରେ ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି ପ୍ରକାଶ କରିଛନ୍ତି ଯେ, ଗତ ପାର୍ଲ୍ୟାମେଣ୍ଟ ଅଧିବେଶନରେ ବିଜେଡିର ବାଲେଶ୍ୱର ଲୋକସଭା ସଦସ୍ୟା ମଞ୍ଜୁଲତା ମଣ୍ଡଳ ଓ ତାପରେ ଢେଙ୍କାନାଳ ବିଜେଡି ସାଂସଦ ମହେଶ ସାହୁ ଇପିଏଫ ପେନସନ ମାସିକ ସର୍ବନିମ୍ନ ୧୦୦୦/ ଟଙ୍କା ବଦଳରେ ୯୦୦୦/ ଟଙ୍କା ଘୋଷଣା କରିବାକୁ କେନ୍ଦ୍ର ସରକାର ପାଖରେ ଦାବି କରିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ । ଆସନ୍ତା ଅଗଷ୍ଟ -୧୫ ତାରିଖ ସ୍ୱାଧୀନତା ଦିବସ ପାଳନ ଅବସରରେ ମଧ ଏହି ଦାବି ଉଠାଇ ସଭା ସମିତି କରିବାକୁ ନିଷ୍ପତି ନିଆଯାଇଛି ।

# ୨ୟ ଦିନରେ ଫାଇଭ-ଟି ସଚିବଙ୍କର ମୟୁରଭଞ୍ଜ ଗସ୍ତ

## ୪ଟି ଜନଶୁଣାଣି ସଭା ସହ ବାରିପଦା ମହିଳା ସମାବେଶରେ ଯୋଗଦାନ



ବାରିପଦା , ୧୩/୦୮ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭିକେ ପାଣ୍ଡିଆନଙ୍କ ଦୁଇଦିନିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତର ଆଜି ଦ୍ୱିତୀୟ ଦିନରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି. ଆଜି ସକାଳେ ଶ୍ରୀ ପାଣ୍ଡିଆନ ବାରିପଦା ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପରିସରରେ ଥିବା ମିଶନ ଶକ୍ତି କାଫେରେ ପହଞ୍ଚି ମହିଳା ମାନଙ୍କ ସହ ଭାବମିନିମୟ କରିବା ସହିତ ସକାଳ ଜଳଖିଆ କରିଥିଲେ । ଏହାପରେ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର କଳାବାଡିଆ ଫୁଟବଲ ପଡ଼ିଆ ଠାରେ ଅନୁଷ୍ଠିତ ଜନଶୁଣାଣି ସଭାରେ ଲୋକଙ୍କ ନିକଟରୁ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ପରେପରେ ମୋରଡା ନିର୍ବାଚନ ମଣ୍ଡଳୀ ପାଇଁ ପାଟପୁର ପଡିଆରେ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରିଥିଲେ। ମଧ୍ୟାହ୍ନରେ ବାରିପଦା ଛଉ ପଡ଼ିଆ ଠାରେ ଆୟୋଜିତ ମିଶନ ଶକ୍ତି ମହିଳା ମାନଙ୍କ ବିଶାଳ ସମାବେଶରେ ଯୋଗଦେଇ ମହିଳା ଶକ୍ତିର ଉପଯୋଗ ରାଜ୍ୟ ଏବଂ ଦେଶର ଅର୍ଥନୀତିକୁ ନୂଆ ଗତି ଦେଇପାରିବ। ଏଣୁ ମହିଳା ମାନଙ୍କ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶେଷ ଧ୍ୟାନ ଦେଇଛନ୍ତି। ମାମାନେ ସଂଗଠିତ ଭାବରେ କଠିନ ପରିଶ୍ରମ କରୁଥିବାରୁ ରାଜ୍ୟରେ ଉତ୍ପାଦନ ବୃଦ୍ଧି ଘଟିଛି ଏଣୁ ଉତ୍ପାଦିତ ଦ୍ରବ୍ୟର ଉତ୍ତମ ମାର୍କେଟିଙ୍ଗ ବ୍ୟବସ୍ଥା ମଧ ରାଜ୍ୟ ସରକାର କରିଛନ୍ତି। ଆଗକୁ ମହିଳା ମାନଙ୍କ ପାଇଁ ରାଜ୍ୟ ସରକାର ଆହୁରି ଅନେକ ସୁବିଧା ସୁଯୋଗ ଯୋଗାଇଦେବେ। ଏଣୁ ମହିଳା ମାନେ ଅଧିକ ସଂଗଠତ ହୋଇ କାର୍ଯ୍ୟକରିବାକୁ ମା ମାନଙ୍କୁ ପରାମର୍ଶ ଦେଇଥିଲେ। ଏହା ପରେ ବଡସାହି ନିର୍ବାଚନ ମଣ୍ଡଳୀର ବୈଶିଙ୍ଗା ନିକଟସ୍ଥ ଖୁଣ୍ଟାପୁର ଠାରେ ଏବଂ ପରେ ପରେ ଉଦଳା ନିର୍ବାଚନ ମଣ୍ଡଳୀ ପାଇଁ ଉଦଳା ହାଇସ୍କୁଲ ପଡ଼ିଆରେ ଆୟୋଜିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଲୋକଙ୍କ ଠାରୁ ଅଭିଯୋଗ ଗ୍ରହଣ କରିଥିଲେ।

# ଚୋରି ମାମଲାରେ ଜଣେ ଗିରଫ

ଜୟପୁର, ୧୩/୦୮ (ନି.ପ୍ର): ମୋଟର ଚୋରି ମାମଲାରେ ଜଣେ ଅଭିଯୁକ୍ତ କୁ ଗିରଫ କରିଛି ଜୟପୁର ସଦର ପୋଲିସ। ଗିରଫ ଅଭିଯୁକ୍ତ ଜଣକ ହେଲା ନନ୍ଦଗୁଡାର ମୁନା ଏଲିୟସ କମଳ ସନ୍ତୋଷ (୨୪) । ପୋଲିସ ସୁଚନା ଅନୁଯାଇ ବାଟ ଜଗନ୍ନାଥପୁରର ଭଗବାନ ଜାନୀଙ୍କ ମୋଟର ଚୋରି ହୋଇଥିବା ନେଇ ଅଭିଯୋଗ କରିଥିଲେ । ଅଭି ଯୋଗ ଅଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ରେ ଜାଣି ପୋଲିସ ନନ୍ଦଗୁଡାର ମୁନା କୁ ଗିରଫ କରିଛି ତା ଠାରୁ ଓାର୍ଟର ପମ୍ପ ଜବତ କରିଛି । ଏହା ସହ ମୁନା ନାମ ଅନ୍ୟ ମାମଲାରେ ଓାରେଂଟି ରହିଛି । ଏନେଇ ସମସ୍ତ ମାମଲାରେ କୋର୍ଟ ଚାଲାଣ କରାଯାଇଥିବା ସଦର ଥାନ ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

# ପବ୍ଲିକ ଲାଇବ୍ରେରିରେ ଜାତୀୟ ସମ୍ମାନ ଉଦ୍‌ଯାପିତ

ସମ୍ବଲପୁର, ୧୩/୦୮ (ନି.ପ୍ର): ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ଓ ରାମାନୁଜନ କଲେଜ ନୂଆଦିଲ୍ଲୀର ମିଳିତ ସହଯୋଗରେ ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟ ଠାରେ ହୋଲିଷ୍ଟିକ ଏଜୁକେସନ(ପୂର୍ଣ୍ଣାଙ୍ଗ ଶିକ୍ଷା ନୂତନ ଜାତୀୟ ଶିକ୍ଷାନୀତି-୨୦୨୦) ବିଷୟ ବସ୍ତୁକୁ ନେଇ ଏକ ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇ ଦିନିଆ ଜାତୀୟ ସମ୍ମାନର ଉଦଘାଟନୀ ଉତ୍ସବରେ ମାଁ ସମଲେଶ୍ୱରୀ ଓ ବାଗଦେବୀଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ ଓ ସନ୍ଥ ଯୁଗଳ ଶରଣଜୀଙ୍କ ଆଶିଷ ବଚନ ପରେ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧକ୍ଷତାରେ ଆରମ୍ଭ ହୋଇଥିଲା ଜାତୀୟ ସମ୍ମାନ। ଏଥିରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ଉପଦେଷ୍ଟା ଉପେନ୍ଦ୍ର ତ୍ରିପାଠୀ ଅଭାଷୀ ମାଧମରେ ଉଦ୍ଘାଟନ କରି ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ନୈତିକ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ ଅତିଥିଭାବେ ଉତରାଂଚଳ ରାଜସ୍ୱ ଆୟୁକ୍ତ ଡ଼ ସୁରେଶ ଚନ୍ଦ୍ର ଦଳାଇ ଯୋଗଦେଇ ଶିକ୍ଷକମାନେ ବର୍ତମାନ ଛାତ୍ରଛାତ୍ରୀଙ୍କ ଠାରୁ ଅଧିକ ମାତ୍ରାରେ ତତ୍ପରତା ପ୍ରକାଶ କରି ନିଜକୁ ପ୍ରସ୍ତୁତ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପ୍ରଫେସର ହୃଷୀକେଶ ସେନାପତି ସମ୍ମାନର ବିଷୟ ବସ୍ତୁକୁ ଗଭୀର ଭାବେ ତର୍ଜମା କରି ଏହା ସାମ୍ପ୍ରତିକ ପରିସ୍ଥିତିର ଆହ୍ୱାନ ବୋଲି କହଥିଲେ। ପ୍ରଭାରା ମେଡ଼ିକାଲ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଭିଏନ ମାଗରେ ଶିକ୍ଷା କ୍ଷେତ୍ରରେ ପରିବର୍ତନର ଆବଶ୍ୟକତାକୁ ଗୁରତ୍ୱ ଦେଇଥିଲେ। ଏହାସହିତ ସେ ଆଗାମୀ ଦିନରେ ଛାତ୍ରଛାତ୍ରୀଙ୍କୁ ପରସ୍ଥିତି ସହ ମୁକାବିଲା କରିବା ଶିଖାଇବାକୁ କହିଥିଲେ। ଆନ୍ଧ୍ରପ୍ରଦେଶ ବିଶ୍ୱବିଦ୍ୟାଳୟର ପ୍ରଫେସର କ୍ରିଷ୍ଣ ପ୍ରସାଦ ଶିକ୍ଷା ପଦ୍ଧତିରେ ମାନବିକ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ସମ୍ମାନର ଅନ୍ୟତମ ଆୟୋଜକ ରାମନୁଜନ କଲେଜ ଦିଲ୍ଲୀର ଅଧକ୍ଷ ତଥା ନିର୍ଦ୍ଦେଶକ ପ୍ରଫେସର ସୁମିତ ଅଗ୍ରୱାଲ ସାମ୍ପ୍ରତିକ ପରିସ୍ଥିତିରେ ଏପ୍ରକାର ଆଲୋଚନା ଚକ୍ରର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରି ଶିକ୍ଷକମାନଙ୍କ ତାଲିମ୍ ଓ ପ୍ରଶିକ୍ଷଣ ଉପରେ ନିଜର ମତାମତ ଉପସ୍ଥାପନା କରିଥିଲେ। ପ୍ରାରମ୍ଭରେ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଫେସର ଶଙ୍କର ପ୍ରସାଦ ପତି ଅତିଥି ପରିଚୟ ଓ ସଭ୍ୟ ସମ୍ପାଦକ ରଘୁନାଥ ମିଶ୍ର ଲାଇବ୍ରେରି ବିଷୟରେ ଏକ ବିବରଣୀ ପାଠ କରିଥିଲେ। ଏହି ଅବସରେ ଜୀବନ ବ୍ୟାପି ଶିକ୍ଷା କ୍ଷେତ୍ରରେ ସାଧନା ପାଇଁ ପ୍ରଫେସର ହୃଷିକେଶ ସେନାପତି ଓ ପ୍ରଫେସର ପ୍ରଦୀପ୍ତ କୁମାର ମିଶ୍ରଙ୍କୁ ''ଲାଇବ୍ରାରୀ ସମ୍ମାନ'' ପକ୍ଷରୁ ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଫେସର ରବିନାରାୟଣ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଶେଷରେ ବରିଷ୍ଠ ସଭ୍ୟ ଅରବିନ୍ଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଯଥା ଡା. ନାରାୟଣୀ ପଣ୍ଡା, ଡା. ବିନୋଦ ଚନ୍ଦ୍ର ନାୟକ, ଆଇନ କଲେଜର ଅଧକ୍ଷ ବିଜୟାନନ୍ଦ ବେହେରା, ଗୋପରଞ୍ଜନ ଦୁବେ, ଅର୍ଜୁନ ରଞ୍ଜନ ପଣ୍ଡା, ପ୍ରଫେସର ମୀନକେତନ ପାଠୀ, ଶିବଶଙ୍କର ଷଡ଼ଙ୍ଗୀ, ଅଶୋକ ହୋତା, ଅକ୍ଷୟ ବାରିକ, ପଫୁଲ୍ଲ ହୋତା, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଉପକୂଳସଚି ଉମାଚରଣ ପତି, ପ୍ରଫେସର କାମଦେବ ସାହୁ, ଗୋଳକ ବିହାରୀ ମିଶ୍ର, ପୃଥିବୀରାଜ ମିଶ୍ର, ଅଜିତ କୁମାର ଦାଶ, ବରିଷ୍ଠ ସାମ୍ବାଦିକ ହେମନ୍ତ ମହାପାତ୍ର, ଶ୍ୟାମସୁନ୍ଦର ଧରଙ୍କ ସମେତ ସହର ଓ ସହର ବାହାରୁ ଅନେକ ଶିକ୍ଷାବିତ୍, ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ସମାଜସେବୀ, ସାମ୍ବାଦିକ ତଥା ଅବିଭାବକମାନେ ଯୋଗ ଦେଇଥିଲେ ।



ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ୩୪ତମ ବାର୍ଷିକ ଉତ୍ସବ ପାଳନ ଅବସରରେ 'ପଞ୍ଚିମା ପବ୍ଲିକେଶନ' ଦ୍ୱାରା ପ୍ରକାଶିତ ଜୟନ୍ତୀ ବିଶ୍ୱାଳ ବେହୁରିଆଙ୍କ ଦ୍ୱିତୀୟ କବିତା ପୁସ୍ତକ 'ଏ ଯୁଦ୍ଧ ବି ସରିଯିବ ଦିନେ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ।

# ଶାଳବନ୍ଧଠାରେ ଦମନ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୀଳଗିରି , ୧୨/୦୮ (ନି.ପ୍ର): ଭାରତ ତଥା ଓଡ଼ିଶାର ଦୁର୍ଗମ ଅଞ୍ଚଳରେ ଜାତୀୟ ରେକ୍ଟର ବାହିତ ରୋଗ ମ୍ୟାଲେରିଆକୁ ନିୟନ୍ତ୍ରଣ ପାଇଁ ଓଡ଼ିଶା ସରକାର ଦମନ ନାମରେ ଏକ ସଚେତନ କାର୍ଯ୍ୟକ୍ରମ କରୁଛନ୍ତି । ଏହି କ୍ରମରେ ବାଲେଶ୍ୱର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆନୁକୂଲ୍ୟରେ ନୀଳଗିରି ଉପଖଣ୍ଡ ଅଧିନସ୍ଥ କାହାଲିଆ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଶାଳବନ୍ଧ ଠାରେ ଏକ ମ୍ୟାଲେରିଆ (ଦମନ) ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଗତ ୧୦ତାରିଖରୁ ୧୨ତାରିଖ ତିନିଦିନ ଧରି ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଲୋକମାନଙ୍କର( ଆର.ଡି.କେ) ପରୀକ୍ଷା କରାଯାଇଛି। ଏଥିସହିତ ଗର୍ଭବତୀ, ପ୍ରସୂତୀ ଓ ଛୋଟପିଲା ମାନଙ୍କର ଓଜନ, ରକ୍ତର ପରିମାଣ ଏବଂ ବୟସ ଅନୁଯାଇ ଉଚ୍ଚତା ମାପ କରାଯାଇଥିଲା। କାର୍ଯ୍ୟକ୍ରମର ଶେଷଦିନ ମ୍ୟାଲେରିଆ ସଚେତନତା ଉପରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଇଶ୍ୱରପୁର ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ସନ୍ତରାଗଡିଆ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ସ୍ୱାସ୍ଥ୍ୟ ପରିଦର୍ଶକ ରଞ୍ଜନ କୁମାର ବେହେରା, ମହିଳା ସ୍ୱାସ୍ଥ୍ୟକର୍ମୀ ଶକୁନ୍ତଳା ନାୟକ, ପୁରୁଷ ସ୍ୱାସ୍ଥ୍ୟକର୍ମୀ ଗୋଲକ ବିହାରୀ ଦାସ, ସି. ଏଚ୍. ଓ ସୁଚିତ୍ରା ସିଂ, ଅଙ୍ଗନବାଡି କର୍ମୀ ନିରୁପମା ବିଶ୍ୱାଳ, ଆଶାକର୍ମୀ ଦିପ୍ତିରେଖା ଦାସ, ସସ୍ମିତା ବାରିକ, ସୁମନ, ମାଣିକ ସେଠୀ, ସହାୟିକା ସୀମା ସିଂ, ରଶ୍ମୀ ରଞ୍ଜିତା ପ୍ରଧାନ, ସୁବର୍ଣ୍ଣକ୍ଷ ବେହେରା , ସୁସ୍ମିତା ମଲିକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନ କରିଥିଲେ।



# ନୀଳମଣି କଲେଜ ପରିଦର୍ଶନ କଲେ ନାକ୍ ଟିମ୍

ରୂପ୍ସା, ୧୩/୦୮ (ନି.ପ୍ର): ବାଲେଶ୍ୱର ସଦର ବ୍ଲକ୍ ଅଧୀନ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟକୁ ନାକ୍ ଟିମ୍ ଦୁଇଦିନିଆ ପରିଦର୍ଶନରେ ଆସିଥିଲେ । ନାକ୍ ପିଅର ଟିମ୍ର ଚେୟାରମ୍ୟାନ୍ ଗୁଜୁରାଟ ବିଶ୍ୱବିଦ୍ୟାଳୟର ପ୍ରଫେସର ମୟୂରବେନ ଭାଟିଆ, ମେମ୍ବର କୋଅର୍ଡିନେଟର ଆନ୍ଧ୍ରପ୍ରଦେଶସ୍ଥିତ ରୟାଲସୀମା ବିଶ୍ୱବିଦ୍ୟାଳୟର ପ୍ରଫେସର ଟିକେ ନାୟକ ନୈନାୱାଥ, ମେମ୍ବର ମହାରାଷ୍ଟ୍ରସ୍ଥିତ ମହାରାଜା ଜିବାଜୀରାଓ ସିନ୍ଦେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡିକେ ମାସ୍କେ ପ୍ରମୁଖ ମହାବିଦ୍ୟାଳୟରର ସମସ୍ତ ବିଭାଗ ପରିଦର୍ଶନ କରିଥିଲେ । ଗଭର୍ନିଂ ବଡି ପ୍ରେସିଡେଣ୍ଟ ଅବସରପ୍ରାପ୍ତ ପ୍ରାଧ୍ୟାପକ ରାମଚନ୍ଦ୍ର ସାହୁ, ଅଧକ୍ଷ ଡ. ତପନ କୁମାର ବେହେରା, ନାକ୍ ସଂଯୋଜକ ଅଧାପକ ଗୌରାଙ୍ଗ ପଣ୍ଡା, ଆଇକ୍ୟୁଏସି ସଂଯୋଜକ ଅଧାପକ ଚନ୍ଦନ କୁମାର ଦାସ ପ୍ରମୁଖ ନାକ୍ ଟିମ୍କୁ ମୂଲ୍ୟାୟନ କାର୍ଯ୍ୟରେ ସହଯୋଗ କରିଥିଲେ । ମହାବିଦ୍ୟାଳୟ ପରିସରରେ ନାକ୍ ପିଅର ଟିମ୍ର ସଦସ୍ୟମାନଙ୍କୁ ମହାବିଦ୍ୟାଳୟର ପରିଚାଳନା ସମିତି, ଅଧାପିକା ଅଧାପକ, ଅଣ ଶିକ୍ଷକ କର୍ମଚାରୀ, ଛାତ୍ରଛାତ୍ରୀ, ପୁରାତନ ଛାତ୍ର ସଂସଦ ଓ ପିତାମାତା ଶିକ୍ଷକ ସଂଗଠନ ତରଫରୁ ସ୍ୱାଗତ କରାଯାଇଥିଲା । ଛାତ୍ରଛାତ୍ରୀ, ପୁରାତନ ଛାତ୍ର ସଂସଦର ସଦସ୍ୟ, ପିତାମାତା ଶିକ୍ଷକ ସଙ୍ଗଠନ, ଶିକ୍ଷକ ଓ ଅଣଶିକ୍ଷତା କରିଥିଲେ । ଅଧାପକ ଗୌରାଙ୍ଗ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ନାକ୍ ପିଅର ଟିମ୍ର ଅଧକ୍ଷ ପ୍ରଫେସର ମୟୂରୀବେନ ଭାଟିଆ ମହାବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ । ଶେଷରେ ଅଧାପକ ଚନ୍ଦନ କୁମାର ଦାସ ଧନ୍ୟବାଦ ଦେଇଥିଲେ । ନାକ ମୂଲ୍ୟାୟନର ବିଶେଷ ଗୁରୁତ୍ୱ ନିଭାଇଥିବା ଅଧାପିକା ରୋଜାଲିନ ସ୍ୱାଇଁ, ଅଧାପିକା ଇତିଶ୍ରୀ ମହାନ୍ତ, ଅଧାପକ ଶାନ୍ତନୁ ଜେନା, ଅଧାପକ ତପନ ଦାସ, ଅଧାପକ ଲାଖିରାମ ହାଁସଦା, ଅଧାପକ ଓ ସମସ୍ତ ବିଭାଗୀୟ ମୁଖ୍ୟ, ଶିକ୍ଷକ ଓ ଅଣ ଶିକ୍ଷକ ମାନେ ନାକ ମୂଲ୍ୟାୟନରେ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ନିଭାଇଥିଲେ।




# ଗ୍ରାମସଭାରେ ଆଲୋଚନା ପାଇଁ କୃଷିକ୍ରାନ୍ତି ଅଭିଯାନର ପ୍ରସ୍ତୁତି ପର୍ବ



ଉଦଳା , ୧୨/୦୮ (ନି.ପ୍ର): ଲୋକ ସଂଗଠନ ଜନଜାଗୃତି ମଂଚ ତରଫରୁ ମୟୂରଭଂଜ ଜିଲ୍ଲାର ବିଭିନ୍ନ ବ୍ଲକ ଅଂଚଳ ମଧ୍ୟରେ ଚାଲିଥିବା କୃଷି କ୍ରାନ୍ତି ଅଭିଯାନର କର୍ମୀ ବୃନ୍ଦ ଏକତ୍ରୀତ ହୋଇ କୃଷକ ମାନଙ୍କର ସମସ୍ୟା ବିଷୟରେ ବିସ୍ତୃତ ଆଲୋଚନା କରିଛନ୍ତି । ଚଳିତ ଅଗଷ୍ଟ ୧୫ ତାରିଖ ସ୍ୱାଧିନତା ଦିବସ ଦିନ କୃଷି ଉପରେ ଆଧାରିତ ସ୍ୱତନ୍ତ୍ର ଗ୍ରାମସଭା ବୈଠକରେ ଯୋଗ ଦେଇ ଦ୍ୱିତୀୟ (ରବି) ଫସଲ ପାଇଁ ଦେଖାଯାଉଥିବା ସମସ୍ୟା ଓ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ସୁବିଧା ଯଥା- ଜଳସେଚନର ସୁବିଧା ଓ ଏହାର ଉତ୍ସ, ବିହନ ବଂଟନର ବ୍ୟବସ୍ଥା ଏବଂ କୃଷକ ଓଡ଼ିଶା ପୋର୍ଟାଲରେ ଚାଷୀ ମାନଙ୍କର ନାମ ପିକରଣ ଇତ୍ୟାଦି ଆଲୋଚନା ପାଇଁ ପ୍ରସ୍ତୁତି ପର୍ବ ଚୁଡ଼ାନ୍ତ ରୁପ ନେଇଛି ବୋଲି ମଂଚର ଟିମ ଲିଡ଼ର ଗଦାଧର ଦାଶ ଜଣାଇଛନ୍ତି । ଏଥିପାଇଁ ୬ ଗୋଟି ବ୍ଲକର ୧୨ ଗୋଟି ପଂଚାୟତକୁ ମନୋନିତ କରାଯାଇଛି । ଯୋଜନାବଦ୍ଧ ଭାବରେ ଏହାକୁ ସଫଳ କରିବା ପାଇଁ ପ୍ରତି ପଂଚାୟତ ପିଛା ଜଣେ ଜଣେ କର୍ମୀଙ୍କୁ ଦାୟିତ୍ୱ ଦିଆଯାଇଛି । ବାରିପଦା ସଦର ବ୍ଲକର ରାଜାବସା ପଂଚାୟତ ପାଇଁ କାରୁକର, ଶ୍ୟାମାଖୁଂଟା ବ୍ଲକର ବାଡଁଶ ବିଲା ପଂଚାୟତ ପାଇଁ ଅଭିଲିପ୍ସା, ଗୋପବନ୍ଧୁନଗର ବ୍ଲକର ଭଣ୍ଡଗାଁ ଓ ରାଣିବନ୍ଧ ପଂଚାୟତ ପାଇଁ ଯଥାକ୍ରମେ ନିରୁପମା ଓ ଗୌତମ, ଖୁଂଟା ବ୍ଲକର ବୃନ୍ଦାବନଚନ୍ଦ୍ରପୁର ଓ ଧାନଘେରା ପଂଚାୟତ ପାଇଁ ଯଥାକ୍ରମେ ଆରତି ଓ ଭାରତି, ଉଦଳା ବ୍ଲକର ଶ୍ରୀଦାମଚନ୍ଦ୍ରପୁର, କୁଣ୍ଡାବାଇ ଓ ଖଳାଡ଼ି ପଂଚାୟତ ପାଇଁ ଯଥାକ୍ରମେ ରୁପାଏ, ରାମଚନ୍ଦ୍ର ଓ ସସ୍ମିତା, କପ୍ତିପଦା ବ୍ଲକର କୋଳିଅଳମ, ଚକ୍ରଧରପୁର ଓ ଦେବଳ ପଂଚାୟତ ପାଇଁ ଯଥାକ୍ରମେ ହରପ୍ରିୟା, ରାମାୟ ଓ ଅବନ୍ତି ପ୍ରମୁଖଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି । ସେହିପରି ବିଭିନ୍ନ ପଂଚାୟତ ବୁଲିବୁଲି ତଥ୍ୟ ସଂଗ୍ରହ ପାଇଁ ଲାଲମୋହନ ଓ ସୁବ୍ରତଙ୍କୁ କୁହାଯାଇଛି ବୋଲି ଟିମ ଲିଡ଼ର ଶ୍ରୀଯୁକ୍ତ ଦାଶ ଘୋଷଣା କରିଛନ୍ତି ।

# ମହିଳାଙ୍କୁ ହତ୍ୟା ମାମଲା: ସ୍ୱାମୀ, ଶ୍ୱଶୁର କୋର୍ଟ ଚାଲାଣ

ବସ୍ତା, ୧୩/୦୮ (ନି.ପ୍ର): ରୂପସା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଜହତା କୂଳ ଗ୍ରାମର ଜଣେ ମହିଳା ହରପ୍ରିୟା ନାୟକ (୨୨)ଙ୍କୁ ହତ୍ୟା ମାମଲାରେ ପୋଲିସ ଅଭିଯୁକ୍ତ ସ୍ୱାମୀ ବିଜୟ ନାୟକ ଓ ଶ୍ୱଶୁର ଦାମୋଦର ନାୟକଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି । ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା ନଂ ୮୦/୨୩ ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଛି । ଗତ ଗୁରୁବାର ରାତିରେ ସମସ୍ତେ ଖାଇ ସାରି ଶୋଇଥିଲେ । ଶୁକ୍ରବାର ଭୋର ମହିଳା ଜଣକ ଘରେ ବେକରେ ଶାଢ଼ୀ ବାନ୍ଧି ଫାଶୀ ହୋଇଥିବାର ପରିବାର ଲୋକେ ଦେଖିଥିଲେ । ସେ ବଞ୍ଚିଥିବା ଭାବି ପରିବାର ଲୋକେ ମହିଳାଙ୍କ ବେକରୁ ଶାଢ଼ୀ ଖୋଲି ମେଡିକାଲ ନେବାକୁ ବାହାରିଥିଲେ । ଖବର ପାଇ ମୃତ ମହିଳାଙ୍କ ବାପଘର ଓ ସମ୍ପର୍କୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ । ହରପ୍ରିୟାକୁ ଶାଶୂଘର ଲୋକେ ହତ୍ୟା କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ ସହ ତଦନ୍ତ ଆରମ୍ଭ କରିଥିଲେ । ଗତକାଲି ମୃତଦେହ ବ୍ୟବଚ୍ଛେଦ ହୋଇ ଗାଁ ଶ୍ମଶାନରେ ଅନ୍ତେଷ୍ଟି କ୍ରିୟା ସମ୍ପନ୍ନ ହୋଇଥିଲା । ୨୦୧୮ ରେ ଏହି ଥାନା ଆଗୁରଗୋହିରା ଗ୍ରାମର ରାମଚନ୍ଦ୍ର ମନ୍ତ୍ରୀଙ୍କ ଏକ ମାତ୍ର କନ୍ୟା ହରପ୍ରିୟା ଙ୍କ ସହ ବିଜୟଙ୍କର ବୈଦିକ ରୀତି ଅନୁଯାୟୀ ବିବାହ ହୋଇଥିଲା । ତାଙ୍କର ଜଣେ ୪ ବର୍ଷର ଶିଶୁକନ୍ୟା ଅଛି ।

## ସମୁଦ୍ରକୂଳ ଟ୍ୟୁବୱେଲ ଅଚଳ

ପୁରୀ, ୧୩/୦୮ (ନି.ପ୍ର): ପୁରୀ ବିଶ୍ୱ ବିଖ୍ୟାତ ପର୍ଯ୍ୟଟନ ସ୍ଥଳୀ । ପ୍ରତିଦିନ ରାଜ୍ୟ ଓ ଦେଶ ବିଦେଶରୁ ହଜାର ହଜାର ପର୍ଯ୍ୟଟକ ପୁରୀ ଆସୁଛନ୍ତି । ସ୍ୱର୍ଣ୍ଣାଭ ବେଳାଭୂମି ଓ ସମୁଦ୍ରର ନୀଳ ଜଳ ରାଶି ଦର୍ଶନ କରି ବିମୋହିତ ହେଉଛନ୍ତି ପର୍ଯ୍ୟଟକ । ପୁରୀ ସିବିଚ୍ ର ଉନ୍ନତିକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ ତାହା ନଷ୍ଟ ହୋଇଯାଉଛି । ପର୍ଯ୍ୟଟକମାନେ ସମୁଦ୍ରରେ ସ୍ନାନ କରିବା ପରେ ଗୋଡ଼ ହାତ ଧୋଇବା ପାଇଁ ଟ୍ୟୁବୱେଲ ନିର୍ମାଣ କରାଯାଉଛି । ସମୁଦ୍ରକୂଳ ଜଳପତନ ଅଳ୍ପ ଦୂରରେ ଥିବା ବେଳେ ଟ୍ୟୁବଲରୁ କିନ୍ତୁ ପାଣି ବାହାରୁନଥିବା ଦେଖିବାକୁ ମିଳୁଛି । ପର୍ଯ୍ୟଟକମାନେ ଟ୍ୟୁବଲ ହ୍ୟାଣ୍ଡଲ ମାରି ଆଗକୁ ଚାହିଁଲା ବେଳକୁ ଟୋପାଏ ପାଣି ନାହିଁ । ଯାହାଫଳରେ ପର୍ଯ୍ୟଟକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ପୁରୀ ପୌରସଂସ୍ଥା ସମୁଦ୍ରକୂଳେ ବିଭିନ୍ନ ଉତ୍ସବ ପାଳନ କରୁଥିବା ଅନୁଷ୍ଠାନ ଠାରୁ ହଜାର ହଜାର ଟଙ୍କା ଦେୟ ନେଉଥିଲେ ମଧ ସମୁଦ୍ରକୂଳର ଉନ୍ନତି ହୋଇପାରୁନାହିଁ । କେବଳ ପ୍ରଚାର ପ୍ରସାର ,ଟିଣ ସାଇନ ବୋର୍ଡ଼ରେ ଆର୍ନ୍ତଜାତୀୟ ବେଳାଭୂମି ଲେଖା ଦେଖିବାକୁ ମିଳୁଥିବା ବେଳେ ପ୍ରକୃତ ପକ୍ଷରେ ସେଭଳି ଉନ୍ନତି କରାଯାଇ ପାରିନଥିବା ପର୍ଯ୍ୟଟକମାନେ ଅଭିଯୋଗ କରୁଛନ୍ତି ।

## ୟୁପିରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ଯୋଗୀ ଆଦିତ୍ୟନାଥ

ଗୋରଖପୁର,୧୩/୦୮ : ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରବିବାର ଗୋରଖନାଥ ମନ୍ଦିର ପରିସରରେ ଜାତୀୟ ପତାକା ତ୍ରିରଙ୍ଗା ଉଡାଇ ହର୍ ତ୍ରିରଙ୍ଗା ଅଭିଯାନର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଯୋଗୀ ସେଲଫି ନେବା ସହ ନିଜ ସେସିଆଲ ମିଡିଆ ଆକାଉଂଟରେ ପ୍ରୋଫାଇଲ୍ ଫଟୋକୁ ବଦଳାଇଛନ୍ତି । କାର୍ଯ୍ୟକ୍ରମରେ ସ୍ୱାଧୀନତାର ଅମୃତ ମହୋତ୍ସବରେ ସାମିଲ ହେବାକୁ ରାଜ୍ୟବାସୀଙ୍କୁ ଅପିଲ କରିଛନ୍ତି ଯୋଗୀ ଆଦିତ୍ୟନାଥ । ଘରେ ଘରେ ତ୍ରିରଙ୍ଗା ଉଡାଇବା ସହ ସ୍ୱାଧୀନତା ଦିବସ ପୂର୍ବରୁ ଏହି ଅଭିଯାନରେ ସାମିଲ ହେବାକୁ ଲୋକଙ୍କୁ କହିଛନ୍ତି।

# 'ହର ଘର ତ୍ରିରଙ୍ଗା' ଅଭିଯାନରେ ସାଂସଦଙ୍କ ଘରେ ଉଡ଼ିଲା ଜାତୀୟ ପତାକା

ନୀଳଗିରି, ୧୩/୦୮ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ସାରା ଦେଶରେ ଆରମ୍ଭ ହୋଇଛି ହର ଘର ତ୍ରିରଙ୍ଗା ଅଭିଯାନ। ସ୍ୱାଧୀନତା ଦିବସକୁ ସ୍ମରଣୀୟ କରିବା ସହିତ ଏକତାର ସୂତ୍ରରେ ବାନ୍ଧିବା ଜଣେ ଦାୟିତ୍ୱବାନ ନାଗରିକ ଭାବରେ ନିଜ ଘରେ ତ୍ରିରଙ୍ଗା ପତାକା ଉଡାଇ ସମ୍ମାନ ଦେବାକୁ ସେ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ତାଙ୍କର ଗୋପୀନାଥପୁର ଚାଳଛପର ଘରେ ତ୍ରିରଙ୍ଗା ପତାକା ଉଡାଇ ଛନ୍ତି ।ଏଥିରେ ତାଙ୍କର ଶୁଭେଚ୍ଛୁ ଓ ସମର୍ଥକ ଉପସ୍ଥିତ ଥିଲେ। ପ୍ରତ୍ୟେକ ସ୍ୱାଭିମାନୀ ଓ ଦାୟିତ୍ୱବାନ ନାଗରିକ ସେମାନଙ୍କ ଅନୁଷ୍ଠାନ ଏବଂ ନିଜ ଘରେ ତ୍ରିରଙ୍ଗାକୁ ସମ୍ମାନ ଜଣାଇ ପତାକା ଉଡ଼ାଇବାକୁ ସାଂସଦ ଶ୍ରୀ ଷଡ଼ଙ୍ଗୀ ଆହ୍ୱାନ କରିଛନ୍ତି।



**OFFICE OF THE PRINCIPAL, DINEKRUSHNA COLLEGE, JALESWAR, BALASORE**

**TENDER CALL NOTICE**

**No: 01/DKC/ADV/2023** **Date: 12.08.2023**

Sealed tenders are invited from registered firms/ Authorized Dealers/ Manufactures/ Distributers for supply of Electronics Devices & Laboratory Equipments to different departments of D.K. College, Jaleswar. The detailed of Tender application fromat, terms & conditions are available in the principal's office on payment of non-refundable amount of Rs. 1000/- (Rupees one Thousand) only during office hour on or before dt. 17.08.2023 upto 5 p.m. The last date and time for receipt of complete tender papers is dt. 21.08.2023 up to 4 p.m.

Sd/- Principal

# ସାପ କାମୁଡାରେ ଯୁବକ ମୃତ



ବସ୍ତା, ୧୩/୦୮ (ନି.ପ୍ର): ସିଂଲା ଥାନା ଅନ୍ତର୍ଗତ ଆଳୁମେଦା ପଞ୍ଚାୟତ ର ମିର୍ଗାପାହି ଗ୍ରାମରେ ଆଜି ଅପରାହ୍ନରେ ବିଲକୁ କାମ କରିବାକୁ ଯାଇ ଥିବା ବେଳେ ବିଷାକ୍ତ ସର୍ପ ଦଂଶନରେ ଜଣେ ଯୁବକର ମୃତ୍ୟୁ ହୋଇଛି । ମୃତ ଯୁବକ ଜଣକ ମିର୍ଗାପାହି ଗ୍ରାମର ଦିଲ୍ଲୀପ ସାହୁ (୩୫ ବର୍ଷ)। ସୂଚନା ଅନୁଯାୟୀ ଏବେ ଧାନ ରୂଆ ସମୟ ହୋଇଥିବା ରୁ ଦିଲ୍ଲୀପ ବିଲ କୁ କାମ କରିବାକୁ ଯାଇଥିଲେ । ବିଲ ରୁ ଫେରିବା ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡି ଥିଲା। ପରିବାର ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇ ଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ ଦିଲ୍ଲୀପ ଜଣେ ଅତ୍ୟନ୍ତ ଗରିବ ପରିବାର ର ହୋଇଥିବା ବେଳେ ତାଙ୍କର ଜଣେ ୬ ବର୍ଷ ର ପୁଅ ଏବଂ ୨ ବର୍ଷ ର ଝିଅ ରହିଛି। ତେଣୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇବା ଦେବାକୁ ଗ୍ରାମବାସୀ ମାନେ ନିବେଦନ କରିଛନ୍ତି ।

# ଦାଦନ ଖଟିବାକୁ ପରିସ୍ଥିତି ମତେ ବାଧ କରୁଛି : ପାନ ହେମ୍ବ୍ରମ

ଉଦଳା , ୧୩/୦୮ (ନି.ପ୍ର): ଉଦଳା ବ୍ଲକର ବଡ଼ସିଙ୍ଗାରିଆ ପଂଚାୟତ ଅନ୍ତର୍ଗତ ନୂଆସାହି ଗ୍ରାମର ବାସିନ୍ଦା ରାମହରି ହେମ୍ବ୍ରମଙ୍କ ସହଧର୍ମିଣୀ ପାନ ହେମ୍ବ୍ରମ ଅନେକ ସମୟରେ ଦାଦନ ଖଟିବା ପାଇଁ ବାହାରକୁ ଯାଉଛନ୍ତି । ଏ ବାବଦରେ ପାନଙ୍କୁ ପଚାରିବାରୁ ସେ ଉତର ଦେଲେ ମୁଁ ଖୁସିରେ ଦାଦନ ଖଟିବାକୁ ଯାଉ ନାହିଁ, ମୋର ପରିସ୍ଥିତି ମୋତେ ଏଥିପାଇଁ ବାଧ କରୁଛି । ନୂଆସାହିରେ ଦିର୍ଘ ବର୍ଷର ରହଣିକାଳ ମଧରେ ଆଜି ପର୍ଯ୍ୟନ୍ତ ମୋର ଭୋଟ ପରିଚପତ୍ର, ଆଧାର କାର୍ଡ଼, ବିଜୁ ସ୍ୱାସ୍ଥ୍ୟ କାର୍ଡ଼, ରାସନ କାର୍ଡ଼ ଓ ଜବ୍ କାର୍ଡ଼ କିଛି ହେଲେ ନାହିଁ । ଫଳରେ ଖାଦ୍ୟ ଯୋଜନାରେ ମୁଣ୍ଡପିଛା ମିଳୁଥିବା ୫ କି.ଗ୍ରା ଚାଉଳ ମୋତେ ମିଳୁ ନାହିଁ । ଜବ୍ କାର୍ଡ଼ ନଥିବା ଯୋଗୁଁ ମୋତେ କାମ ମିଳୁ ନାହିଁ କିମ୍ବା ଶରୀର ଅସୁସ୍ଥ ହେଲେ ଚିକିତ୍ସା ପାଇଁ ବିଜୁ ସ୍ୱାସ୍ଥ୍ୟ କାର୍ଡ଼ ମଧ ପାଖରେ ନାହିଁ । କେବଳ ଈଶ୍ୱରଙ୍କୁ ଭରସା କରି ମୋତେ ଦିନ ବିତାଇବାକୁ ପଡୁଛି । ଏପରିକି ମୋର ଦ୍ୱିତୀୟ ଝିଅ ସୁନିତାର ବୟସ ୪ ବର୍ଷ ହୋଇ ଯାଇଥିଲେ ମଧ ସେ ଏ ପର୍ଯ୍ୟନ୍ତ ଅଙ୍ଗନୱାଡ଼ିରେ ନାମ ଲେଖାଇପାରି ନାହିଁ । ମୁଁ ଯେଉଁଠାକୁ କାମ କରିବାକୁ ଯାଉଛି ସେ ମୋ ସହିତ ଯାଉଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ପାନ ଜଣଇଛନ୍ତି । ମୋର ଝିଅକୁ ସରକାର ଅଙ୍ଗନୱାଡ଼ିରେ ଆଡ଼ମିସନ କରି ଦିଅନ୍ତୁ ବୋଲି ପାନ ଗୁହାରି ଜଣାଇଛନ୍ତି । ଜିଲ୍ଲାପାଳ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ୱେଚ୍ଛାସେବି ରାମଚନ୍ଦ୍ର ସିଂ ଦାବି ଜଣାଇଛନ୍ତି ।



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo